
ଦରଶ-32

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


ସପ୍ତମ ପୁଷ୍ପ ❊. ପ୍ରଥମ ପାଖୁଡ଼ା ❊ ଦ୍ୱାତ୍ରିଂଶତିତମ ସଂଖ୍ୟା ❊ ୩୨ ❊

ସଂପାଦକ : କେଶବ ଦାସ

ପ୍ରକାଶକ : ଶ୍ରୀ କେଶବ ଚନ୍ଦ୍ର ସାମଲ<br>
ସାଧାରଣ ସଂପାଦକ,<br>
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,<br>
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,<br>
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,<br>
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,<br>
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା<br>
ପିନ୍ - ୭୫୪୨୦୬<br>
ଫୋନ୍-(୦୬୭୧) ୨୭୬୭୧୦୧, ୨୭୬୭୬୭୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍‌ସି, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

❊ ଭକ୍ତି ପ୍ରେମାଞ୍ଜଳି:ପ୍ରତିଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ❊

❋ କେଶବାବ୍ଦ : ପଞ୍ଚପଞ୍ଚାଶତ୍ ❋ ମତ୍ସ୍ୟାବତାର ମାସ ❋ ଚୈତ୍ର ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ସପ୍ତମ ପୁଷ୍ପ ❋
ପ୍ରଥମ ପାଖୁଡ଼ା
ଦ୍ୱାତ୍ରିଂଶତିତମ ସଂଖ୍ୟା

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ।।

ପୁନଃ ମୁଦ୍ରଣ: କେଶବାବ୍ଦ : ଅଷ୍ଟପଞ୍ଚପଞ୍ଚାଶତ୍ (୫୮) ❋ ପୁତ୍ରଦା ମାସ ୨୦୧୩

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ପଦ୍ମପାଦ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଭଜନ | ୨ |
| ଆସିବେ ମୋ ପ୍ରେମମୟ ଠାକୁର | ୩ |
| ଗୁର୍ବଷ୍ଟକମ୍ | ୪ |
| **ମୁଖଶାଳା** | |
| ସଂପାଦକୀୟ | ୫ |
| 'ଚରମ'ର ଚିନ୍ତନ:ଏ ପାଖୁଡ଼ାରେ:ଆତ୍ମସମୀକ୍ଷା | ୮ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୧୧ |
| ପୁରାଣ ପୃଷ୍ଠାରୁ: ଗଳ୍ପାଂଶ | ୧୨ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : 'ମୋହ' | ୧୫ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୮ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୨୧ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୪ |
| ଜିଜ୍ଞାସା : ଜିଜ୍ଞାସୁ : | ୨୭ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୦ |
| କଲ୍ୟାଣ ହେଲି ତୋତେ | ୩୧ |
| କେଶବ କୈବଲ୍ୟ କଣିକା | ୩୩ |
| **ନୀଳଚକ୍ର** | |
| 'ଚରମ'ର ସଙ୍କେତ | ୩୫ |
| ପୂର୍ବସଂଖ୍ୟାରେ ପ୍ରକାଶିତ 'କବିତା'ର ବ୍ୟାଖ୍ୟା | ୩୮ |
| ପୂର୍ବ ସଂଖ୍ୟାରେ ପ୍ରକାଶିତ ଗଳ୍ପାଂଶର ମୀମାଂସା ଖଣ୍ଡ | ୪୦ |
| ଉତ୍ସବ ପରିଚିତି : | ୪୩ |

## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ।।




ମୂଳାଧାର କର୍ଣ୍ଣଧାର    ସ୍ୱାଧୀଷ୍ଠାନେ ସ୍ୱାଧୀନ ।  
ମଣିପୁର ପୁରୋହିତ    ଅନାହତ ପ୍ରବୀଣ ।।  
ବିଶୁଦ୍ଧରେ ଶୁଦ୍ଧଚିତ୍ତ    ଆଜ୍ଞାଚକ୍ର ଅନୁଜ୍ଞା ।  
ସହସ୍ରାର ସାର ଏକା    ବ୍ରହ୍ମରନ୍ଧ୍ର ପ୍ରଜ୍ଞା ।।

# ଅରୁଣସ୍ତମ୍ଭ

## ମଙ୍ଗଳାଚରଣ

ଅଜ୍ଞାନ ତିମିରେ ତ୍ୱମସିଚ ଭବନ୍
ତେଜଦୀପ୍ତଃ ପ୍ରଦୀପଃ ଫ !
ଅଜ୍ଞାନାବ୍ଧୌ ତ୍ୱମେକା ତରଣୀ
ନାବିକସ୍ତ୍ୱମ୍ ପ୍ରୟାତମ୍ ।
ଜାଡ୍ୟଦୋଷଂ ବିହରତୁ ଭବନ୍
ଜ୍ଞାନାଲୋକୈସ୍ତମେକଃ !
ଅଜ୍ଞାନାନାଂ ତ୍ୱମେବ ଶରଣଂ
ତ୍ୱଦନ୍ୟତ୍ ନାସ୍ତ୍ୟତ୍ରକଃ ??

'ଅଜ୍ଞାନ ଅନ୍ଧକାରରେ ଆପଣ ହିଁ ତେଜଦୀପ୍ତ ପ୍ରଦୀପ । ଅଜ୍ଞାନରୂପକ ସାଗରରେ ତୁମେ ହିଁ ଏକମାତ୍ର ନୌକା, ତୁମେ ହିଁ ସେହି ନୌକାର ନାବିକ । ଆପଣ ଜ୍ଞାନାଲୋକ ଦ୍ୱାରା ମୂର୍ଖତା ରୂପକ ଦୋଷକୁ ବିଶେଷ ଭାବରେ ହରଣ କରନ୍ତୁ । ଯେହେତୁ ଏକମାତ୍ର ତୁମେ ହିଁ ଅଜ୍ଞାନମାନଙ୍କର ଶରଣ ଅଟ । ତୁମ ବ୍ୟତୀତ ଏଥିପାଇଁ ଏଠାରେ ଅନ୍ୟ ଆଉ କେହି ନାହିଁ ॥'



## ପଦ୍ମପାଦ ବନ୍ଦନା

ପଦ୍ମପାଦ ପୀଠ ତଳେ ବାନ୍ଧଇ ବନ୍ଦନା ।
ପଦ୍ମପାଦ ମହିମା କେ' କରଇ କଳନା ॥
ପଦ୍ମପାଦ ପୀଠେ ମୋର ଏତିକି ମିନତି ।
ପଦ୍ମପାଦ କହିଦିଅ ପଦ ଝଂକି ଚିନ୍ତି ॥
ପଦ୍ମପାଦରୁ ଯେ ଗଙ୍ଗାଦେବୀ ତ ବାହାର ।
ପଦ୍ମପାଦ କଳିବାକୁ ଶକତି କାହାର ॥
ପଦ୍ମପାଦ ପରଶରେ ଅହଲ୍ୟା ତରିଲା ।
ପଦ୍ମପାଦ ପାଷାଣକୁ ନାରୀ ଜନ୍ମ ଦେଲା ॥
ପଦ୍ମପାଦ ଧ୍ୟାୟି କାକ ଭୁଷଣ୍ଡ ରହିଲା ।
ପଦ୍ମପାଦ ପାଇଁ କଳ୍ପ ବଟରେ ବସିଲା ॥
ପଦ୍ମପାଦ ଲାଗି ବଳି ପାତାଳେ ରହିଲେ ।
ପଦ୍ମପାଦ ପରଶକୁ ସରଗ ମଣିଲେ ॥
ପଦ୍ମପାଦ ଧ୍ୟାୟି ଅଗସ୍ତି ଯେ ମହାଋଷି ।
ଗଣ୍ଡୁଷ ମାତ୍ରକେ ସପ୍ତସିନ୍ଧୁ ଥିଲେ ଶୋଷି ॥
ପଦ୍ମପାଦ କଇବର୍ତ୍ତ ଧୋଇ ତୋଷ ହେଲା ।
ପଦ୍ମପାଦ ବିଜ୍ଞାନୀକୁ ସନ୍ତୋଷ ବିହିଲା ॥
ପଦ୍ମପାଦ ଶରଣରେ ରହି ବିଭୀଷଣ ।
ଲଙ୍କାରେ ହୋଇଣ ରାଜା କରିଲା ଶାସନ ॥
ପଦ୍ମପାଦ ଧ୍ୟାୟି ସେହି କଶ୍ୟପ କୁମାର ।
ହେଲେ ଷାଠିଏ ହଜାର ବାଳକେ ଉଦ୍ଧାର ॥
ପଦ୍ମପଦ ପ୍ରହଲାଦ ଦୃଢ଼େ ଆଶ୍ରା କଲା ।
ତହୁଁ ସ୍ୱର୍ଗପୁରେ ଇନ୍ଦ୍ରପଦରେ ବସିଲା ॥
ପଦ୍ମପାଦ ଧ୍ୟାୟି ଧ୍ରୁବ ରାଜପୁତ୍ର ଭଲା ।
ଶିଶୁମାର ଚକ୍ରେଯାଇ ସୁଖରେ ରହିଲା ॥
ପଦ୍ମପାଦ ଲାଗି ମୁରାସୁର ପ୍ରାଣଗଲା ।
ବ୍ରହ୍ମା ସେ ପାଦକୁ କେବେ କଳି ନ ପାରିଲା ॥
ପଦ୍ମପାଦ କରୁଣାରୁ କୁବୁଜା ସୁନ୍ଦରୀ ।
ପଦ୍ମପାଦ କୃପାଲଭି ହେଲେ ଗଲା ତରି ॥
ପଦ୍ମପାଦ ଲାଗି କାଳୀ ଦ୍ୱାପରେ ତରିଲା ।
ପଦ୍ମପାଦ ପରଶରୁ ମୁକତି ଲଭିଲା ॥
ପଦ୍ମପାଦ ସେବି ଭ୍ରାତାଲକ୍ଷ୍ମଣ ତ୍ରେତାରେ ।
ଧନ୍ୟହେଲା ଇହଲୋକେ ପୁଣି ପରପାରେ ॥
ପଦ୍ମପାଦ ରେଣୁ ସେବି ଏ ଦାସାନୁଦାସ ।
ପଦ୍ମପାଦ କରୁଣାରୁ ତରିବାର ଆଶ ॥
ପଦ୍ମପାଦ ଠାରେ ରହୁ ସଦା ମନ ମୋର ।
ପଦ୍ମପାଦ ଏ ଦାସକୁ ଏ କଲ୍ୟାଣ କର ॥
ପଦ୍ମପାଦ ବନ୍ଦନାରେ ଏ ଜୀବନ ଯାଉ ।
ପଦ୍ମପାଦ ଠାରେ ସଦା ଲୟ ସ୍ଥିର ଥାଉ ॥
ପଦ୍ମପାଦ ସେବା ଯୋଗ ଦିଅ ବାରେ ପ୍ରଭୁ ।
ପଦ୍ମପାଦ ସେବି ତରିଯିବି ଏହି ଭବୁ ॥
ପଦ୍ମପାଦ ପୀଠେ କୃତାଞ୍ଜଳିଟିଥି ଘେନି ।
ନିବେଦିଲେ ନେଇଥାନ୍ତି ପଦ୍ମପାଦ ବେନି ॥
ପଦ୍ମପାଦ ପୀଠେ ସାଷ୍ଟାଙ୍ଗରେ ପ୍ରଣିପାତ ।
କଲେ ପାଦ କାଟିଥାନ୍ତି ଶତ ପ୍ରତିଘାତ ॥
ପଦ୍ମପାଦ ହୃଦୟରେ କରୁଥିଲେ ଧ୍ୟାନ ।
ପଦ୍ମପାଦୁ କେବେ ନ ଟଳଇ ଭକ୍ତମନ ॥
ପଦ୍ମପାଦ ଅରବିନ୍ଦ ମକରନ୍ଦ ପାନ ।
କରୁଥାଉ ସଦା ମୋର ଷଡପଦ ମନ ॥

ପଦ୍ମପାଦ ଢାଳିଦିଅ କଲ୍ୟାଣ ପସରା ।
ପଦ୍ମପାଦ ପୀଠେ ଶିର ମୋର ନତ ପରା ॥




## ଭଜନ

କହିକି ପାରିବୁ ଦେଖିଲୋ ସଜନୀ
ଅବନା ମନ୍ଦିର ଟିଏ
ରୂପନାହିଁ ତା'ର ହୋଇ ଅଣାକାର
ଖେଳୁଛି ଯିଏ ସେ କିଏ.....ଲୋ ସଜନୀ....ଘୋଷା

କୋଟି ସୂର୍ଯ୍ୟସମ ଆଲୋକ ତାହାର
ତେଜରେ ଶୀତଳ ଥାଏ
କେବେ ନାଲି କେବେ ନୀଳ ରଶ୍ମୀ ନିଜେ
ଇଚ୍ଛାମତେ ରଚୁଥାଏ.....ଲୋ ସଜନୀ.... ।। ୧ ।।

ଦେଖା ସେ ଦିଏନି କଥାବି କହେନି
ଭାବ ଖାଲି ତୋଳୁଥାଏ
ମନ୍ଦିର ଭିତର କୋଳାହଳେ ରହି
ମଉନରେ ଦେଖୁଥାଏ.....ଲୋ ସଜନୀ.... ।। ୨ ।।

ଦୋମୁଣ୍ଡିଆ ସାପ ମୂଳରେ ରଖାଇ
ଫଣାଟିକୁ ଚାପିଦିଏ
ପିଣ୍ଡଟିଏ ଗଢ଼ି ଦଣ୍ଡଟିଏ ଯୋଡ଼ି
ତିନିଶିରା ଖଞ୍ଜିଦିଏ.....ଲୋ ସଜନୀ.... ।।୩।।

ଚିତ୍ରିଣୀ ଗୁଡ଼ାଇ ଚିତ୍ର ନ ଦେଖାଏ
ପବନରେ ଖେଳୁଥାଏ
ଚାରିସଖୀ ଧରି ଅଜପା ଜପରେ
ନିତ୍ୟ ଲୀଳା ରଚୁଥାଏ.....ଲୋ ସଜନୀ.... ।।୪।।

ବିବର ଦୁଇଟି ଖୋଲି ସୂର୍ଯ୍ୟଚନ୍ଦ୍ର
ବେନିଗ୍ରହଙ୍କୁ ଚଳାଏ
ମଣିବନ୍ଧ ଠାରେ ଆଲୋକ ପସରା
ମେଲି ଗୁପତରେ ଥାଏ .....ଲୋ ସଜନୀ.... ।।୫।।

କହ ମୋର ହଂସୀ ଅନ୍ଧାର ସୁଡଙ୍ଗେ
କଳାରୂପେ ଯିଏ ରହେ
ତା'କଳା ପରଶେ ସୁଡଙ୍ଗ କଳାରେ
ମହାଜ୍ୟୋତି ଜାଳିଦିଏ .....ଲୋ ସଜନୀ.... ।। ୬ ।।

# ଆସିବେ ମୋ ପ୍ରେମମୟ ଠାକୁର

ହୃଦୟ ବେଦିରେ ମୋର ଜାଳିଛି ଦୀପାଳି ଗୋ,
ଆସିବେ ମୋ ପ୍ରେମମୟ ଠାକୁର,
ବସିବେ ଅନ୍ତରେ ମୋର ଭାଷିବେ ମଧୁର ଗୀର
ମୋ କୁଂଜେ ବିତାଇବେ ରାତି ଗୋ,
ଆସିବେ ମୋ ପ୍ରେମମୟ ଠାକୁର ।। ୦ ।।

ସେହି ମୋ ଜୀବନ ସାଇଁ ବସିଛି ତାଙ୍କରି ପାଇଁ
ଆସନ ପାତି ହୃଦୟ ପୀଠରେ,
ରମିବେ ମୋର ସଙ୍ଗେ ପୀରତି ରସ ରଙ୍ଗେ
ଜୀବନ ଦେବତା ମୋର ଠାକୁରେ,
ସାଞ୍ଜ ସକାଳେ ନିତି ଜଣାଇ ପ୍ରଣତି ଗୋ,
ଚାହିଁଛି ମୁଁ ତାଙ୍କ କିଣା କିଙ୍କର ।। ୧ ।।

ହଜିବି ତାଙ୍କରି କୋଳେ ପୀରତି ମହୁଆ ଭୋଳେ
ରଂଗିଣୀ କୁଞ୍ଜଲତା ତଳେ ଗୋ,
ବୁକୁରେ ଲୋଟିବି ସୁଖେ ଚୁମ୍ବନ ଆଙ୍କିବି ମୁଖେ
ଭିଡ଼ିବେ ଯେବେ ମୋତେ ଗଳେ ଗୋ,
ମୋ ମନ ସୁମନ ମାଳା ବେଢ଼ିବ ତାଙ୍କରି ଗଳା
ଜଗାଇ ଅନ୍ତରେ ପ୍ରେମ ଅଙ୍କୁର ।। ୨ ।।

ମୁଁ ତାଙ୍କର ଅନୁରାଧା ରସମୟୀ ଶ୍ରୀରାଧା
ସେ ପରା ରସିକ ମଣି ଶେଖର,
ମୋହନ ମୁରଲୀ ସୁରେ ମିଳନୀ ରାଗ ରଚି
ରସିବେ ହୃଦୟ ତଟେ ମୋହର,
ଆତ୍ମାରେ ପରମାତ୍ମା ପରମାତ୍ମାରେ ଆତ୍ମା
ରତିସୁଖେ ମାତି ହେବ ବିଭୋର ।
ଆସିବେ ମୋ ପ୍ରେମମୟ ଠାକୁର ।। ୩ ।।

❖❖❖

# ଗୁର୍ବାଷ୍ଟକମ୍

ନାମୈବ ପରମୋଧର୍ମ     ନାମୈବ ପରମାଂ ଗତିଃ ।
ସର୍ବେଷାଂ ମୁକ୍ତି ଲାଭାୟ     କଲୌ ନାମୈବ କେବଳମ୍ ।। ୧ ।।

ନାମୈବ ପରମଂ ବ୍ରହ୍ମ     ନାମ ମେ ଜଗତଃ ଗୁରୁଃ ।
ନାମ୍ନା ପ୍ରୟୋଜନଂ ତୁବୈ     ଗୁରୁର୍ନାମୈବ କେବଳମ୍ ।। ୨ ।।

ଗୁରୁର୍ବ୍ରହ୍ମ ଗୁରୁର୍ବିଷ୍ଣୁ     ଗୁରୁରେବ ପ୍ରଜାପତିଃ ।
ଜନାନାଂ ପ୍ରାଣରକ୍ଷାର୍ଥଂ     ଗୁରୁର୍ନାମୈବ କେବଳମ୍ ।। ୩ ।।

ଗୁରୁ ସୃଜତି ମାନୁଷାନ୍     ଗୁରୁର୍ହି ପରିପାଳକଃ ।
ଗୁରୁ ସଂହାରକ ନିତ୍ୟଂ     ଗୁରୁଦେବୋହି କେବଳମ୍ ।। ୪ ।।

ଗୁରୁ ସଂସ୍କାରକସ୍ତୁ ବୈ     ଗୁରୁହି ଜ୍ଞାନଦାୟକଃ ।
ଚତୁର୍ଯ୍ୟୁଗେ ଚ ଯୋ ନିତ୍ୟଂ     ଗୁରୁଦେବୋହି କେବଳମ୍ ।। ୫ ।।

ଗୁରୁଃ ପିତା ଗୁରୁର୍ମାତା     ଗୁରୁରେବ ଭ୍ରାତା ସଖା ।
ଗୁରୁର୍ବିଦ୍ୟା ଗୁରୌଶ୍ୱର୍ଯ୍ୟା     ଗୁରୁଦେବୋହି କେବଳମ୍ ।। ୬ ।।

ଗୁରୁର୍ନାମ ଭଜେନ୍ନିତ୍ୟଂ     ଗୁରୁରେବ ସନାତନଃ ।
ଗୁରୁସ୍ତାପତ୍ରୟହରଃ     ଗୁରୁଦେବୋହି କେବଳମ୍ ।। ୭ ।।

ଗୁରୁରାଦ୍ୟ ର୍ଗୁରୁର୍ପ୍ରାନ୍ତଃ     ଗୁରୁହି ସଚରାଚରଃ ।
ତସ୍ମାତ୍ ଭଜତ ବୈ ବନ୍ଧୋ !     ଗୁରୁ କେଶବଃ କେବଳମ୍୨୨୨ ।। ୮ ।।

❖❖❖

**ମୁଖଶାଳା**

# ସଂପାଦକୀୟ

'ସକଳ ଘଟେ ନାରାୟଣ । ବସନ୍ତି ଅନାଦି କାରଣ ।।' ଯିଏ ସକଳ ମଧ୍ୟରେ ଠାକୁରଙ୍କୁ ଦର୍ଶନ କରିପାରେ, ଯାହାର ଦୃଷ୍ଟିରେ ବ୍ୟକ୍ତ ଏବଂ ଅବ୍ୟକ୍ତ ଉଭୟ ସେହି ଜୀବନଦେବତା ଠାକୁରେ; ତାହାର ବିଶ୍ୱାସ ହିଁ ପରମ ବିଶ୍ୱାସ । ଏହି ପରମ ବିଶ୍ୱାସ ହିଁ ପରିପୂର୍ଣ୍ଣତମ ମିଳନର ଭିତ୍ତିଭୂମି । ଏହାର ପରିଣତି ସ୍ୱରୂପ ସେହି ବ୍ୟକ୍ତି ହିଁ ଠାକୁରଙ୍କୁ ପ୍ରତି ମୁହୂର୍ତ୍ତରେ, ରାଗ ଅନୁରାଗରେ, କାମ କ୍ରୋଧରେ, ଲୋଭ ମୋହରେ, ମଦ ମାତ୍ସର୍ଯ୍ୟରେ, ପ୍ରତିଟି କର୍ମରେ ଏବଂ ପ୍ରକୃତିର ସକଳ ପୂର୍ଣ୍ଣାଙ୍ଗତାରେ ସାକ୍ଷାତ୍ କରେ । ସତ୍ୟଯୁଗରେ କାଶ୍ୟପ ଓ ଦିତିଙ୍କଠାରୁ ଜନ୍ମ ନେଲେ ଦୁଇଟି ପ୍ରଚଣ୍ଡ ରାକ୍ଷସ । ଜଣେ ହିରଣ୍ୟାକ୍ଷ, ଅନ୍ୟଜଣେ ହିରଣ୍ୟକଶିପୁ । ହିରଣ୍ୟକଶିପୁର ଦୁଇ ପୁଅ । ଜଣେ ଅନୁହ୍ଲାଦ, ଅନ୍ୟ ଜଣକ ପ୍ରହ୍ଲାଦ । ଅନୁହ୍ଲାଦ ହିରଣ୍ୟକଶିପୁ ପରି ଭଗବାନ ବିଷ୍ଣୁଙ୍କୁ ମାରିବା ପାଇଁ ଖୋଜୁଥିଲା । ଭଗବାନଙ୍କ ପ୍ରତି ସେ ଏହିପରି ଘୋରତର ଶତ୍ରୁତା ଭାବ ରଖିଥିଲା । ଅବଶ୍ୟ ତାହା ମଧ୍ୟ ଥିଲା ତା'ର ଏକ ପ୍ରକାର ଭକ୍ତି । ଏହି ଭକ୍ତିଭାବ କେବଳ ଭଗବାନ ବିଷ୍ଣୁ ହିଁ ଜାଣିଥିଲେ । ଅନ୍ୟମାନଙ୍କ ପାଖରେ ତାହା ସଂପୂର୍ଣ୍ଣ ଅଗୋଚର ଥିଲା । କିନ୍ତୁ ସାନଭାଇ ପ୍ରହ୍ଲାଦର ପିଲାଟି ଦିନରୁ ଭଗବାନ ବିଷ୍ଣୁଙ୍କ ପ୍ରତି ପ୍ରବଳ ଶ୍ରଦ୍ଧା, ଦୃଢ଼ ବିଶ୍ୱାସ ଏବଂ ଅସୀମ ଅନୁରାଗ ଥିଲା । ଦୁହେଁ ସେହି ରାକ୍ଷସ ହିରଣ୍ୟକଶିପୁର ପୁଅ । ମାତ୍ର ଉଭୟଙ୍କ ସ୍ୱଭାବରେ ଥିଲା ଆକାଶ ପାତାଳ ଫରକ୍ । ଏହାର କାରଣ ମଧ୍ୟ ଆଧ୍ୟାତ୍ମିକ ବିଜ୍ଞାନ ସମ୍ମତ । ଏହାକୁ ଅକାରଣ କୁହାଯାଇ ନପାରେ ।

ଜନ୍ମପୂର୍ବରୁ ଜନନୀର ଜଠରସ୍ଥ ଜରାୟୁରେ ଥିବା ସମୟରେ ଶିଶୁ ଅନେକ କିଛି ଶିକ୍ଷା କରେ । ସେହି ସମୟର ଶିକ୍ଷା ତା'ର ସମଗ୍ର ଜୀବନର ଶିକ୍ଷା ଅପେକ୍ଷା ଯଥେଷ୍ଟ ଅଧିକ ପ୍ରଭାବଶାଳୀ, ସର୍ବାଧିକ ମୂଲ୍ୟବାନ ମଧ୍ୟ । ଠାକୁରେ ତାଙ୍କର ଶ୍ରୀମୁଖରେ ଏହା ଜଗତର କଲ୍ୟାଣ ନିମିତ୍ତ ପ୍ରକାଶ କରିଅଛନ୍ତି ଏବଂ ତାହା 'କେଶବ କୈବଲ୍ୟ କଣିକା'ରେ ମଧ୍ୟ ଲିପିବଦ୍ଧ ହୋଇରହିଛି । ଅବଶ୍ୟ ସାଧାରଣ ବାପାମାଆମାନେ ଏକଥା ଜାଣି ନ ଥାନ୍ତି କିମ୍ବା ଜାଣିଥିଲେ ମଧ୍ୟ ଏହା ଉପରେ ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି । ଯେ କୌଣସି ପ୍ରକାରେ ସନ୍ତାନଟିଏ ଜନ୍ମଦେଇ ବାପାମାଆ ହୋଇଗଲେ ନିଜ ନିଜ ଜୀବନକୁ ସାର୍ଥକ ମନେ କରନ୍ତି । ପ୍ରକୃତ ଶିକ୍ଷାର ପରିପୂର୍ଣ୍ଣ ଫଳ ଓ ପରିଣତି ପାଇବା ପାଇଁ ଜନ୍ମ ପୂର୍ବରୁ ଶିକ୍ଷା ଆରମ୍ଭ ହେବା ଆବଶ୍ୟକ । ଏହି ପ୍ରକାର ସୂକ୍ଷ୍ମଶିକ୍ଷା ମାଆ ମଧ୍ୟରେ ଦୁଇ ପ୍ରକାର କ୍ରିୟା ମଧ୍ୟ ଦେଇ ଆରମ୍ଭ ହୋଇଥାଏ । ପ୍ରଥମ ପ୍ରକ୍ରିୟାରେ ମାଆ ନିଜେ ନିଜର ଶାରୀରିକ ଓ ମାନସିକ ଉନ୍ନତି କରିବା ଆବଶ୍ୟକ । ଦ୍ୱିତୀୟ ପ୍ରକ୍ରିୟାରେ ସେ ଯେଉଁ ଶିଶୁକୁ ଗର୍ଭରେ ଧାରଣ କରି ଶରୀର ପ୍ରଦାନ କରୁଛି, ତା' ପ୍ରତି ସଯତ୍ନ ଧ୍ୟାନ ଦେଇ ତା'ର ଶାରୀରିକ ଓ ମାନସିକ ଉନ୍ନତି ପ୍ରତି ଦୃଷ୍ଟିଦେବା ଆବଶ୍ୟକ । ଯେଉଁ ଶିଶୁ ମାତୃଗର୍ଭରେ ରହି ଧରାପୃଷ୍ଠରେ ଜନ୍ମ ଗ୍ରହଣ କରିବାକୁ ଯାଉଛି, ତା'ର ଆକୃତି ଓ

ପ୍ରକୃତି ବହୁ ପରିମାଣରେ ତା'କୁ ରୂପଦାନ କରୁଥିବା ମାଆ ଉପରେ ନିର୍ଭର କରେ । ମା'ର ଅଭୀପ୍ସା, ସଂକଳ୍ପ, ଜାଗତିକ ଓ ଆଧାତ୍ମିକ ପରିବେଶ ଉପରେ ଏହା ନିର୍ଭରଶୀଳ । ପ୍ରହ୍ଲାଦ ଜନ୍ମପୂର୍ବରୁ ଜନନୀର ଜରାୟୁରେ ଥିବାବେଳେ ଭଗବାନ ବିଷ୍ଣୁଙ୍କ ସମ୍ବନ୍ଧରେ ଶିକ୍ଷା ପାଇଥିବାରୁ ଜନ୍ମ ପରେ ହିଁ ତା' ମଧ୍ୟରେ ଅଦ୍ଭୁତ ଭଗବଦ୍ ଭକ୍ତି ଦେଖା ଦେଇଥିଲା । ଆଜନ୍ମ ଭକ୍ତ ପ୍ରହ୍ଲାଦର ନାମ ଭକ୍ତମାନଙ୍କ ତାଲିକାର ଶୀର୍ଷରେ । ଦ୍ୱିତୀୟରେ ତାଙ୍କ ଗୁରୁ ଦେବର୍ଷି ନାରଦଙ୍କର ନାମ । ପ୍ରହ୍ଲାଦ ମାଆ ପେଟରେ ଥିବା ସମୟରେ ନାରଦଙ୍କ ଠାରୁ ସମସ୍ତ ଆଧାତ୍ମିକ ଶିକ୍ଷା ଲାଭ କରିଥିଲେ । ପୌରାଣିକ ଗଳ୍ପ ଲମ୍ବାଇଲେ ତ ଲମ୍ବି ଲମ୍ବିଯିବ । ସଂକ୍ଷେପରେ କହୁଛି ହିରଣ୍ୟକଶ୍ୟପୁର ସ୍ତ୍ରୀ ଗୟାଧୂ ସଂଯୋଗ ବଶତଃ (ପ୍ରଭୁଙ୍କ ଅମୃତ ଲୀଳାରୁ) ଦେବର୍ଷି ନାରଦଙ୍କ ନିକଟରେ ଗର୍ଭବତୀ ଅବସ୍ଥାରେ ଅବସ୍ଥାନ କରିବାର ସୁଯୋଗ ଲାଭ କଲେ । ସନ୍ତାନ ସମ୍ଭବା ଗୟାଧୂ ଭକ୍ତିର ସହିତ ନିଜକୁ ନାରଦଙ୍କ ସେବାରେ ନିୟୋଜିତ କଲେ । ନାରଦ ତାଙ୍କ ସେବା ପରିଚର୍ଯ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଭଗବାନ ବିଷ୍ଣୁଙ୍କ ମହିମା, ମହତ୍ତ୍ୱ ଓ ଆରାଧନା ସମ୍ପର୍କରେ ସବିଶେଷ ଶିକ୍ଷା ଦେବାକୁ ଲାଗିଲେ । ଗର୍ଭସ୍ଥ ସନ୍ତାନ ନାରଦଙ୍କର ବାକ୍ୟ ଅତ୍ୟନ୍ତ ମନଯୋଗ ସହକାରେ ଶୁଣୁଥିଲା । ତା'ର ସମଗ୍ର ସତ୍ତାରେ ନାରଦଙ୍କର ଭକ୍ତିରସାତ୍ମକ କଥା ଭେଦି ଯାଉଥିଲା ଓ ସେହି ଅମୃତ ଭକ୍ତିରସରେ ଆପ୍ଲୁତ ହୋଇ ପଡୁଥିଲା । ଗର୍ଭସ୍ଥ ଶିଶୁ ସ୍ୱଚେତନାରେ ତାହା ବିଶେଷ ଭାବରେ ଗ୍ରହଣ କରୁଥିଲା । ଯଥା ସମୟରେ ପୁନଶ୍ଚ ସଂଯୋଗବଶତଃ ଗୟାଧୂ ହିରଣ୍ୟକଶିପୁ ନିକଟକୁ ବାହୁଡ଼ି ଆସିଲେ । ଯଥାକାଳରେ ପୁତ୍ର ସନ୍ତାନଟିଏ ଭୂମିଷ୍ଠ ହେଲା । ସେହିଁ ହିରଣ୍ୟକଶିପୁର ଦ୍ୱିତୀୟ ପୁତ୍ର ସନ୍ତାନ ପ୍ରହ୍ଲାଦ । ଶୈଶବରୁ ସେ ଥିଲା ଅନନ୍ୟ, ସ୍ୱତନ୍ତ୍ର । ସବୁ ସମୟରେ ଭାବରେ ନିମଗ୍ନ । ଆଖି ଦୁଇଟି ସ୍ୱପ୍ନିଳ । ମୁଖମଣ୍ଡଳ ଭକ୍ତିରସାଣିତ । ବାଲ୍ୟକାଳରେ ବିଷ୍ଣୁଙ୍କର ନାମ ଉଚ୍ଚାରଣ କରି ସେ ଆନନ୍ଦରେ ନୃତ୍ୟଗୀତରେ ମତ୍ତ ହୋଇଯାଉଥିଲା । ଶରୀର ରୋମାଞ୍ଚିତ ହେଉଥିଲା । ଆଖିରୁ ଧାରଧାର ଲୁହ ବହିଯାଉଥିଲା ।

ବାଲ୍ୟକାଳରୁ ପ୍ରହ୍ଲାଦ ଜାଣିଥିଲା ଏ ସଂସାର ମିଛ, ମାୟା, ମୋହ ଓ ଛଳନାରେ ପରିପୂର୍ଣ୍ଣ । ଏପରି ସଂସାର ପ୍ରତି ଆସକ୍ତ ନ ହୋଇ ମହାବିଷ୍ଣୁଙ୍କର ପାଦପଦ୍ମରେ ଆଶ୍ରୟ ନେବା ହିଁ ସର୍ବୋତ୍କୃଷ୍ଟ ପନ୍ଥା । ସେହି ସକଳ ସୃଷ୍ଟିର ଆଧାର, ସକଳ ଜୀବର ମୂଳ ମହାବିଷ୍ଣୁଙ୍କର ଚରଣ ପଙ୍କଜରେ ପ୍ରଣାମ ନିବେଦନ କରିବା ହିଁ ସର୍ବଶ୍ରେଷ୍ଠ ସାଧନା । ଦେଖା ଅଦେଖା, ଶୁଣା ଅଶୁଣା, ଜଣା ଅଜଣା ସବୁକିଛିର ସେ ହିଁ ସ୍ରଷ୍ଟା, ସେ ହିଁ ରକ୍ଷାକର୍ତ୍ତା, ପୁଣି ସେ ହିଁ ବିନାଶକର୍ତ୍ତା । ତାଙ୍କର ଆଦି ନାହିଁ, ଅନ୍ତନାହିଁ, ସୀମା ନାହିଁ, ଜନ୍ମନାହିଁ, ମୃତ୍ୟୁ ନାହିଁ, କ୍ଷୟ କିମ୍ବା ବୃଦ୍ଧି ମଧ୍ୟ ନାହିଁ । ସେ ଅନାଦି, ଅନନ୍ତ, ଅସୀମ, ଅକ୍ଷୟ, ଅଜର, ଅମର, ଅବ୍ୟୟ, ଅକ୍ଷର ।

ଜୀବନ ଆମର ଦୁଃଖପୂର୍ଣ୍ଣ । ମିଥ୍ୟା, ମାୟା, ମୋହ, ଛଳନା, କପଟତାରେ ପରିପୂର୍ଣ୍ଣ ଏ ସଂସାରରେ ଜୀବ ଜନ୍ମନିଏ କର୍ମଫଳ ଭୋଗ କରିବା ପାଇଁ । ଜୀବନରେ କର୍ମଫଳ ଭୋଗ ସହିତ ଯଥାର୍ଥ ସୁଖ, ଶାନ୍ତି ଓ ଆନନ୍ଦ ପାଇଁ ଆମକୁ ସଂସାର ଜାଲର ମାୟାମୋହ ବନ୍ଧନରେ ନ ପଡ଼ି ଭଗବାନ ଠାକୁରଙ୍କର ପବିତ୍ର ପଦ୍ମପାଦପୀଠରେ ଶରଣ ଓ ଆଶ୍ରୟ ଅବଶ୍ୟ ନେବାକୁ ହେବ । ସକଳ ଅସତ୍ ମଧ୍ୟରେ ସେ ହିଁ ଏକମାତ୍ର ସତ୍, ଚିତ୍, ଆନନ୍ଦ । ଠାକୁରେ ଏତେ ସ୍ନେହ, ପ୍ରେମ, କରୁଣା, ଦୟା, କ୍ଷମାରେ ପରିପୂର୍ଣ୍ଣ ଯେ ଥରେ ଆମେ ତାଙ୍କ ପଦ୍ମପାଦରେ ଶରଣାଗତିର ସହିତ ଆଶ୍ରୟ ନେଲେ, ସେ ଆମକୁ କେବେବି ଛାଡି ଯାଆନ୍ତି ନାହିଁ । ଆମେ ଯେତେ ଦୋଷ କଲେ ମଧ୍ୟ କେବେବି ବିରକ୍ତ ହୁଅନ୍ତି ନାହିଁ, କେବେ ରାଗ କରନ୍ତି ନାହିଁ । ବରଂ ତାଙ୍କର ଅନୁରାଗ ଓ ଅନୁରକ୍ତି ଅଧିକରୁ ଅଧିକତର ହୃଦ୍ୟ ଓ ଭବ୍ୟ ହୋଇଉଠେ । ସଂସାରୀ ସେ ନୁହଁନ୍ତି । ସଂସାରୀଙ୍କ

ପରି ସେ ଆମ ଠାରୁ ବେଶି କିଛି ଚାହାନ୍ତି ନାହିଁ ମଧ । ଚାହାନ୍ତି କେବଳ ଆମର ମନ, ହୃଦୟ, ଭକ୍ତି । ଆମେ ଆମର ମନ, ହୃଦୟ, ଭକ୍ତି ତାଙ୍କର ପବିତ୍ର ପଦ୍ମପାଦପୀଠରେ ଅର୍ପଣ କରିଦେଇ ପାରିଲେ, ସେ ପରମସନ୍ତୋଷର ସହିତ ଆମର କଲ୍ୟାଣ ଓ ମଙ୍ଗଳ ପାଇଁ ଯାହାସବୁ ଦରକାର କରୁଣାକରି ଯଥା ସମୟରେ ଆମକୁ ଦେଇଦିଅନ୍ତି । ଏପରିକି ନିଜେ ନିଜକୁ ମଧ ଆମକୁ ଦେଇ ଦେଇଥାନ୍ତି । ଆମକୁ କୋଳେଇ ନେଇ ଆମର ହୋଇଯାଆନ୍ତି, ଆମେ ମଧ ତାଙ୍କର ହୋଇଯାଉଁ । ତାଙ୍କରି ପବିତ୍ର ନାମ ସ୍ମରଣ କଲେ, ଆମ ଜୀବନରେ କୌଣସି ଭୟ ଆଦୌ ରହେ ନାହିଁ । କେହି ଆମର କିଛି କ୍ଷତି କରିପାରନ୍ତି ନାହିଁ । ଆମ ଜୀବନର ସମସ୍ତ ଦୁଃଖକଷ୍ଟ ସେ ଯଥା ସମୟରେ ପୋଛିଦେଇ, ଜୀବନପାତ୍ରକୁ ଆନନ୍ଦରସରେ ଭରି ଦିଅନ୍ତି । ଥରେ ଆମେ ତାଙ୍କର ହୋଇଯାଇ ପାରିଲେ, ଆମର ସମସ୍ତ ହାନିଲାଭର ହିସାବ ସେ ରଖନ୍ତି । ଏହି ସାଧନ ନିମନ୍ତେ ଲୋଡ଼ା କେବଳ ଆନ୍ତରିକ ସରଳତା । ଶିଶୁର ହୃଦୟ ଅତି ସରଳ, ନିଷ୍ପାପ ଓ ପବିତ୍ର । ଆମକୁ ସେହିପରି ସକଳ କୁଟିଳତା, କପଟାଚାରିତା, ଛଳନା, ଅଭିନୟ, ମିଥ୍ୟାଚାର ଆଦି ସର୍ବାଦୌ ସମୂଳେ ତ୍ୟାଗ କରି ଶିଶୁସୁଲଭ ସରଳ, ନିଷ୍ପାପ ଓ ପବିତ୍ର ମନପ୍ରାଣହୃଦୟ ତାଙ୍କରି ପାଦପଦ୍ମ ପୀଠରେ ଶ୍ରଦ୍ଧା ଓ ଭକ୍ତିର ସହିତ ନିବେଦନ କରିବାକୁ ପଡ଼ିବ । ଏହାହିଁ ଆମ ପାଇଁ ବର୍ତ୍ତମାନ ସମୟରେ ସର୍ବଶ୍ରେଷ୍ଠ, ସର୍ବୋତ୍କୃଷ୍ଟ ଓ ସର୍ବୋତ୍ତମ ସାଧନା ।

ଭଗବାନ ଠାକୁରଙ୍କର ପ୍ରିୟତମ ଭଗବତ୍ ଭକ୍ତ ବ୍ୟାପକ ସମତାଯୁକ୍ତ ଅଟନ୍ତି । ଶତ୍ରୁମିତ୍ର, ମାନ ଅପମାନ, ଆନନ୍ଦ ବିଷାଦ, ଦୁଃଖସୁଖ, ନିନ୍ଦାପ୍ରଶଂସା ଇତ୍ୟାଦି ଯାହାସବୁ ସାଧାରଣ ମଣିଷ ପ୍ରକୃତିକୁ ବିପରୀତ ବୋଧ ଦ୍ୱାରା ଅଭାବ ଅସୁବିଧାରେ ପକାଇଥାଏ, ସେ ସବୁପ୍ରତି ଠାକୁରଙ୍କର ପ୍ରିୟଭକ୍ତ ସମଭାବାପନ୍ନ ଓ ଉଦାସୀନ ରହିଥାଏ । ପ୍ରଭୁଙ୍କର ସୂକ୍ଷ୍ମତମ ସ୍ପର୍ଶ ପାଇ ତାଙ୍କର (ଭକ୍ତର) ନିଦାଘରୁକ୍ଷ ହୃଦୟ ଦିବ୍ୟମଳୟ ସ୍ପର୍ଶଲାଭ କରି ଶିହରି ଉଠେ; ପୁଲକି ଉଠେ; କଠିନ କଠୋର ଲୌହ ହୃଦୟ ଦ୍ରବୀଭୂତ ହୋଇଯାଇ ପ୍ରେମମନ୍ଦାକିନୀର ପବିତ୍ରଧାରାରେ ପରିଣତ ହୋଇଯାଏ ।

ଜଗତ କଲ୍ୟାଣକର ପବିତ୍ର ପ୍ରେମବନ୍ଧନରେ ଭକ୍ତ ସମସ୍ତଙ୍କୁ ବାନ୍ଧିଦିଏ ବିଶ୍ୱଭ୍ରାତୃତ୍ୱର ଦିବ୍ୟଗ୍ରନ୍ଥିରେ । ପରିଣତି ସ୍ୱରୂପ ପରମପ୍ରେମ ଓ ଚରମ ଭକ୍ତିରେ ଭଗବାନ ଠାକୁରେ ବନ୍ଧାହୋଇ ରହିଯାଆନ୍ତି । ଭାବଡ଼ୋରିରେ ପରା ବନ୍ଧା ଭାବଗ୍ରାହୀ ! ଭକ୍ତ ଧରାପୃଷ୍ଠରେ ତାଙ୍କୁ ମୂର୍ତ୍ତ କରାଇପାରେ । ଭକ୍ତ ଭଗବାନଙ୍କୁ ସମସ୍ତଙ୍କୁ ଚିହ୍ନାଇ ଦିଏ । ଠାକୁରେ ମଧ ଲୀଳା ମାଧମରେ ଦେଖାଇ ଦିଅନ୍ତି ଜଗତଜନଙ୍କୁ ଭକ୍ତ ଯିଏ ବି ହେଉ ତା' ପାଇଁ ତାଙ୍କର ଅକରଣୀୟ କିଛି ନାହିଁ । ସେ ଅନନ୍ତ, ଅନାଦି, ଅସୀମ, ସର୍ବଶକ୍ତିମାନ, ସର୍ବଜ୍ଞାନମୟ ହେଲେ ମଧ ଭକ୍ତ ନିକଟରେ ସବୁବେଳେ ଛୋଟ ହୋଇଯାଇ ଭକ୍ତର ଅଧୀନତା ସ୍ୱୀକାର କରନ୍ତି । ଏହି ଅଧୀନତା ତାଙ୍କୁ ପ୍ରକୃତରେ ଛୋଟ କରେ ନାହିଁ, ବରଂ ଆହୁରି ଅଧିକ ମହୀୟାନ୍, ଗରୀୟାନ୍, ଆହୁରି ଉଚ୍ଚ, ସୀମାହୀନ କରିଥାଏ । ଅଳମତି ବିସ୍ତରେଣ ! ଓମିତି ନମସ୍କାରାନ୍ତେ ଶ୍ରୀକେଶବ ସମର୍ପଣମସ୍ତୁ !!

କେଶବ ଦାସ
ସଂପାଦକ, 'ଚରମ' ।।

❖❖❖

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ :

## "ଶାନ୍ତି"

**'ଚରମ' : ଷଷ୍ଠପୁଷ୍ପ : ଷଷ୍ଠ ପାଖୁଡ଼ା : ଏକତ୍ରିଂଶତିତମ (୩୧) ସଂଖ୍ୟାର ଅନୁଶ୍ରୁତିରୁ -**

**ଶାନ୍ତି** ମନ୍ତ୍ରରେ ବୈଦିକ କର୍ମକାଣ୍ଡରେ ଲିପିବଦ୍ଧ ଅଛି - '**ଶାନ୍ତିଃ ଅସ୍ତୁ ଶାନ୍ତିଃ ।**' ପ୍ରାର୍ଥନା କରି ଜୀବ ପରମପୁରୁଷ ଚରମପାଦଙ୍କୁ ଆକୁଳକଣ୍ଠରେ ଯାଚନା କରୁଛି - 'ହେ ପ୍ରଭୁ, ମୋର ଶାନ୍ତି ହେଉ, ମୋତେ ଶାନ୍ତି ମିଳୁ । ପୂଜା ଆରାଧନା ଶେଷରେ ଏହି ପ୍ରାର୍ଥନା କରି ପ୍ରାୟ ସମସ୍ତେ କହନ୍ତି, 'ହେ ପ୍ରଭୁ, ମୋର ଆଉ କିଛି ଆବଶ୍ୟକ ନାହିଁ । ଆବଶ୍ୟକ କେବଳ ଟିକିଏ ଶାନ୍ତି । ଶାନ୍ତି ପୂର୍ଣ୍ଣ ଜୀବନ କିଏ ବା ନ ଚାହେଁ ? ଏ ଜଗତରେ ଯେ କୌଣସି ବସ୍ତୁଠାରୁ ଶାନ୍ତି ନିଶ୍ଚିତ ଭାବରେ ସବୁଠାରୁ ଅଧିକ ମୂଲ୍ୟବାନ । କାରଣ ସ୍ୱାସ୍ଥ୍ୟ ସଂପଦ, ସୁନ୍ଦରୀ ସ୍ତ୍ରୀ, ପୁତ୍ରକନ୍ୟା, ପରିବାର ପରିଜନ, ଜ୍ଞାନ ଦକ୍ଷତା, ପଦପଦବୀ, ଶକ୍ତି ଓ ଯଶ ଇତ୍ୟାଦି ଯାବତୀୟ ଜାଗତିକ ବସ୍ତୁ ବ୍ୟକ୍ତି ପାଇଥିଲେ ହେଁ ଯଦି ଜୀବନରେ ପ୍ରକୃତ ଅର୍ଥରେ ଶାନ୍ତି ନାହିଁ, ତେବେ ଜୀବନ ଦୁର୍ବିସହ ଓ ଦୟନୀୟ ହୋଇ ଉଠେ । ତେଣୁ ବୈଦିକ କାଳରୁ ଏଯାବତ୍ ଶାନ୍ତିକୁ ପ୍ରଭୁଙ୍କର ସର୍ବଶ୍ରେଷ୍ଠ ଓ ସର୍ବୋତ୍କୃଷ୍ଟ ମହାର୍ହ ଉପହାର ବୋଲି ସ୍ୱୀକାର କରାଯାଇଅଛି । ଏହାହିଁ ଠାକୁରଙ୍କର ଆମ୍ଭମାନଙ୍କ ପାଇଁ ସର୍ବୋତ୍ତମ କଲ୍ୟାଣ । ଏହି ଦିବ୍ୟ ଆଶିଷ ଲାଭ କଲେ ମଣିଷର ଜୀବନ ଧନ୍ୟ ହୁଏ । ଭାଗବତ ବାଣୀରେ ଅଛି—

'ଧନ୍ୟ ଯେ ସଦା ବାସକରେ । ଶାନ୍ତି ସନ୍ତୋଷ ଆନନ୍ଦରେ ।।'

ଶାନ୍ତି ତପସ୍ୱୀମାନଙ୍କ ତପସ୍ୟା, ସାଧୁସନ୍ଥମାନଙ୍କର ଭୂଷଣ ଏବଂ ସାଧାରଣ ମଣିଷମାନଙ୍କର ଅଭିଳାଷ ଅଟେ । ଶାନ୍ତି ବିନା ସୁଖ କିମ୍ବା ଆନନ୍ଦ ମଧ୍ୟ ନାହିଁ । ଅନିତ୍ୟ ବସ୍ତୁ / ବିଷୟ ଭୋଗରେ ଯେଉଁ ଇନ୍ଦ୍ରିୟ ଗ୍ରାହ୍ୟ ସୁଖ ମିଳେ, ସେ ସୁଖ ମଧ୍ୟ ଅନିତ୍ୟ; କାରଣ ତାହା କ୍ଷଣିକ ଏବଂ ତଦ୍ରୂପ କ୍ଷଣଭଙ୍ଗୁର ସୁଖର ଅନ୍ତରାଳରେ ମହାଘୋର ଦୁଃଖ ଲୁଚି ରହି ଇନ୍ଦ୍ରିୟାସକ୍ତ ବ୍ୟକ୍ତିକୁ ବିପରିତ ଦୁର୍ବିପାକ ମଧ୍ୟରେ ନିକ୍ଷେପ କରିଥାଏ । ଇନ୍ଦ୍ରିୟଗ୍ରାହ୍ୟ ବିଷୟ ଭୋଗ ସୁଖରେ ତେଣୁ ଶାନ୍ତି ନିହିତ ନ ଥାଏ । ମୂଢ଼ବ୍ୟକ୍ତିମାନେ ଏହା ହୃଦୟଙ୍ଗମ କରି ନ ପାରି ଅଯଥା ଶକ୍ତି ଓ ସମୟ ଅପବ୍ୟୟ କରି ଧନସମ୍ପତ୍ତି ଠୁଳ କରି ପାଗଳ ପ୍ରାୟ ଉଦ୍‌ଭ୍ରାନ୍ତ ହୁଅନ୍ତି, ବୃଥା ଆସ୍ଫାଳନ କରନ୍ତି; ପ୍ରତିଟି ଏକାନ୍ତ ନିବିଡ଼ ଓ ନୀରବ ମୁହୂର୍ତ୍ତରେ ଦୁଃଖଶୋକରେ ଦୀର୍ଘଶ୍ୱାସ ତ୍ୟାଗକରି ଅଶ୍ରୁମୋଚନ କରନ୍ତି । ସେହିମାନଙ୍କୁ ହିଁ ହତଭାଗ୍ୟ କୁହାଯାଏ । ମହାଭାରତର ଶାନ୍ତି ପର୍ବରେ ସ୍ପଷ୍ଟ ଉଲ୍ଲେଖ ଅଛି- ସୁଖଶାନ୍ତି ସମସ୍ତେ ବାଞ୍ଛା କରନ୍ତି । ସେହି ସୁଖଶାନ୍ତି ଧର୍ମରୁ ହିଁ ଉଦ୍‌ଭବ ହୋଇଥାଏ । ତେଣୁ ପ୍ରତ୍ୟେକଙ୍କର ଧର୍ମପାଳନ କରିବା ଏକାନ୍ତ ଆବଶ୍ୟକ । ଧାର୍ମିକ ଜୀବନଚର୍ଯ୍ୟା ବ୍ୟତୀତ ସୁଖ, ଶାନ୍ତି, ସନ୍ତୋଷ ଓ ଆନନ୍ଦ ଲାଭ କରାଯାଇପାରେ ନାହିଁ ।

ମଣିଷ ତିନୋଟି ସ୍ତର ପାଇଁ ତିନିପ୍ରକାର ଶାନ୍ତି ପ୍ରାୟତଃ ବାଞ୍ଛା କରେ । ପ୍ରଥମ ସ୍ତରରେ ଦୈହିକ ଶାନ୍ତି ଲୋଡ଼ା । ଶରୀରର ପ୍ରତିବର୍ଗ ଇଞ୍ଚ ପରିମିତ ସ୍ଥାନରେ ଅନ୍ତତ ପକ୍ଷେ ୧୯ ହଜାର କୋଷ ରହିଥିବାର ତତ୍ତ୍ୱ

ଜୀବ ବିଜ୍ଞାନୀମାନେ କହିଅଛନ୍ତି । ଏହି କୋଷ ସମୂହରୁ ଈର୍ଷା, ହିଂସା, ଦ୍ୱେଷ, କ୍ରୋଧ, ଲୋଭ, କାମ, ଆସକ୍ତି ଆଦିର ଭାବ ସୃଷ୍ଟି ହୁଏ । ଏ ସକଳ ରାକ୍ଷସୀଭାବ ଦ୍ୱାରା ମଣିଷ ଉତ୍ତେଜିତ ହୋଇଥାଏ । ଏତାଦୃଶ ଉତ୍ତେଜନା ହିଁ ଶାରୀରିକ ଶାନ୍ତିଭଙ୍ଗ ଘଟାଇଥାଏ । ଶାରୀରିକ ଶାନ୍ତି ଲାଭ ନିମନ୍ତେ ଦୟାମୟ ଠାକୁରେ କୋଷସାଧନ ନିମନ୍ତେ ସାଷ୍ଟାଙ୍ଗ ପ୍ରଣାମ ନିବେଦନ ପ୍ରଚଳନ କରାଇଅଛନ୍ତି । ସାଷ୍ଟାଙ୍ଗ ପ୍ରଣାମ ଦ୍ୱାରା ଆମ୍ଭମାନଙ୍କର ହିଁ ମଙ୍ଗଳ ସାଧିତ ହୋଇଥାଏ । ଦ୍ୱିତୀୟ ସ୍ତରରେ ମାନସିକ ଶାନ୍ତି ଆବଶ୍ୟକ । ଆମେ ଆମର କୁତ୍ସା ବା ନିନ୍ଦା ଅନ୍ୟ ମୁହଁରୁ ଶୁଣି ହଠାତ୍ ପ୍ରତିକ୍ରିୟାଶୀଳ ହୋଇ ନିଜର ମାନସିକ ଭାରସାମ୍ୟ ହରାଇ ବସୁ । ଏହା ମୁହୂର୍ତ୍ତକ ମଧ୍ୟରେ ଆମର ମାନସିକ ଶାନ୍ତି ନଷ୍ଟ କରିଦିଏ । ସେହିପରି କୁଭାବନା, ଦୁଃଚିନ୍ତା, ବ୍ୟସ୍ତତା, ଅସ୍ଥିରତା ଇତ୍ୟାଦି ଦ୍ୱାରା ମଧ୍ୟ ମନ ଦୂଷିତ ଓ ଭାରାକ୍ରାନ୍ତ ହୋଇ ଶାନ୍ତି ନଷ୍ଟ ହୁଏ । ସର୍ବମଙ୍ଗଳମୟ ଠାକୁରେ ମାନସିକ ଶାନ୍ତିଲାଭାର୍ଥେ କରୁଣା କରି ମନ ସଂଯମ ନିମନ୍ତେ ଗୁରୁବନ୍ଦନା, ପ୍ରାର୍ଥନା, ଧ୍ୟାନ, ସନ୍ଦେଶପତ୍ର ମାନସ ପଠନ, ବୀଜମନ୍ତ୍ରର ମାନସଜପ, ମହାମନ୍ତ୍ର, ଚରମ, ଭାଗବତ, ଗୀତାଦି ଶାସ୍ତ୍ର ଅଧ୍ୟୟନର ବ୍ୟବସ୍ଥାମାନ କରିଅଛନ୍ତି । ଏ ସମସ୍ତ ଉପାସନା କର୍ମ ଦ୍ୱାରା କ୍ରମଶଃ ଆମର ମନସଂଯତ ହୋଇଥାଏ ଓ ପରିଣତି ସ୍ୱରୂପ ଆମେ ମାନସିକ ଶାନ୍ତି ଲାଭକରୁ; ଆମର ହିଁ ମଙ୍ଗଳ ସାଧନ ହୋଇଥାଏ । ତୃତୀୟ ସ୍ତରରେ ଆମ ପ୍ରତ୍ୟେକଙ୍କର ଆତ୍ମିକ ଶାନ୍ତି ଅବଶ୍ୟ ଆବଶ୍ୟକ ହୋଇଥାଏ । ଜୀବ ମାୟାବୀ । ମାୟା ମୋହର ଅଧୀନ । ଜୀବ ସନ୍ଦେହୀ । ତେଣୁ ଜୀବାତ୍ମା ସଂଶୟାତ୍ମକ ମନର ସଂସ୍ପର୍ଶ ଅନେକ ସମୟରେ ଅବଶ୍ୟ ଲାଭ କରିଥାଏ । ତେଣୁ ବହୁ କ୍ଷେତ୍ରରେ ଜୀବାତ୍ମା କୁପଥଗାମୀ ଓ ପ୍ରବୃତ୍ତିମାର୍ଗୀ ହୋଇ ସତସଂଗ ଓ ସତ୍‌ସଂଘଠାରୁ ଦୂରେଇ ରହି କୁସଙ୍ଗରେ ପଡ଼ି ଆତ୍ମାକୁ ପୀଡ଼ା ଦେଇଥାଏ । ଏ ପିଣ୍ଡରେ ପରମାତ୍ମା ସାକ୍ଷୀ ସ୍ୱରୂପ ରହିଅଛନ୍ତି । ସଂଶୟାତ୍ମା ଜୀବର ଏହି ରୂପ କୁକର୍ମରୁ ଠାକୁରେ ମଧ୍ୟ ଗଂଜଣା ପାଆନ୍ତି । ଜଣେ ମାତ୍ର ଶିଷ୍ୟ ବା ଭକ୍ତର ଏପରି କୁକର୍ମ ଦ୍ୱାରା ଠାକୁରେ ଶତ ସହସ୍ର ଛୁଞ୍ଚି ଦେହରେ ଫୋଡ଼ିଲେ ଯେଉଁପରି କଷ୍ଟହୁଏ, ତାହା ଅନୁଭବ କରନ୍ତି । ଯଦି ଶତ ସହସ୍ର ଶିଷ୍ୟ କୁକର୍ମରେ ଲିପ୍ତ ରହନ୍ତି, ତେବେ ଆମର ପରମ ପ୍ରେମମୟ ଜୀବନ ଦେବତା ପରମାରାଧ୍ୟ ଠାକୁରେ କିପରି କଷ୍ଟଲାଭ କରୁଥିବେ, ତାହା ଆମ୍ଭମାନଙ୍କର ଅନୁଭବ କରିବା ଅବଶ୍ୟ କର୍ତ୍ତବ୍ୟ ଏବଂ ତାଙ୍କୁ ସେପରି ଯନ୍ତ୍ରଣା ନଦେବା ପାଇଁ ଆମର ନିତ୍ୟ ଅଭ୍ୟାସ କର୍ମଯୋଗ (ଧାରା) ସାଧନା କରିବା ନିତାନ୍ତ ଉଚିତ । ଠାକୁରେ ପରମକାରୁଣିକ, କରୁଣାସାଗର । ସେ କରୁଣା କରି ଆମ୍ଭମାନଙ୍କୁ ଆତ୍ମିକ ଶାନ୍ତି ଦେବା ପାଇଁ ସଂଘ, ସତ୍‌ସଂଗ ଓ ଅର୍ଘ୍ୟଫଳ ଓ ତିଥି ଦେଇଅଛନ୍ତି । ଅର୍ଘ୍ୟଫଳ ଧାରଣ, ଅର୍ଘ୍ୟଫଳ ଧୌତ ଜଳପାନ, ତିଥିରେ ନିଷ୍ଠା ଓ ଭକ୍ତି ବିଶ୍ୱାସର ସହିତ ଯଥାବିଧି ଅର୍ଘ୍ୟ ନିବେଦନ ଦ୍ୱାରା ଆମ୍ଭମାନଙ୍କର ସହିଷ୍ଣୁତା, ଧୈର୍ଯ୍ୟ, ପ୍ରେମ, ଦୟା, କ୍ଷମା, ଉଦାରତା, ନିଃସ୍ୱାର୍ଥପରତା, ଭ୍ରାତୃତ୍ୱ, ଏକାତ୍ମବୋଧ, ସଂହତି ଆଦିର ସଦ୍‌ଭାବର ଉଦ୍ରେକ ହୁଏ ଓ ତହିଁରୁ ଆତ୍ମିକ ଶାନ୍ତି ମିଳେ । ପରମାତ୍ମା ପରଂବ୍ରହ୍ମ ଚରମପାଦ ପୁରାଣ ପୁରୁଷ ଠାକୁରେ ସକଳାଦିର ସୃଷ୍ଟିକର୍ତ୍ତା । ଶାନ୍ତିର ସ୍ରଷ୍ଟା ମଧ୍ୟ ସେହିଁ । ତେଣୁ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆମ୍ଭେମାନେ ତାଙ୍କର ପାଦସେବା ସହିତ ପଦସେବା ମଧ୍ୟ କରିବା ଉଚିତ । ସ୍ଥୂଳ ସେବାହିଁ ପାଦସେବା ଏବଂ ତାଙ୍କ ନିର୍ଦ୍ଦେଶିତ ପଥରେ ଚଳି ତାଙ୍କ ମହତ ବାକ୍ୟ/ବାଣୀକୁ ସାକାର କରିବା ହିଁ ପଦସେବା । ଏପରି କରିବା ଦ୍ୱାରା ପରମାତ୍ମିକ ଶାନ୍ତିଲାଭ ହୁଏ । ତ୍ରିସ୍ତରୀୟ ଶାନ୍ତି ଆମ ସମସ୍ତଙ୍କର କାମ୍ୟ । ଏହି ପରମ ମନୋବାଞ୍ଛା ପରିପୂର୍ଣ୍ଣ କରିବା ପାଇଁ ଆମ ସମସ୍ତଙ୍କୁ ସେହି ଚରମ

ପୁରୁଷଙ୍କର ଶରଣାଗତ ହୋଇ ତାଙ୍କ ପ୍ରଦତ୍ତ ଧର୍ମଧାରା/ଅଭ୍ୟାସ କର୍ମଯୋଗକୁ ବିଧିବଦ୍ଧ ଭାବରେ ଅବଶ୍ୟ ପାଳନ କରିବାକୁ ହେବ ହିଁ ହେବ ।

ବେଦୋକ୍ତ ମନ୍ତ୍ରରେ ଉଲ୍ଲେଖ ଅଛି- 'ଆମେ ନିଜ ନିଜ ମଧ୍ୟରେ ସମନ୍ୱୟ ରହୁଁ । ଆମେ ଆମ ମନରେ ଓ ଅଭିପ୍ରାୟରେ ଏକ ହେଉଁ । ଆମେ ଆମ ଅନ୍ତଃସ୍ଥଳରେ ବିରାଜିତ ଦିବ୍ୟାତ୍ମାଙ୍କ ବିରୁଦ୍ଧରେ ଯୁଦ୍ଧ ନ କରୁଁ । ବେଦୋକ୍ତ ମନ୍ତ୍ର ପ୍ରାର୍ଥନା ମଧ୍ୟରେ ଆତ୍ମିକ ଶାନ୍ତି ଓ ବିଶ୍ୱ ଶାନ୍ତିର ଆଭିମୁଖ୍ୟ କିପରି ପର୍ଯ୍ୟବେସିତ ହୋଇଅଛି, ଏହା ତାହାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଏହିପରି ସମଗ୍ର ବେଦରେ ବିଶ୍ୱଜନର କଲ୍ୟାଣ ଓ ବିଶ୍ୱଶାନ୍ତି ନିମନ୍ତେ ଅସଂଖ୍ୟ ମନ୍ତ୍ର ପ୍ରାର୍ଥନା ଲିପିବଦ୍ଧ ହୋଇ ରହିଛି । କୂଟକପଟତା, ଛଳନା, ଅଭିନୟ, କୁଟିଳତାଦିକୁ ସର୍ବାଗ୍ରେ ପରିତ୍ୟାଗକରି ଶିଶୁଟି ପରି ସରଳ ହୋଇ ପ୍ରଭୁଙ୍କ ପାଦପଦ୍ମରେ ଲୟ ରଖିପାରିଲେ, ଆମେ ସେହି ଦୟାଳୁ ପ୍ରଭୁଙ୍କର କରୁଣା ଓ କଲ୍ୟାଣ ଲାଭ କରି ଦୈହିକ, ମାନସିକ ଓ ଆତ୍ମିକ ଶାନ୍ତି ପାଇ ପାରିବା ଓ ଅନ୍ୟ ସମସ୍ତଙ୍କୁ ମଧ ଶାନ୍ତି ଦାନ କରିବାକୁ ସମର୍ଥ ହୋଇପାରିବା, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ପରିଣତି ସ୍ୱରୂପ ସମଗ୍ର ମାନବଜାତିର କଲ୍ୟାଣ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ହୋଇପାରିବ । ବେଦର ଅନ୍ୟତମ ଲକ୍ଷ୍ୟ ଓ ପରମ ଉଦ୍ଦେଶ୍ୟ ସାଧିତ ହୋଇପାରିବ ।

ଦସ୍ୟୁ ଆମେ ସାଜିଛୁ ଆଜି ଆମ ଆତ୍ମାର । ଆତ୍ମା ଆମର ଲୋଡୁଛି ପରମାତ୍ମାଙ୍କ ସହିତ ମିଳିତ ହେବାର ସୁଗମ ପଥ । ଆମେ ସେ ପଥରୋଧ କରି ବସିଛୁ । ଆତ୍ମା ପରିବ୍ୟାପ୍ତ, ଆତ୍ମା ସୁବିସ୍ତୃତ । ଅଳ୍ପରେ ବା ସୀମା ମଧ୍ୟରେ ଆତ୍ମା ସନ୍ତୁଷ୍ଟ ନୁହେଁ । ସମଗ୍ର ବିଶ୍ୱକୁ ସେ ଆପଣା କରିନେବାକୁ ଚାହେଁ । ମୂଢ଼ ଆମେ । ସୀମିତ ଶରୀର ମଧ୍ୟରେ ଆତ୍ମାକୁ ସୀମାବଦ୍ଧ କରି ଆମେ ଆମ ଆତ୍ମାର ଦସ୍ୟୁ ସାଜିଛୁ । ବେଦ ଗାନକରେ- **'ଭୂମୈବ ସୁଖମ୍ । ସ୍ୱଳ୍ପେ ସୁଖନାସ୍ତି ।।'** ଏବଂ **'ବସୁଧୈବ କୁଟୁମ୍ବକମ୍ ।।'** କେତେ ଉନ୍ନତ ଚିନ୍ତାଧାରା ଗାନ କରେ ବେଦ ! ବେଦ ଭାଷାରେ **'ହେ ମଣିଷମାନେ, ତୁମେ ସମସ୍ତେ ଏକମନ, ଏକଚିତ୍ତ ହୁଅ । ଏକ ପ୍ରକାର ଯଜ୍ଞ କର । ଯାହାଦ୍ୱାରା ସମସ୍ତେ ଏକାଠି ସୁଖରେ ରହିପାରିବେ ।'** ଏକତ୍ୱ ଓ ସଂହତି ଭାବ ହିଁ କେବଳ ଶାନ୍ତି ପ୍ରଦାନ କରିପାରେ । ଦ୍ୱନ୍ଦ୍ୱ, ସଂଘର୍ଷ ଓ ଭୟଦ୍ୱାରା ଶାନ୍ତି ନଷ୍ଟ ହୁଏ । ଶ୍ରୀମଦ୍ ଭାଗବତରେ ମଧ୍ୟ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି- ମୋର, ତୋ'ର ପର ଆପଣାର ଭାବ ସକଳ ଅଶାନ୍ତି ଓ ବିକୃତିର ପରିଚାୟକ । ଏତାଦୃଶ ମାନସିକ ଅଶାନ୍ତି ଓ ବିକୃତିରୁ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ଆଜି ପୃଥିବୀରେ ଯୁଦ୍ଧର ତାଣ୍ଡବ ସୃଷ୍ଟି କରି ମନୁଷ୍ୟ ରକ୍ତରେ ଧରିତ୍ରୀମାତାକୁ ସ୍ନାନ କରାଉଛି, ଅମୃତର ସନ୍ତାନ ମନୁଷ୍ୟ ଆଜି ମୃତବତ୍ ଜୀବନ ଯାପନ କରୁଛି । ଆଜି ଆମେ ପୁଣିଥରେ ଆମର ବୈଦିକ ପରମ୍ପରା ଓ ସଂସ୍କୃତିକୁ ସ୍ମରଣ କରି ପ୍ରଭୁପାଦ ଶ୍ରୀ ଗୁରୁସ୍ୱାମୀଙ୍କର ନିର୍ଦ୍ଦେଶିତ ପଥରେ ସାହସର ସହିତ ଆଗେଇ ଯାଇପାରିଲେ, ହୃଦୟର ପ୍ରଶାନ୍ତି ଏବଂ ମନର ଆହ୍ଲାଦ ଅବଶ୍ୟ ଫେରି ପାଇବୁ । ପ୍ରଚୁର ଭାବରେ ଲାଭ କରିବୁ ପ୍ରଭୁଙ୍କର ପ୍ରାଣ ପ୍ରାଚୁର୍ଯ୍ୟ ଭରା ମହାମୂଲ୍ୟ ଉପହାର ଶାନ୍ତି : ଦେହରେ, ମନରେ, ଆତ୍ମାରେ ।।

# ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!

ରହସ୍ୟଘନାବୃତ ରହସ୍ୟ ପୁରୁଷ ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ପ୍ରତିଟି କୃତିତ୍ୱର ମୂଲ୍ୟାଙ୍କନ କରେ ତାଙ୍କର ନିଜସ୍ୱ କୃତି । ସାଧନ ଭଜନ ଉପାସନାର ମାର୍ଗ ସର୍ବକାଳରେ ରହସ୍ୟାଚ୍ଛନ୍ନ । ସେ ରହସ୍ୟ ଭେଦ କରି ତାହା ଉଦ୍‌ଘାଟନ କରିବା ସାଧାରଣଙ୍କ ପକ୍ଷରେ ବିଡ଼ମ୍ବନା ମାତ୍ର । ଚରମ ପୁରୁଷଙ୍କର ଅପାର କରୁଣାରୁ ଭକ୍ତଜନଙ୍କର ପ୍ରୀତ୍ୟର୍ଥେ ଏପରି ଏକ ଦୁଃସାହସିକ କର୍ମଧାରାରେ ହାତ ଦେବାର କର୍ମପ୍ରେରଣା ପାଇ ଆମେ ନିଜକୁ ଧନ୍ୟ ମନେ କରୁଛୁ । ମହାପୁରୁଷଙ୍କର ରଚନା ଯେପରି ମାଧୁର୍ଯ୍ୟ ରସଭରା, ତତ୍ତ୍ୱ ସେହିପରି କଠିନ ବାଳଭରା ଏବଂ ସାଧନ ପ୍ରଣାଳୀ ମଧ୍ୟ ତତୋଽଧିକ ସୁକଠିନ । ସାଧନା ପ୍ରୟାସୀମାନଙ୍କର ସାଧନ ମାର୍ଗ ପରିଚ୍ଛନ୍ନ କରିବାରେ ଏହା ସହାୟକ ହୋଇପାରିବ ବୋଲି ଆମର ଆଶା । ଏ ଆଶା ଫଳବତୀ ହୋଇପାରିଲେ, ଶ୍ରମ ସାର୍ଥକ ହେବ । 'ଚରମ'ର ସପ୍ତମପୁଷ୍ପ : ପ୍ରଥମ ପାଖୁଡ଼ାରେ ଆମର ଉପହାର :

## ଅଚ୍ୟୁତଙ୍କ ଲେଖନୀରୁ — ଗାଈ ଉଦଣ୍ଡ ହୋଇଲାରେ —

ଗାଈ ଉଦଣ୍ଡ ହୋଇଲାରେ
ଗୋପପୁରେ ଷଣ୍ଢ ହୋଇ ।
ତ୍ରିଗୁଣରେ ଗାଈ ଛନ୍ଦା ହୋଇଅଛି
ଏକାକ୍ଷର ବୀଜ ନେଇ ।। ୧ ।।

ଗାଈ ଦୁରୁଦଣ୍ଡ ଗୋପରେ ପ୍ରଚଣ୍ଡ
ହୋଇଣ ସର୍ବ ଭାଙ୍ଗଇ ।
ସେ ଗାଈକୁ କଂସ ବାନ୍ଧିବ ବୋଲିଣ
ଦେଖି ପ୍ରାଣ ଛାଡ଼ିଲଇଂ ।। ୨ ।।


ହ୍ରୀଂ କ୍ଲୀଂ ପ୍ରୀଂ ରୂପ ଧରିଅଛି
ନୈମିଷ୍ୟା ଅରଣ୍ୟେ ଥାଇ ।
ସହଦେବ ମନ୍ତ୍ରେ ମନ୍ତ୍ରୁରି ପାରିଲେ
ଗାଈ ଯିବ ଛନ୍ଦା ହୋଇ ।। ୩ ।।

ସେ ଗାଈର ଥନ ଚାରିଗୋଟି ଜାଣ
ପାତାଳେ ଏକ ଦିଅଇଂ ।
ମର୍ତ୍ତେ ଏକ ଦେଇ ସ୍ୱର୍ଗକୁ କ୍ଷେପଇ
ଆରେକ ଯେ ବାଞ୍ଛ ପିଇ ।। ୪ ।।

ଷଡ଼ମୁଖୀ ଗାଈ ଶୂନ୍ୟେ ପହ୍ନାଇଛି
ପଚାଶ ବାଛୁରୀ ଭେଇ ।
ପଞ୍ଚାଶ ପୁଅକୁ ସଙ୍ଗତରେ ଘେନି
ଜଗତେ ବାଞ୍ଛ ବୋଲାଇ ।। ୫ ।।

ଦୁରୁଦଣ୍ଡ ଗାଈ ଉନମତ ହୋଇ
ଚାରିପାଦେ ଚଳୁଥାଇ ।
ପାଞ୍ଚପାଦ ଗଲେ ଜଞ୍ଜାଳ ତୁଟିବ
ମୂଢ଼ ଅଚ୍ୟୁତ ଭାଳଇ ।। ୬ ।।

❖❖❖




## ଗଳ୍ପାଂଶ

# ହରିଶର୍ମା ବିପ୍ର ଓ ଆରତି ବିଦଗ୍ଧା ଚରିତ

## ପୀତାମ୍ବର ଦାସଙ୍କକୃତ ପଦ୍ମପୁରାଣରୁ ଉଦ୍ଧୃତ :

**ସ**ତ୍ୟଯୁଗରେ ହସ୍ତିନା ନଗରରେ ହରିଶର୍ମା ନାମକ ଜଣେ ସଦାଚାରୀ, ଧାର୍ମିକ ବିପ୍ର ଥିଲେ । ସେ ବେଦମାର୍ଗରେ ରତ ଥାଇ ସତ୍ୟଶୀଳ, ହିଂସାଶୂନ୍ୟ, ବିଷ୍ଣୁଭକ୍ତ ଓ ଧନବନ୍ତ ଜୀବନ ଯାପନ କରୁଥିଲେ । ତାଙ୍କ ଭଣ୍ଡାରରେ କୋଟି କୋଟି ଧନରତ୍ନ ଗଚ୍ଛିତ ଥିଲା । ସାରା ସଂସାରରେ ତାଙ୍କ ପରି ଅନ୍ୟ କେହି ଧନବନ୍ତ ନଥିଲେ । ବିପ୍ର ହରିଶର୍ମା ନିରନ୍ତର ଶ୍ରୀହରିଙ୍କ ଚରଣରେ ମନୋନିବେଶ କରି ହରିନାମ ଭଜନ କରୁଥିଲେ । ସେ ବଡ଼ କୃପଣ ଥିଲେ । ନିଜେ ଭଲ ଖାଦ୍ୟ ନ ଖାଇ କିମ୍ବା କୁଟୁମ୍ବର ଅନ୍ୟମାନଙ୍କୁ ଭଲ ଖାଦ୍ୟ ନ ଦେଇ ସେ ଧନ ସଞ୍ଚୟ କରୁଥିଲେ । ଅତିଥି, ଅଭ୍ୟାଗତ, ଦ୍ୱିଜ, ବ୍ରାହ୍ମଣମାନଙ୍କୁ ସତ୍କାର ନ କରି ସେମାନଙ୍କୁ ଘରଦ୍ୱାରୁ ବାହୁଡ଼ାଇ ଦେଉଥିଲେ । ଅତିଥି ଓ ବ୍ରାହ୍ମଣମାନେ ତାଙ୍କ ଦ୍ୱାରୁ ନିରାଶ ହୋଇ ବାହୁଡ଼ି ଯାଉଥିଲେ । ଏପରିକି ଉଦରଜ୍ୱାଳାରେ ପ୍ରାଣହାନୀ ଆଶଙ୍କା ଥିବା ଭୋକିଲାମାନଙ୍କୁ ମଧ୍ୟ ସେ ମୁଠାଏ ଅନ୍ନଦାନ କରୁ ନ ଥିଲେ । ଏପରି କୃପଣ ସେ ବ୍ରାହ୍ମଣ ଥିଲେ ଯେ, ଭିକାରିକୁ ମଧ୍ୟ ଭିକ ମୁଠିଏ ଦେଉ ନ ଥିଲେ । ମଠ, ମନ୍ଦିର, ହରିହାଟ, ଯଜ୍ଞକର୍ମାଦି ପାଇଁ ମଧ୍ୟ ସେ ମୁଠିଏ ଦାନ ଦେଉ ନଥିଲେ । ଧନଧାନ୍ୟର ଆସକ୍ତି ତାଙ୍କର ପ୍ରବଳ ଥିଲା । ପ୍ରତିଦିନ ସେ ନିଜର ସଞ୍ଚିତ ଧନରତ୍ନକୁ ଦଶଥର ଦେଖୁଥିଲେ । ସେ ଧାନଆଦି ଶସ୍ୟକୁ ଏପରି ଆକଟ କରି ରଖି ଥାଆନ୍ତି ଯେ, ମୂଷା କି ପିମ୍ପୁଡ଼ି ମଧ୍ୟ ଗୋଟିଏ ଶସ୍ୟକଣା ଖାଇବାକୁ ନ ପାଇ ଉପବାସରେ ରହନ୍ତି । ସେ ବିପ୍ର କୃପଣଙ୍କ ଶିରୋମଣି ଥିଲା । ଏପରିକି ଶ୍ରୀହରିଙ୍କୁ ପ୍ରତିଦିନ ଭକ୍ତି ଭାବରେ ପୂଜା କରି ଭଜନ କରୁଥିଲେ ମଧ୍ୟ ତାଙ୍କୁ ମୁଠିଏ ଅନ୍ନ କୌଣସି ଦିନ ନୈବେଦ୍ୟ ଦେଉନଥିଲା । ଘୃତ, ସର, ଦଧି ଅନ୍ନ, ପିଷ୍ଟକ, ପାୟସ ଆଦି ଦେବା ତ ଦୂରର କଥା, କେବଳ ମାତ୍ର ଦୀପ, ଧୂପ, ଗନ୍ଧ, ପୁଷ୍ପ ଓ ରତ୍ନାଦି ଅଳଙ୍କାର ଦେଇ ସେ ପ୍ରତିଦିନ ପ୍ରଭୁଙ୍କର ପୂଜା ଅର୍ଚ୍ଚନା କରୁଥିଲା ।

ହସ୍ତିନା ନଗରରେ ସେ ସମୟରେ ଜଣେ ପରମାସୁନ୍ଦରୀ, ନବ ଯୁବତୀ ବେଶ୍ୟା ଥିଲା । ତାହାର ନାମ ଆରତି ବିଦଗ୍ଧା । ସେ ସୁନ୍ଦରୀ ବେଶ୍ୟା ପ୍ରତ୍ୟହ ବେଶ୍ୟାବୃତ୍ତି କରି ବହୁଧନ ଅର୍ଜନ କରୁଥିଲା । କାମ ଭାବରେ ସର୍ବଦା ତାହାର ମନ ପରିପୂର୍ଣ୍ଣ ଥିଲା ଓ ପାପ ପ୍ରତ୍ୟାଶା ରଖି ଦେହଦାନ କରି ସେ ଧନ ଅର୍ଜନ କରୁଥିଲା ।

ସେହି ନଗରରେ ଭଦ୍ରକୀର୍ତ୍ତି ନାମରେ ଆଉ ଜଣେ ବ୍ରାହ୍ମଣ ଥିଲେ । କ୍ଷେମଙ୍କରୀ ଥିଲେ ଭଦ୍ରକୀର୍ତ୍ତିଙ୍କର ଧର୍ମପତ୍ନୀ । କ୍ଷେମଙ୍କରୀ ଥିଲେ ତ୍ରିପୁର ମୋହିନୀ, ପରମା ସୁନ୍ଦରୀ । ସେ ସତ୍‌କୁଳରେ ଓ ଭଦ୍ରତନୁରେ ଜନ୍ମ ଗ୍ରହଣ କରିଥିଲେ । ଯୁବତୀ ଅବସ୍ଥାରେ ତାଙ୍କର ସ୍ୱାମୀଙ୍କର ମୃତ୍ୟୁ ହେବାରୁ ସେ ବିଧବା ହେଲେ । ସ୍ୱାମୀଙ୍କର ମୃତ୍ୟୁ

ବେଳକୁ ଯୁବତୀ କ୍ଷେମଙ୍କରୀ କାମ ଭାବରେ ସନ୍ତୋଷ ହୋଇ ନ ଥିଲା । ତାଙ୍କର କୌଣସି ସନ୍ତାନ ଜାତ ହୋଇ ନଥିଲେ । ସେ ଗୃହରେ ଏକାକିନୀ ଥିଲେ । ସେ ପ୍ରତିଦିନ କାମୁକ ପୁରୁଷଙ୍କ ସହିତ ରତି ରମଣରେ ଲିପ୍ତ ରହେ । କାମ ବିକାରରେ ଅଜ୍ଞାନ ହୋଇ ସେ ଗର୍ହିତ ପାପକର୍ମରେ ମାତି ରହିଲା । ତାହାର ଏପ୍ରକାର କୁକର୍ମ ଦେଖି ତା'ର ପିତାମାତା, ଭାଇ, ବନ୍ଧୁ ଓ ନଗରବାସୀ ନାଗରିକମାନେ ତାକୁ ଘୃଣା କରି ଦୂରେଇ ଦେଲେ ।

ତହୁଁ ସେ ନିର୍ଭୟରେ ସବୁ ସମ୍ପର୍କ ତୁଟାଇ ଦେଇ କାମ ଉତ୍ତେଜନାରେ ପ୍ରମତ୍ତ ହୋଇ ବେଶ୍ୟା ଆରତି ବିଦଗ୍ଧା ସହିତ ମିଳିତ ହୋଇ ବେଶ୍ୟାବୃତ୍ତି ଅବଲମ୍ବନ କରି ଯଥେଷ୍ଟ ଧନସମ୍ପତ୍ତି ଅର୍ଜନ କଲା । ସେ ସେହି ପାପାର୍ଜିତ ଧନକୁ ପାନାହାରରେ ବ୍ୟୟ କରିବା ସହିତ ହୃଦୟରେ ଦୟାଭାବ କରି ଅତିଥିମାନଙ୍କୁ ସତ୍କାର କରିବା ସହିତ ଦାନଧର୍ମରେ ମଧ୍ୟ ବ୍ୟୟ କରିବାକୁ ଲାଗିଲା । କାଳକ୍ରମେ ଆରତି ବିଦଗ୍ଧା ବେଶ୍ୟା ବୃଦ୍ଧାତ୍ୱ ପ୍ରାପ୍ତ ହେଲା । ତେଣୁ କ୍ଷେମଙ୍କରୀକୁ ବୈରାଗ୍ୟ ବଚନ କହି ପ୍ରସ୍ତାବ ଦେଲା- ସଖୀ, ଯୁବାବସ୍ଥାରୁ ପାପକର୍ମରେ ଲିପ୍ତ ହୋଇ ଯଥେଷ୍ଟ ଧନ ସମ୍ପତ୍ତି ଅର୍ଜନ କରିଛି । ପୁତ୍ରକନ୍ୟା ମୋର ନାହାନ୍ତି । ଏବେ ମୁଁ ମୃତ୍ୟୁ ପଥର ଯାତ୍ରୀ । ବାସୁଦେବଙ୍କ ପ୍ରୀତ୍ୟର୍ଥେ ମୁଁ ସମସ୍ତ ଧନରତ୍ନ ଦାନ କରିଦେବି । ପ୍ରଭୁ ଦୟାକଲେ, ମୋର ପାପ ବିନାଶ କରିଦେଇ ପାରିବେ ।

*"ଦାନି ଦୟା ତୁଲ୍ୟ ସଂସାରରେ ପୁଣ୍ୟ ନାହିଁ ।*
*ଯେ ଦାନ ଦିଅଇ ସେହୁ ବୈକୁଣ୍ଠେ ବସଇ ।।"*

କ୍ଷେମଙ୍କରୀ ମଧ୍ୟ ଆରତି ବିଦଗ୍ଧାର ପ୍ରସ୍ତାବକୁ ସମର୍ଥନ କଲା । ତହୁଁ ସେ ବେଶ୍ୟା ତାହାର ସମସ୍ତ ସମ୍ପତ୍ତି ଅତ୍ୟନ୍ତ ଆନନ୍ଦ ଓ ସନ୍ତୋଷ ମନରେ ବିଷ୍ଣୁଙ୍କର ପ୍ରୀତ୍ୟର୍ଥେ ଦାନ କରିଦେଲା । ଉଭୟ ବେଶ୍ୟା ମିଳିତ ଭାବରେ ଅନ୍ନଦାନ, ଜଳଦାନ, ବସ୍ତ୍ରଦାନ, ରତ୍ନଦାନ କରି ନିଃଶେଷ ହୋଇଗଲେ । ଯଥା ସମୟରେ ଉଭୟଙ୍କର ମୃତ୍ୟୁ ହେଲା । ଯମଦୂତମାନେ ଆସି ଉଭୟ ବେଶ୍ୟାଙ୍କର ଆତ୍ମାକୁ ଯମପୁରକୁ ଧରି ନେଇଗଲେ । ସଂଯୋଗ ବଶତଃ ହରିଶର୍ମା ନାମକ କୃପଣ ବ୍ରାହ୍ମଣର ମଧ୍ୟ ସେହିଦିନ ହିଁ ପ୍ରାଣପାତ ହେଲା । ହରିଭକ୍ତି, ଭଜନ ଓ ପୂଜାର୍ଚ୍ଚନା ସତ୍ତ୍ୱେ ହରିଶର୍ମାର ମୃତ୍ୟୁ ପରେ ତା'ର ଆତ୍ମାକୁ ମଧ୍ୟ ଯମଦୂତମାନେ ଯମପୁରକୁ ନେଲେ । ସେହି ଗୋଟିଏ ଦିନରେ ଏହି ତିନି ଆତ୍ମା ଯମପୁରରେ ପ୍ରବେଶ କଲେ ।

ଯମରାଜାଙ୍କ ଆଦେଶରେ ଚିତ୍ରଗୁପ୍ତ ସେହି ତିନିଜଣଙ୍କର ପାପପୁଣ୍ୟର ପାଞ୍ଜି ଖୋଲି ବିଚାର କରି କହିଲେ— ଆରତୀ ବିଦଗ୍ଧା ବେଶ୍ୟା ଯେତେ ପାପ କରିଛି ତାହା ଗଣି ସଂଖ୍ୟା ନିର୍ଣ୍ଣୟ କରିହେବ ନାହିଁ । ମାତ୍ର ସେ ତା'ର ଅର୍ଜିତ ଧନ ସମ୍ପତ୍ତି ଶ୍ରୀହରିଙ୍କ ପ୍ରୀତ୍ୟର୍ଥେ ଦାନ କରି ଦେବାରୁ କୋଟି କୋଟି ଜନ୍ମର ସକଳ ପାପ ନାଶ ହୋଇଯାଇଛି । ତେଣୁ ସେ ବୈକୁଣ୍ଠ ପୁରରେ ବସିବା ଯୋଗ୍ୟା ଅଟନ୍ତି । ବ୍ରାହ୍ମଣୀ କ୍ଷେମଙ୍କରୀ ଯେତେ ପାପ ଅର୍ଜିଛି ତାହା ମଧ୍ୟ ଭାଷାରେ କହିହେବ ନାହିଁ । କିନ୍ତୁ ଏ ବାଲ୍ୟକାଳରୁ ଗୋରୁଗାଈ ଓ ମଣିଷମାନଙ୍କୁ ଜଳଦାନ ଦେଇଅଛି । ତେଣୁ ତା'ର ମଧ୍ୟ ସମସ୍ତ ପାପ ନଷ୍ଟ ହୋଇଯାଇଛି । ହରିଶର୍ମା ବ୍ରାହ୍ମଣ ଶ୍ରୀହରିଙ୍କ ପରମ ଭକ୍ତ ଅଟେ । ତେଣୁ ସେ ମଧ୍ୟ ଯମଦଣ୍ଡରୁ ମୁକ୍ତ ।

ଏହାଶୁଣି ସ୍ୱୟଂ ଯମରାଜ ଏହି ତିନି ଆତ୍ମାକୁ ବିଷ୍ଣୁଙ୍କ ସମାନ ସ୍ତୁତି କଲେ । ସେମାନଙ୍କ ଚରଣ ତଳେ ପଡ଼ି ପ୍ରଣାମ କଲେ ଓ ଧୂପ, ଦୀପ, ଗନ୍ଧ, ପୁଷ୍ପ, ବସ୍ତ୍ରାଦି ଅଳଂକାର ଦେଇ ଚରଣ ପୂଜାକଲେ । ରତ୍ନ ସିଂହାସନରେ ତିନିଜଣଙ୍କୁ ବସାଇଲେ । ତାଙ୍କୁ ଭକ୍ତି ସହକାରେ ନେଇ ବୈକୁଣ୍ଠପୁରରେ ଛାଡ଼ି ଦେଇ ଆସିଲେ । ଶ୍ରୀହରି ବୈକୁଣ୍ଠରେ ଏ ତିନିଜଣଙ୍କ ମଧ୍ୟରୁ ବେଶ୍ୟା ଓ ବ୍ରାହ୍ମଣୀକୁ ଅନୁଗ୍ରହ କରି ଶ୍ରୀହରିଙ୍କର ସେବା ଅଧିକାର ଦେଲେ ଓ ବ୍ରାହ୍ମଣଙ୍କୁ ପରମ ସନ୍ତୋଷରେ ନିଜପଦ ପ୍ରଦାନ କଲେ । ମାତ୍ର କୃପଣତା ହେତୁ ତା'କୁ ଆହାର ଦେଲେ ନାହିଁ କିମ୍ବା ତା' ମୁହଁକୁ ମଧ୍ୟ ଚାହିଁଲେ ନାହିଁ ।

# ଦାନର ମହିମା

"ସଂକ୍ଷେପେ କହୁଛି ଶୁଣ ମହିମା ଦାନର । ଭୂମିଦାନ ଜାଣ ସବୁ ଦାନ ମଧ୍ୟେ ସାର ॥
ଗୋଚର୍ମ ମାତ୍ରକେ ଭୂମି ବିପ୍ରେ ଯେ ଦିଅଇ । ସବୁ ପାପ ନାଶି ସେହୁ ମୁକତି ଲଭଇ ॥
ଦରିଦ୍ର ବିପ୍ରକୁ ଶସ୍ୟଭୂମି ଦେଲେ ଦାନ । ଚିରକାଳ ବସେ ସେହି ବୈକୁଣ୍ଠ ଭୁବନ ॥
ଗ୍ରାମମାନ ବ୍ରାହ୍ମଣଙ୍କୁ ଦାନ ଯେ ଦିଅଇ । ସବୁ ପାପ ନାଶିଣ ସେ ବୈକୁଣ୍ଠେ ବସଇ ॥
ପରଜନ୍ମେ ମର୍ତ୍ତ୍ୟପୁରେ ହୁଏ ଚକ୍ରବର୍ତ୍ତୀ । ପୁଣ୍ୟ କର୍ମ କରି ପୁଣି ଲଭଇ ମୁକତି ॥
ଦୁଗ୍ଧବତୀ ଗାଈ ଦାନ ଦେଲେ ବିପ୍ରବରେ । ପୃଥ୍ୱୀଦାନ ଫଳ ସେହି ପାଏ ଅକ୍ଳେଶରେ ॥
ଦରିଦ୍ର ବିପ୍ରକୁ ବୃକ୍ଷଦାନ ଯେ ଦିଅଇ । ଦେବରାଜ ହୋଇ ବସେ ରୁଦ୍ରଲୋକେ ଯାଇ ॥
ସୁବର୍ଣ୍ଣ ତିଳ ମିଶାଇ ଦାନ ଯେ ଦିଅଇ । କୋଟି କଳ୍ପ ସେ ଯେ ବିଷ୍ଣୁ ଭୁବନେ ବସଇ ॥
ଦିବ୍ୟ ଖଟ ପଲ୍ୟଙ୍କ ଯେ ବିପ୍ରେ ଦିଏ ଦାନ । ସବୁ ପାପ ନାଶି ବସେ ସେ ଇନ୍ଦ୍ର ଭୁବନ ॥
ଶାଳଗ୍ରାମ ଦାନ ଯେହୁ ଦିଏ ବିପ୍ରବରେ । ସାତଦ୍ୱୀପ ସିନ୍ଧୁ ଦେଲା ଫଳ ହୋଏ ତାରେ ॥
ଅଳଂକାର ସହିତେ ଯେ କରେ କନ୍ୟାଦାନ । ପାପ ନାଶି ବସଇ ସେ ବ୍ରହ୍ମାର ଭୁବନ ॥
କହୁଛି ଗୁପତ ଯାହା ମହିମା ଦାନର । ବାସ୍ତବ କରମେ ଏହା ପାଳି ଘେନା କର ॥
ମନ୍ଦିର ନିର୍ମାଣ ପାଇଁ ଅର୍ଥ ଦାନ ଦେଲେ । କୋଟି ଜନ୍ମାନ୍ତର ପାପ ନାଶ ଯାଇ ଭଲେ ॥
ଜନ୍ମମୃତ୍ୟୁ ଚକ୍ରରୁ ସେ ଲଭଇ ଉଦ୍ଧାର । ତା'ପାଦେ ଲୋଟଇ ସର୍ବପୁଣ୍ୟ ପାରାବାର ॥
ମଠ ପାଇଁ ଦାନ ଦେଲେ ସନ୍ତୁଷ୍ଟ ମନରେ । ତା'ଶରୀର ପୂର୍ଣ୍ଣ ହୁଏ ପୁଣ୍ୟର ଧନରେ । ॥
ସେ ପୁଣ୍ୟ ବଳରୁ ବସେ ବିଷ୍ଣୁଲୋକେ ଯାଇ । ଜନ୍ମଜନ୍ମାନ୍ତରେ ବିଷ୍ଣୁ ପାଦ ସେବୁ ଥାଇ ॥
ସାଧୁସଙ୍ଗ ପାଇଁ ଦାନ ଦେଉଥାଇ ଯେହୁ । ବିଷ୍ଣୁଲୋକେ ପାଦସେବା ଲାଭକରେ ସେହୁ ॥
ଅର୍ଥ ସତ୍ତ୍ୱେ ଦାନ ଯେହୁ ନ ଦିଏ ପାମର । କୁକୁର କୁକୁରୀ ହୁଏ ଜନ୍ମ ଜନ୍ମାନ୍ତର ॥
ପ୍ରଭୁ ସେବା ପାଇଁ ଯେହୁ ନିୟମିତ ଦାନ । ଦେଉଥାଏ ଦେହ ବହି ଧନ୍ୟ ତା ଜୀବନ ॥
ପ୍ରଭୁପାଦ ସେବା ଯୋଗ୍ୟ ସେହୁ ହୋଇଥାଇ । ଜନ୍ମଜନ୍ମାନ୍ତରେ ପ୍ରଭୁଦାସ ସେ ହୁଅଇ ॥
ଜୀବନରେ ଦାନ ଦେଇ ନିଃଶେଷ ଯେ ହୁଏ । ପରଲୋକେ ବିଷ୍ଣୁସେବା ଅଧିକାର ପାଏ ॥
ପ୍ରାଣଥାଉ ଦାନ କରି ସକଳ ଯେ ଦେଇ । ପ୍ରାଣାନ୍ତେ ନିର୍ବାଣ ଲଭି ବ୍ରହ୍ମରେ ମିଶଇ ॥

ଉପରୋକ୍ତ ଗଚ୍ଛାଂଶ ଓ ପୁରାଣର ଉଦ୍ଧୃତାଂଶରେ ଦାନଧର୍ମର ଗୁପ୍ତ ମହିମା ମହତ୍ତ୍ୱ ପ୍ରସଙ୍ଗରେ ସ୍ପଷ୍ଟ ନିର୍ଦ୍ଦେଶ ରହିଅଛି । ଏହା ବାସ୍ତବ କର୍ମଜୀବନରେ ପାଳନ କରିବା ହିଁ ସାଧନା । ତେଣୁ ଏହାର ମୀମାଂସା ଖଣ୍ଡ ପ୍ରକାଶ କରାଯାଉ ନାହିଁ ।

-ସଂପାଦକ, "ଚରମ'

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ
# ମୋହ



ମୋହ ସାଧନାପଥର ମାରାତ୍ମକ ବାଧକ । ମୋହବଶରୁ ସାଧକର ସାଧନା, ଯୋଗୀର ଯୋଗ ନଷ୍ଟ ହୁଏ ଭ୍ରଷ୍ଟ ହୁଏ । ସାଧକ ଯୋଗୀ ଯୋଗ ସାଧନ ପଥରୁ ଚ୍ୟୁତ ହୁଏ । ସବୁ ପ୍ରକାର ମୋହ କିନ୍ତୁ ବାଧକ ହୋଇ ନଥା'ନ୍ତି । କେତେକ ମୋହ ସାଧନା ଓ ଯୋଗ ପଥରେ ସାଧକଯୋଗୀର ସହାୟକ ମଧ୍ୟ ହୋଇ ଥାଆନ୍ତି । ମୋହ-ସାଧକ, ପୁଣି ସହାୟକ ! ଏପରି ବିରୋଧାଭାଷ ଅବଶ୍ୟ ସୃଷ୍ଟି ହେବା ସ୍ୱାଭାବିକ । ଏହା ମନ ମଧ୍ୟରେ ଭ୍ରାନ୍ତି ତୋଳେ । ଏହି ଭ୍ରାନ୍ତିର ଅବସାନ ନିମନ୍ତେ 'ଚରମ' ପୃଷ୍ଠାରେ 'ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ' ଶୀର୍ଷକ ସ୍ତମ୍ଭରେ 'ମୋହ'ର ଅବତାରଣା ।

## ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ

ସସ୍ତ୍ରୀକ ମୋହ ସମ୍ବନ୍ଧରେ ଜ୍ଞାତ ହେବା ଅବକାଶରେ ପ୍ରଭୁପାଦ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ପଦ୍ମପାଦପୀଠରେ ଜିଜ୍ଞାସୁ ଭକ୍ତ ବିନୀତ ପ୍ରାର୍ଥନା କରନ୍ତି :

**ଶିଷ୍ୟ ଉବାଚ :**

ହେ ପ୍ରଭୁ ପରମ ଈଶ୍ୱର । ବତ୍ସକୁ ଦେବ, ଦୟାକର ॥
ସସ୍ତ୍ରୀକ ମୋହର ବିଭାଗ । କହନ୍ତୁ ବହି ଅନୁରାଗ ॥
ମନରେ ବହିଣ ସନ୍ତୋଷ । ଦୀନ ଅଧମେ କରତୋଷ ॥
କ୍ଷମିଣ ଶତ ଅପରାଧ । ପୂରଣ କର ମନସାଧ ॥
ଶ୍ରୀପଦେ କୋଟି ଦଣ୍ଡବତ । କରାଅ ତତ୍ତ୍ୱ ଅବଗତ ॥
ତତ୍ତ୍ୱ ଶ୍ରବଣେ କଟେ ଭୀତି । ଲଭୁଛି ନିତି ଅନୁଭୂତି ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

କହୁଛି ଏହାର ବିଭାଗ । ଶୁଣ ଧରିଣ ଅନୁରାଗ ॥
ବିଭାଗ ଆଉ ଏକ ଅଛି । ତହିଁରୁ କହୁଅଛି କିଛି ॥
ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ । ନାମରେ ସିନା ତା'କୁ କୁହ ॥

ଜିଜ୍ଞାସୁ ଭକ୍ତର ଅନୁସନ୍ଧିତ୍ସାପୂର୍ଣ୍ଣ ଅନୁନୟରେ ପରମପ୍ରୀତି ଲାଭ କରି ଠାକୁରେ ସ୍ନେହପୂର୍ଣ୍ଣ କୋମଳ ଭାଷାରେ କହନ୍ତି, ବତ୍ସ, ସସ୍ତ୍ରୀକ ମୋହର ବିଭାଗ ଏବେ ଆଲୋଚନା କରୁଅଛି, ଅନୁରାଗର ସହିତ ଏହା ଶ୍ରବଣ କର । ଏ ତତ୍ତ୍ୱ ଶ୍ରବଣ କଲେ, ତୁମ ମନରୁ ଭ୍ରାନ୍ତି ଦୂରୀଭୂତ ହୋଇଯିବ । ସସ୍ତ୍ରୀକ ମୋହର ଅନ୍ୟ ଏକ ବିଭାଗ ରହିଛି । ତାହାର ନାମ

ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ । ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ ସମ୍ପର୍କରେ ଏବେ ତୁମକୁ କହୁଅଛି । ଏହାପରେ ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ ସମ୍ବନ୍ଧରେ ଆଲୋଚନା ଆରମ୍ଭ କରିବାକୁ ଯାଇ ପରମ ପ୍ରେମମୟ ଚରମନାଥ ଶ୍ରୀ ଗୁରୁସ୍ୱାମୀ କହିବାକୁ ଆରମ୍ଭ କଲେ :

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଏ ମୋହେ ପ୍ରାଣୀ ସଂସାରରେ । **ରହି ସୁପଥେ ଗତି କରେ** ॥
**ଗୃହରେ ରହି ଯେଉଁ ପ୍ରାଣୀ । କର୍ମ ଯୋଗର ଧାରା ଜାଣି** ॥
**ଗୁରୁ ଆଦିଷ୍ଟ ପଥେ ଚଳେ । ଈଶ୍ୱର ପ୍ରାପ୍ତି ମନ ବଳେ** ॥
**ନିୟମିତ କାର୍ଯ୍ୟାନୁଷ୍ଠାନ । କରଇ ଦୈନିକ ଗ୍ରହଣ** ॥
**ପୁତ୍ର କଳତ୍ର ସଙ୍ଗେ ଧରି । ଗୁରୁଙ୍କ ଦୀକ୍ଷାକୁ ଆଚରି** ॥
**ଆତ୍ମ ଦର୍ଶନେ ମତି ଦେଇ । ଭୋଗଇ ପତ୍ନୀ ପାଶେନେଇ** ॥
**ଉଭୟେ ଏକତ୍ର ହୋଇଣ । କରନ୍ତି ବୀଜମନ୍ତ୍ର ଧ୍ୟାନ** ॥
**ପରିପୂରକ ଉଭୟର । ହୁଅନ୍ତି ବେନି ନାରୀନର** ॥
**ଜାୟା ଓ ପତି ସଙ୍ଗ କରି । ଆନନ୍ଦ ଭାବ ହୃଦେ ଧରି** ॥
**ଗୁରୁଙ୍କ ସ୍ଥୂଳ ମୂର୍ତ୍ତି ଧ୍ୟାନ । ସହିତ ମନ୍ତ୍ରର ମନନ** ॥
**କରି ଯେ ଦିବ୍ୟଭାବ ମିଳେ । ତହୁଁ ଅମୃତ କଣା ଗଳେ** ॥
**ଯମ, ନିୟମ, ଧ୍ୟାନାସନ । ଏକତ୍ର କରି ସମାପନ** ॥
**ବିଧି ନିଷେଧ ମାନି ଚଳି । ଥାଆନ୍ତି ବେନି ସୁଖେ ମିଳି** ॥
**ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ । ଏହାକୁ ବତ୍ସ, ବୁଝି କୁହ** ॥
**ଅଧ୍ୟାତ୍ମ ଭାବ ସୃଜେ ଏହା । ବନ୍ଧକୁ ମିଳେ ନାହିଁ ତାହା** ॥

ଠାକୁରେ ଅନୁସନ୍ଧିତ୍ସୁ ବତ୍ସକୁ ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ ବିଷୟରେ ବୁଝାଇବାକୁ ଯାଇ କହିଲେ, ବତ୍ସ ! ସସ୍ତ୍ରୀକ ଆଧ୍ୟାତ୍ମିକ ମୋହରେ ରହି ପ୍ରାଣୀ ସଂସାରରେ ଥାଇ ମଧ୍ୟ ସୁପଥରେ ସୁନୀତିରେ ଗତି କରେ । ଯେଉଁ ପ୍ରାଣୀ ଗୃହସଂସାର କରି ମଧ୍ୟ କର୍ମଯୋଗର ବିହିତ ଧାରା ଜାଣି ଈଶ୍ୱର ପ୍ରାପ୍ତି ନିମନ୍ତେ ମନ ବଳାଇ ନିୟମିତ କର୍ମଧାରା ଅଭ୍ୟାସ କରି ଶ୍ରୀଗୁରୁଙ୍କ ଦ୍ୱାରା ଆଦିଷ୍ଟ ପଥରେ ଚଳେ, ସ୍ତ୍ରୀ ପୁତ୍ର କନ୍ୟାଦିଙ୍କ ସହିତ ପାରିବାରିକ ଜୀବନଯାପନ ସହିତ ଶ୍ରୀଗୁରୁଙ୍କ ଶିକ୍ଷାଦୀକ୍ଷାକୁ ଗ୍ରହଣ କରି, ବୈଦିକ ଆଚରଣ କରି, ଆତ୍ମଦର୍ଶନ ନିମନ୍ତେ ମନ ଦେଇ ଅଭ୍ୟାସ କର୍ମଧାରା ପାଳନ କରୁଥାଏ, ସେ ବ୍ୟକ୍ତି ସସ୍ତ୍ରୀକ ଆଧ୍ୟାତ୍ମିକ ମୋହର କ୍ରିୟାଶୀଳତା ମଧ୍ୟରେ ଆଧ୍ୟାତ୍ମିକ କର୍ମରେ ରହିଅଛି ବୋଲି ବୁଝିବାକୁ ହେବ । ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ବିଧି ନିଷେଧ ମାନି ଏକତ୍ର ହୋଇ ଧ୍ୟାନ ପ୍ରାର୍ଥନାଦି ସହିତ ବୀଜମନ୍ତ୍ର ଜପ କରି ଉଭୟ ଉଭୟଙ୍କର ପରିପୂରକ ହୋଇଥାଆନ୍ତି । ଉଭୟ ନରନାରୀ ଜାୟା ଓ ପତି ସାଙ୍ଗ ହୋଇ ହୃଦୟରେ ଆନନ୍ଦ ଭାବକୁ ଧରି ଶ୍ରୀଗୁରୁଙ୍କର ସ୍ଥୂଳ ମୂର୍ତ୍ତି ଧ୍ୟାନ କରିବା ସହିତ ବୀଜମନ୍ତ୍ର ମନନ କରିବା ଦ୍ୱାରା ଦିବ୍ୟଭାବ ଲାଭ କରନ୍ତି । ଏହି ଦିବ୍ୟଭାବ ଦୁର୍ଲଭ ଅଟେ, ଏଥିରୁ ଅମୃତକଣା ଝରିପଡୁଥାଏ । ସସ୍ତ୍ରୀକ ଆଧ୍ୟାତ୍ମିକ ମୋହରେ ନିବିଷ୍ଟ ଦମ୍ପତି ହିଁ କେବଳ ସେହି ଅମୃତ ରସ ପାନ କରିବା ପାଇଁ ଯୋଗ୍ୟ ଅଟନ୍ତି । ଯମ, ନିୟମ,

ଆସନ, ଧ୍ୟାନ, ଧାରଣାଦି ଅଷ୍ଟାଙ୍ଗ ଯୋଗମାର୍ଗରେ ଏହି ଦମ୍ପତି ଏକତ୍ର ସାଧନ ଭଜନ କରି ଉଭୟେ ସୁଖରେ ସାଂସାରିକ ଜୀବନ ଅତିବାହିତ କରନ୍ତି। ଆଧ୍ୟାତ୍ମିକ ମନୋଭାବାପନ୍ନ ସସ୍ତ୍ରୀକ ଆଧ୍ୟାତ୍ମିକ ମୋହାବିଷ୍ଟ ଦମ୍ପତି ଏତାଦୃଶ ଅଧ୍ୟାତ୍ମ ଭାବର ଅଧିକାରୀ ହୋଇଥାଆନ୍ତି । ବଦ୍ଧ ଜୀବଗଣଙ୍କୁ ଏହି ଭାବ ବା ସୁଖ ପ୍ରାପ୍ତ ହୁଏ ନାହିଁ । ବତ୍ସ, ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ ବିଷୟରେ ଏଥର ତୁମେ ଧାରଣା କରି ପାରିଥିବ ବୋଲି ଆମେ ବିଶ୍ୱାସ କରୁଅଛୁ ।

**ତତ୍ତ୍ୱମାଳିକା ଭଜନ :**

ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ ବନ୍ଧନ । କରେ ଅଧ୍ୟାତ୍ମ ଭାବର ଉନ୍ନୟନ ॥
ଦମ୍ପତି ସୁଖେ ଦିବ୍ୟ ଭାବରେ ମିଳି । ବିଧି ବିଧାନେ ଏହି ପଥରେ ଚଳି ॥
କରନ୍ତି ସାଧମତେ ଧର୍ମ ଧାରଣା । ମୋହର ସଂସାରରେ ଘର କରଣା ॥
ବିଧି ନିଷେଧ ମାନି ମୈଥୁନ ରତି । କରନ୍ତି ଶୁଦ୍ଧ ପୁତେ ଜାୟା ଓ ପତି ॥
ଜନ୍ମ ନିଅନ୍ତି ଗର୍ଭେ ଦିବ୍ୟ ସନ୍ତାନ । ସୃଷ୍ଟି ରକ୍ଷା ଅର୍ଥରେ ଏହି ବିଧାନ ॥
କାମ ପ୍ରବୃତ୍ତି ସହ ଅଧ୍ୟାତ୍ମ ଭାବ । ମିଳନ ହେଲେ ହୁଏ ସୁଖ ପ୍ରସବ ॥
ସେ ସୁଖ ଦିଏ ପୁଣି ମହା ଆନନ୍ଦ । ଶାନ୍ତି ଦିଅନ୍ତି ହେଲେ ପରମାନନ୍ଦ ॥
ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ ବନ୍ଧନ । ମିଳନ ଯଜ୍ଞେ ଦିଏ ଦିବ୍ୟ ଇନ୍ଧନ ॥

**ଶିଷ୍ୟ ଉବାଚ :**

ହେ ପ୍ରଭୁ, ଗୁରୁସ୍ୱାମୀ ମୋର । ଜୀବନ ଦେବତା ଠାକୁର ॥
ପରମାନନ୍ଦ ଦେବ ହରି । କହିବ ମୋତେ ଦୟାକରି ॥
ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ । ବିଭାଗ ତା'ର ଥିଲେ କୁହ ॥


ଏ ଉତ୍ତାରୁ ଜିଜ୍ଞାସୁ ଶିଷ୍ୟ ସସ୍ତ୍ରୀକ ଆଧ୍ୟାତ୍ମିକ ମୋହର ବିଭାଗ ସମ୍ପର୍କରେ ଜାଣିବା ପାଇଁ ଇଚ୍ଛା କରି ଜୀବନଦେବତା ଠାକୁର ଶ୍ରୀ ଗୁରୁସ୍ୱାମୀଙ୍କ ପାଦପଦ୍ମରେ ସବିନୟ ନିବେଦନ କରନ୍ତି । ପରମ କାରୁଣିକ ଜ୍ଞାନସାଗର କରୁଣାର ଅବତାର ଠାକୁରେ ମଧ ପ୍ରିୟ ଶିଷ୍ୟର ମାନସିକ ଅବସ୍ଥାକୁ ଲକ୍ଷ୍ୟରେ ରଖି ପରମ ଆନନ୍ଦରେ କହନ୍ତି :

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଏହାର ଦୁଇଟି ବିଭାଗ । ଶୁଣିବ ବହି ଅନୁରାଗ ॥
ଶୁଣ ହୋ ବତ୍ସ ଧ୍ୟାନ ଦେଇ । କହୁଛି ଏ ତତ୍ତ୍ୱ ବୁଝାଇ ॥
ଗୃହସ୍ଥ ଆର୍ଯ୍ୟଗୁରୁ ମୋହ । ଗୃହସ୍ଥ ରାଜଗୁରୁ ମୋହ ॥
ଏହି ଦୁଇଟି ବିଭାଗରେ । ଏ ମୋହ ତତ୍ତ୍ୱଜ୍ଞାନ ଧରେ ॥

ଠାକୁରେ ପରମ ସନ୍ତୋଷରେ ପ୍ରିୟ ଶିଷ୍ୟର ଜିଜ୍ଞାସା ହୃଦୟଙ୍ଗମ କରି ସମାଧାନ ଦେଇ ସୁଲଳିତ ମଧୁର ସ୍ୱରରେ କହନ୍ତି : ବତ୍ସ ! ହୃଦୟରେ ଅନୁରାଗ ଭରି ମନଧ୍ୟାନ ଦେଇ ଶୁଣ । ସସ୍ତ୍ରୀକ ଆଧ୍ୟାତ୍ମିକ ମୋହର ତତ୍ତ୍ୱ ବୁଝାଇ କହୁଅଛି । ଏହି ମୋହର ଦୁଇଗୋଟି ବିଭାଗ ଅଛି । ପ୍ରଥମତଃ ଗୃହସ୍ଥ ଆର୍ଯ୍ୟଗୁରୁ ମୋହ ଏବଂ ଦ୍ୱିତୀୟରେ ହେଉଛି ଗୃହସ୍ଥ ରାଜଗୁରୁ ମୋହ । ଏହି ଦୁଇଗୋଟି ବିଭାଗରେ ସସ୍ତ୍ରୀକ ଆଧ୍ୟାତ୍ମିକ ମୋହର ନିଗୂଢ଼ ତତ୍ତ୍ୱ ରହିଅଛି ।

# ଗାରୁଡ଼ସ୍ତମ୍ଭ



**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ** **ନାରୀ ହିଁ ପ୍ରକୃତି**

ପ୍ରକୃତି ସ୍ୱରୂପିଣୀ ମାୟା ଦେବୀ ହିଁ ଅଟନ୍ତି । ଜାଗତିକ ବିଚାର ବୁଦ୍ଧିରେ ସେ ଜନନୀ, ଜାୟା, ଭଗିନୀ, କନ୍ୟା ରୂପରେ ଜାଗତିକ ସମ୍ପର୍କ ରକ୍ଷା କରି ସମାଜର ଅଶେଷ କଲ୍ୟାଣ ସାଧନ କରି ଚାଲିଛନ୍ତି । କିନ୍ତୁ ପ୍ରତ୍ୟେକ ନାରୀ ଅଙ୍ଗରେ ପ୍ରଚ୍ଛନ୍ନ ଭାବରେ ମାୟା ଅଂଶ ଲୁଚି ରହିଛି । ସେହି ମାୟାଂଶର ପ୍ରଭାବରୁ ପ୍ରତ୍ୟେକ ନାରୀ (ସେ ଜନନୀ ବା ଜାୟା ହୁଅନ୍ତୁ, ଭଗିନୀ ବା କନ୍ୟା ହୁଅନ୍ତୁ) ସ୍ନେହ, ମମତା, ପ୍ରେମ ଶ୍ରଦ୍ଧାର ଅଫୁରନ୍ତ ଉତ୍ସ ହୋଇ ଛିଡ଼ା ହୋଇଛନ୍ତି । ସମାଜରେ ତେଣୁ ନାରୀ ଜାତିର ସମ୍ମାନ ରକ୍ଷା କରିବା ପ୍ରତ୍ୟେକଙ୍କର ସର୍ବ ପ୍ରଥମ କର୍ତ୍ତବ୍ୟ ଅଟେ । ମାତୃଜାତିକୁ ସଚେତନ କରି ସାମାଜିକ ସଂସ୍କାର ଆଣିବା ଆମର ପ୍ରଧାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

**'ଚରମ' : ଷଷ୍ଠପୁଷ୍ପ : ଷଷ୍ଠ ପାଖୁଡ଼ା : ଏକତ୍ରିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ-**

**ଭାବାଂଶ** **(୧) ବୈଷ୍ଣବୀ ମାୟା**

## (୨) ଭୂମା ମାୟା

ପ୍ରଥମେ ପୂର୍ବବର୍ତ୍ତୀ ସଂଖ୍ୟାରେ ଆଲୋଚନା କରାଯାଇଥିବା ଅସମାପ୍ତ ଆଭୂମା ମାୟା ପ୍ରସଙ୍ଗର ଅବଶିଷ୍ଟାଂଶ ଆଲୋଚନା ସମାପ୍ତ କରିବା ପରେ ବୈଷ୍ଣବୀ ମାୟାର ଦ୍ୱିତୀୟ ଭାବାଂଶ ଭୂମା ମାୟା ପ୍ରସଙ୍ଗରେ ଆଲୋଚନା କରିବା ।

ଆଭୂମା ମାୟା ଶକ୍ତିର ଜ୍ୱଳନ ଫଳରେ ଅସଂଖ୍ୟ ବ୍ରହ୍ମବିନ୍ଦୁ ପ୍ରତି ମୁହୂର୍ତ୍ତରେ ସୃଷ୍ଟି ହୋଇଥାଆନ୍ତି । ସୃଷ୍ଟି ହେବା ପରେ ଏହି ବ୍ରହ୍ମବିନ୍ଦୁମାନେ କୈବଲ୍ୟ ବ୍ରହ୍ମଙ୍କର ଚାରିପାର୍ଶ୍ୱରେ ସ୍ଥିର ହୋଇ ରହି ଯାଆନ୍ତି । ଏହି ସ୍ଥିର ବ୍ରହ୍ମବିନ୍ଦୁ ଶକ୍ତିକୁ ଆଭୂମା ସଂକଳ୍ପ ଶକ୍ତି କୁହାଯାଏ ।

ବିଜେନ୍ଦ୍ରିୟ ବୃତ୍ତି ମଣ୍ଡଳର ଯାବତୀୟ ବିକୃତ ଭାବ ଇଙ୍ଗିତ ଦ୍ୱାରା ଚାଲିଥାଏ । ଏପରି ହେବାର କାରଣ ହେଉଛି ଯେ, ସତ୍ୟ ସଂକଳ୍ପ ସିଦ୍ଧ ଭାବକୁ ବିକଳ୍ପ ଶକ୍ତି ଘୋଡ଼େଇ ରଖିଥାଏ । କୈବଲ୍ୟ କାରଣ ଜଗତରୁ ସୂକ୍ଷ୍ମଭୂମି ପର୍ଯ୍ୟନ୍ତ ଧବଳବର୍ଣ୍ଣ ଧାରଣ କରି ଲମ୍ବାକୃତି ହୋଇ ବିସ୍ତୃତ ହୋଇ ରହିଛି । ସୃଷ୍ଟିର ଯେତେ କୈବଲ୍ୟ ଅଙ୍ଗ ଧରାପୃଷ୍ଠକୁ ଆସିଛନ୍ତି, ପ୍ରତ୍ୟେକଙ୍କର ଜ୍ଞାନ ବିଜ୍ଞାନ ଶକ୍ତିର ଗୃହକୁ ମଣ୍ଡଳାକାରରେ ଆଭୂମା ମାୟା ବେଷ୍ଟନ କରି ଜଗି ରହିଛନ୍ତି । ଏହି କାରଣରୁ ସେହି କୈବଲ୍ୟ ଅଙ୍ଗମାନେ ଧରାଧାମରେ

ସ୍ୱେଚ୍ଛାରେ ଜ୍ଞାନ ବିଜ୍ଞାନ ଶକ୍ତି ପ୍ରୟୋଗ କରି ଜ୍ଞାନ ବିଜ୍ଞାନ ତତ୍ତ୍ୱ ବିତରଣ କରି ପାରନ୍ତି ନାହିଁ । ଆଭୂମା ମାୟା ସେମାନଙ୍କୁ ଆଚ୍ଛନ୍ନ କରି ରଖିଥାଏ । ସମସ୍ତ ତତ୍ତ୍ୱ ବିତରଣ ସୁଯୋଗ ଦିଏ  ନାହିଁ । ଏହା ନ ହେଲେ, ଜଣେ କୈବଲ୍ୟ ଅଙ୍ଗ ଧରାପୃଷ୍ଠରେ ସକଳ ଆବଶ୍ୟକ ଜ୍ଞାନବିଜ୍ଞାନ ତତ୍ତ୍ୱ ପ୍ରଚାରପ୍ରସାର କରି ଦେଇଯିବେ ଓ ଅନ୍ୟ କୈବଲ୍ୟ ଅଙ୍ଗ ପୃଥିବୀକୁ ଆସିବା ଆବଶ୍ୟକ ପଡ଼ିବ ନାହିଁ। ଏହାଦ୍ୱାରା ବ୍ରହ୍ମଙ୍କର ଲୀଳା ବାଧା ପ୍ରାପ୍ତ ହେବ । ବ୍ରହ୍ମପୁରୁଷ ଲୀଳା ରଚନା କରିବା ପାଇଁ ଏକରୁ ଅନେକରେ ପ୍ରକାଶିତ ଓ ପ୍ରତିଭାତ ହୋଇଅଛନ୍ତି। ତାଙ୍କର ଲୀଳା ପାଇଁ ଏକ ନୁହେଁ ଅନେକଙ୍କୁ ଲୋଡ଼ା ପଡ଼େ । ଏକରେ କ'ଣ ଖେଳ ହୁଏ ନା ଲୀଳା ହୁଏ ? ଖେଳ ଜମେ ନା ଲୀଳା ଜମେ ? ? ଏହି କାରଣରୁ ବ୍ରହ୍ମଙ୍କର ନିର୍ଦ୍ଦେଶାନୁସାରେ ତାଙ୍କର ଲୀଳା ପ୍ରସଙ୍ଗ ମନୋରମ ଓ ମନୋଜ୍ଞ କରିବା ଲକ୍ଷ୍ୟରେ ବୈଷ୍ଣବୀ ମାୟାର ଭାବାଂଶ ଆଭୂମା ମାୟା ଏହି ପ୍ରକାର ରହସ୍ୟ ସୃଷ୍ଟି କରେ । ଆଭୂମା ମାୟାର ପ୍ରଭାବରୁ କୈବଲ୍ୟ ଅଙ୍ଗମାନଙ୍କର ସତ୍ୟ ସଂକଳ୍ପ ସିଦ୍ଧଭାବକୁ ସେମାନଙ୍କ ମଧ୍ୟରେ ଥିବା ବିକଳ୍ପ ଶକ୍ତି ଘୋଡ଼ାଇ ରଖିଥାଏ । ସେମାନେ ସତ୍ୟତତ୍ତ୍ୱକୁ ସଂପୂର୍ଣ୍ଣ ଭାବରେ ଧରାପୃଷ୍ଠରେ ସେମାନଙ୍କ ଜୀବନକାଳ ମଧ୍ୟରେ ପ୍ରଚାର ପ୍ରସାର କରିପାରନ୍ତି ନାହିଁ ।

ଆହୁରି ମଧ୍ୟ ବ୍ରହ୍ମଙ୍କର ଇଚ୍ଛାମତେ ଗୋତ୍ରାଦି ମଣ୍ଡଳର କାରଣ ସୂତ୍ରାଦି ଦାୟିତ୍ୱରେ ଆଭୂମାମାୟା ରହିଛନ୍ତି । କେଉଁ ଜୀବବ୍ରହ୍ମ କେଉଁ ଗୋତ୍ର, କେଉଁ ବର୍ଣ୍ଣ, କେଉଁ ଶାଖା, କେଉଁ ପ୍ରଶାଖାରେ ଧରାଧାମରେ ଭୂମିଷ୍ଠ ହେବ, ତାହା ଏହି ଆଭୂମା ମାୟା ହିଁ ନିର୍ଦ୍ଧାରଣ କରିଥାଏ । ଏହି ଦାୟିତ୍ୱ ସମ୍ପନ୍ନ କରିବା ପାଇଁ ଆଭୂମା ମାୟା ବ୍ରହ୍ମଙ୍କ ଠାରୁ କ୍ଷମତା ପାଇଅଛି ।

ବ୍ରହ୍ମ ବିନ୍ଦୁର ପ୍ରଥମ ସ୍ଥାପନାରେ ଅବଶ୍ୟ ଏହି ତତ୍ତ୍ୱ ସତ୍ୟସିଦ୍ଧ ଅଟେ । ପରବର୍ତ୍ତୀ ଜନ୍ମର ବିନ୍ଦୁସ୍ଥାପନା କାଳର ଗୋତ୍ର, ବର୍ଣ୍ଣ, ଶାଖା, ପ୍ରଶାଖାଦି ବ୍ରହ୍ମବିନ୍ଦୁର ପୂର୍ବବର୍ତ୍ତୀ ଜନ୍ମର କର୍ମାନୁସାରେ ନିର୍ଦ୍ଧାରିତ ହୋଇଥାଏ । ସଂସାର ପଥରେ ଯାତ୍ରା ସମୟରେ ପ୍ରତ୍ୟେକ ବ୍ୟକ୍ତି ଏହି କାରଣରୁ ସତର୍କତା ଓ ସାବଧାନତା ସହକାରେ ଚିନ୍ତନ, ବଚନ ଓ କର୍ମଧାରା ପ୍ରୟୋଗ କରି ଚଳିବା ଏକାନ୍ତ ଆବଶ୍ୟକ । ନ ହେଲେ ସଞ୍ଚିତ, କ୍ରିୟମାଣ, ପ୍ରାରବ୍ଧ କର୍ମଫଳରୁ ନୀଚଯୋନିରେ ଜନ୍ମ ଲଭିବା ନିଶ୍ଚିତ ।

ଉପରୋକ୍ତ ଆଲୋଚନାରୁ ଆଭୂମା ମାୟାର କ୍ରିୟାକଳାପ ସମ୍ପର୍କରେ ସ୍ଥୂଳଧାରଣା କରାଯାଇପାରେ । ବ୍ରହ୍ମଙ୍କ ଇଚ୍ଛାନୁସାରେ ବୈଷ୍ଣବୀ ମାୟାର ପ୍ରଥମ ଭାବାଂଶ ଆଭୂମାମାୟା ଏହିପରି ଭାବରେ ବ୍ରହ୍ମଙ୍କର ଲୀଳା ସହଚରୀ ହୋଇ ବିଶ୍ୱବକ୍ଷରେ ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପନ୍ନ କରିଥାଏ ।

ବୈଷ୍ଣବୀ ମାୟାର ଦ୍ୱିତୀୟ ଭାବାଂଶ ହେଉଛି ଭୂମାମାୟା । ଭୂମାମାୟାର ମୁଖମଣ୍ଡଳ ଓ ଶରୀର ରକ୍ତବର୍ଣ୍ଣ (ଲାଲ ଅଟେ) । ଏହାର ଦୁଇବାହୁ । ଉଚ୍ଚତା ବାର ଫୁଟ । ଏହାର କେଶ ଓ ଚକ୍ଷୁ ନୀଳବର୍ଣ୍ଣ ଅଟେ । ବିକଳ୍ପ ଅବସ୍ଥାରେ ଏହା ଉଗ୍ର ସ୍ୱଭାବର ହୋଇଥାଏ କିନ୍ତୁ ସଂକଳ୍ପ ଅବସ୍ଥାରେ ଏହା ଶାନ୍ତସରଳ ସ୍ୱଭାବର ଅଟେ ।

ବ୍ରହ୍ମାଙ୍କର ପଞ୍ଚବାଳକ ସୁତଙ୍କର ପ୍ରାଥମିକ ଜ୍ଞାନ ମହାଶୂନ୍ୟ ଜଗତରେ ଯାହା ଆବଶ୍ୟକ ପଡ଼ିଥିଲା, ତାହା ଏ ଯାବତ୍ ଭୂମାମାୟା ଦ୍ୱାରା ରକ୍ଷଣାବେକ୍ଷଣ ହେଉଅଛି । ଭୂମାମାୟାଙ୍କର ବାହୁଦ୍ୱୟ ବଳିଷ୍ଠ । ଭୂମା ଏହି ଦୁଇ ବଳିଷ୍ଠ ବାହୁଦ୍ୱରା ମହାଶୂନ୍ୟରେ ଦୋଳାୟମାନ ପ୍ରାଥମିକ ଜ୍ଞାନଭଣ୍ଡାରକୁ ସର୍ବଦା ବହନ ଓ

ରକ୍ଷଣାବେକ୍ଷଣ କରୁଅଛନ୍ତି । ଭୂମାମାୟା ବ୍ରହ୍ମାଙ୍କର ପଞ୍ଚବାଳକ ସୁତଙ୍କର ଜ୍ଞାନ ଭୂଲୋକରେ ପ୍ରସାର କରାଇବାର ଦାୟିତ୍ୱ ସମ୍ପନ୍ନ କରୁଅଛନ୍ତି । ଭୂଲୋକକୁ କେଉଁ ମାଧ୍ୟମରେ କେତେ ପରିମାଣର ଜ୍ଞାନ ଯିବା ଆବଶ୍ୟକ ତାହା ସମୟ ଅନୁପାତରେ ଭୂମାମାୟା ପ୍ରେରଣ କରିଥାଆନ୍ତି ।

ମହାଶୂନ୍ୟରେ ଚାରିଗୋଟି ବର୍ଗାକୃତିର ଗୃହ ଗୈରିକ ବର୍ଣ୍ଣ ଧାରଣ କରି ରହିଅଛି । ଏହି ଚାରିଗୋଟି ବର୍ଗାକୃତି ଗୃହରେ ପଞ୍ଚ ବାଳକ ସୁତଙ୍କର ପ୍ରାଥମିକ ଜ୍ଞାନ ମୂଳ ଅବସ୍ଥାରେ ରହିଅଛି । ଏହା ମଧ୍ୟସ୍ଥଳରେ ଭୂମାମାୟା ପ୍ରହରୀ ସଦୃଶ ଜଗିରହି ରକ୍ଷଣାବେକ୍ଷଣ କରୁଅଛି । ଭୂମାମାୟା ଅନ୍ୟ କାହାରିକୁ ସେ ସ୍ଥାନ ମଧ୍ୟରେ ପ୍ରବେଶ କରାଇ ଦିଏ ନାହିଁ । ଭୂଲୋକକୁ ଯେଉଁ ସମୟରେ ଯେଉଁ ଜ୍ଞାନ ଯେଉଁ ପରିମିତରେ ଯେଉଁ ମାଧ୍ୟମରେ ପଠାଯିବ, ତାହା ବ୍ରହ୍ମ ନିର୍ଦ୍ଦେଶ କରିଥାଆନ୍ତି । ବ୍ରହ୍ମଙ୍କ ନିର୍ଦ୍ଦେଶ ଅନୁସାରେ ଭୂମାମାୟା କାର୍ଯ୍ୟ କରନ୍ତି ଓ ବ୍ରହ୍ମଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୁଏ ।

ବ୍ରହ୍ମାଙ୍କର ପଞ୍ଚବାଳକ ସୁତ ସମୟାନୁସାରେ ଅନ୍ୟ ମଣ୍ଡଳକୁ ବେଳେବେଳେ ଭେଦ କରନ୍ତି ବୋଲି ଭୂମାମାୟା ସଦାସର୍ବଦା ଜାଗ୍ରତ ଥାଏ । ସୂକ୍ଷ୍ମଭୂମିର ଭୂସ୍ଥାନି ବ୍ରହ୍ମଙ୍କ ଆଜ୍ଞାନୁସାରେ ଭୂମାମାୟା ବ୍ରହ୍ମାଙ୍କର ପଞ୍ଚ ବାଳକସୁତଙ୍କୁ ସବୁବେଳେ ଜଗି ରହିଅଛି ।

ବୈଷ୍ଣବୀମାୟାର ଦ୍ୱିତୀୟ ଭାବାଂଶ ଭୂମାମାୟା ପ୍ରସଙ୍ଗରେ ଉପରୋକ୍ତ ସଂକ୍ଷିପ୍ତ ଓ ସାଙ୍କେତିକ ଆଲୋଚନାରୁ ସ୍ପଷ୍ଟ ଜଣାଯାଏ ଯେ, ଭୂମାମାୟା ଜାଗ୍ରତ ପ୍ରହରୀ ସଦୃଶ କାର୍ଯ୍ୟରତ ଥିବାରୁ ଓ ବ୍ରହ୍ମଙ୍କ ଆଦେଶ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ନିର୍ବାହ କରୁଥିବାରୁ ମହାଶୂନ୍ୟରୁ ପଞ୍ଚବାଳକ ସୁତଙ୍କର ପ୍ରାଥମିକ ଓ ମୌଳିକ ତତ୍ତ୍ୱଜ୍ଞାନ ଯଥେଚ୍ଛାଚାର ଭାବରେ ଯାହାତାହା ଦ୍ୱାରା ଭୂପୃଷ୍ଠକୁ ଅବତରଣ କରୁନାହିଁ । ସମୟୋପଯୋଗୀ ଜ୍ଞାନ ଯଥାର୍ଥ ବ୍ୟକ୍ତି ମାଧ୍ୟମରେ ଭୂପୃଷ୍ଠକୁ ଅବତରି ଆସି ଜନମଙ୍ଗଳ ଓ ଜଗତକଲ୍ୟାଣକର କାର୍ଯ୍ୟରେ ନିୟୋଜିତ ହେବା ସହିତ ବ୍ରହ୍ମଙ୍କ ଲୀଳାଖେଳାରେ ମଧ୍ୟ ସହାୟକ ହେଉଅଛି । ପାଠକ/ପାଠିକାମାନେ ସାମାନ୍ୟ ଚିନ୍ତା କଲେ, ଏହାର ସତ୍ୟତା ସ୍ଥୂଳ ଜଗତରେ ଅବଶ୍ୟ ଉପଲବ୍ଧି କରିପାରିବେ ଓ ପର୍ଯ୍ୟପ୍ତ ଉଦାହରଣ ମଧ୍ୟ ସଂଗ୍ରହ କରିପାରିବେ ।

(କ୍ରମଶଃ)

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ବରଜି ମିଛ ମାୟା ସରଜି ପୂତ କାୟା
ଧରମଧନ ସଞ୍ଚୁଥିବୁ ।
କାଳେ ଅକାଳେ ପଡ଼ି କରିବୁ ନାହିଁ ରଡ଼ି
ଜନମଙ୍ଗଳ ପାଞ୍ଚୁଥିବୁ ॥

ପରମ ପୁରୁଷର ଇସାରା ପାଇବୁରେ
ନୀଳମଣିର ଧନମଣି ।
ଜୀବନ ଧନ୍ୟ ହେବ ଜନ୍ମ ସଫଳ ହେବ
ଚାଲୁ ଥା' ପାହୁଲ ତୋ' ଗଣି ॥

*ବାଲ୍ୟ ଅବସ୍ଥାରେ ମନ ନିର୍ମଳ ଓ ହୃଦୟ ପବିତ୍ର ଥାଏ। ଜାଗତିକ କୁପ୍ରଭାବ ବାଳକ ବାଳିକାଙ୍କର ଜୀବନରେ ଗଭୀର ରେଖାପାତ କରି ନ ଥାଏ । ଏହିପରି କୋମଳ ବୟସରୁ ଧର୍ମଧାରଣା, ଧ୍ୟାନ ଆସନାଦିରେ ଶିଶୁ କିଶୋର ମାନଙ୍କୁ ପ୍ରୋତ୍ସାହନ ଦେଲେ, ସେମାନେ ସାମାଜିକ ସଂସ୍କାର ଆଣିବାରେ ସଫଳ ହୋଇପାରିବେ । ନିଜ ନିଜକୁ ଆଦର୍ଶ ସ୍ଥାନୀୟ କରି ସମାଜର ଢାଞ୍ଚା ବଦଳାଇ ଦେଇ ପାରିବେ । ସମାଜର ମହାମୂଲ୍ୟ ରତ୍ନ ସଦୃଶ ଏହି ଅଗଣିତ କିଶୋର କିଶୋରୀମାନଙ୍କୁ ସତ୍ ଚରିତ୍ରର ମହତ୍ତ୍ୱ ଶିକ୍ଷା ଦେଇ ସାମାଜିକ ପୃଷ୍ଠଭୂମିରେ ଆଦର୍ଶ ସ୍ୱରୂପ ଗଢ଼ି ତୋଳିବାର ମହତର ଲକ୍ଷ୍ୟରେ 'ଚରମ' ପୃଷ୍ଠାରେ ଏହି ସ୍ଥାୟୀ ନିୟମିତ ସ୍ତମ୍ଭର ଅବତାରଣା । ଆମର ଲକ୍ଷ୍ୟ ପୂରଣରେ ହିଁ ଶ୍ରମର ସାର୍ଥକତା ନିହିତ ।*

**'ଚରମ' : ଷଷ୍ଠପୁଷ୍ପ : ଷଷ୍ଠ ପାଖୁଡ଼ା : ଏକତ୍ରିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ-**

## ଦେବଶିଶୁ ସୁଧାନନ୍ଦ

ସୁଧାନନ୍ଦର ମାଆ ସାରଥୀ ସାବିତ୍ରୀ ବ୍ରତ କରୁଥାଆନ୍ତି । ସାବିତ୍ରୀ ପୂଜା ସରିଲା । ସୁଧାନନ୍ଦ କହିଲେ, ମାଆ, ଯେଉଁ କୋଇଲିର ପରିଚୟ ମାଗୁଥିଲ, ସେ ହେଉଛନ୍ତି ମୋର ପୂର୍ବଜନ୍ମର ତତ୍ତ୍ୱଗୁରୁ । ତାଙ୍କର ନାମ ବ୍ରହ୍ମଚାରୀ ଅମେଧାନନ୍ଦ । ସେ ସେଦିନ ମୋତେ ପିଣ୍ଡତତ୍ତ୍ୱ ପ୍ରଦାନ କରିଗଲେ ।'

ଥରେ ଜାଗର ମେଳା ଦେଖିବାକୁ ମା'ଙ୍କ ସାଥିରେ ସୁଧାନନ୍ଦ ଯାଇଥାଏ । ମେଳାରେ ମା'ଙ୍କ ସହିତ ଲୋକଗହଳରେ ବୁଲୁଥିବା ସମୟରେ ଗୋଟିଏ ବିଷଧର ସାପ କେଉଁଠୁ ଆସି ସୁଧାନନ୍ଦର ଗୋଡ଼ରେ ଗୁଡ଼େଇ ହୋଇଗଲା । ଲୋକମାନେ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । କିଏ କହିଲା ବାଡ଼େଇ ଦେବା ତ ଥୋକେ କହିଲେ ସେ ଶିବଠାକୁରଙ୍କ ସାପ, ତାକୁ ବାଡ଼ାଅ ନାହିଁ । ଆଉ ଥୋକେ କୁହାକୁହି ହେଲେ ଏ ପିଲାଟିର ଦେବଅଂଶ ଜନ୍ମ ଅଛି । ତା' ପାଖକୁ ଯାଅ ନାହିଁ । କ'ଣ ହେଉଛି ହେଉ । ଏହିପରି ଭାବରେ ସେଠାରେ ରୁଣ୍ଡ ହୋଇଥିବା ଲୋକମାନେ କିଏ ଭୀତତ୍ରସ୍ତ, କିଏ ସନ୍ଦେହୀ, କିଏ ଅବିଶ୍ୱାସୀ, କିଏ ବା ଆଶ୍ଚର୍ଯ୍ୟ ଚକିତ ହୋଇ ରହିଗଲେ । ସୁଧାନନ୍ଦ ସ୍ଥିର ଥାଏ । ଆଦୌ ବିଚଳିତ ହେଉ ନଥାଏ । ମାଆ ସାରଥୀ ସେତେବେଳକୁ କାନ୍ଦୁଥାଆନ୍ତି । ସୁଧାନନ୍ଦ ମାଆଙ୍କୁ ଅନେଇ ଅନେଇ କହୁଥାଏ, ମାଆ' ତୁମେ କାନ୍ଦୁଛ କାହିଁକି ? ମୋର କିଛି ହେବ ନାହିଁ ।

ତୁମେ ଯାଇ ଶିବ ଠାକୁରଙ୍କ ଲିଙ୍ଗରେ କ୍ଷୀର ଢ଼ାଳ । ସାରଥୀ ତତ୍‌କ୍ଷଣାତ୍ ଯାଇ ଶିବଙ୍କ ମଥାରେ କ୍ଷୀର ଢ଼ାଳିଲେ । ପ୍ରାର୍ଥନା କରି କହିଲେ, ହେ ଠାକୁରେ, ମୋ ପୁଅ ସାନ ପିଲାଟିଏ । ତୁମ ପାଖରେ ତ ସେ କିଛି ଦୋଷ କରିନାହିଁ । ଯଦି ଅଜ୍ଞାନରେ କିଛି ଭୁଲ କରିଥାଏ, ତା'କୁ କ୍ଷମା ଦିଅ । ମନ୍ଦିରରେ ଶିବଙ୍କ ମଥାରେ କ୍ଷୀର ଢ଼ାଳି ଏତକ କହିବା ପରେ ପରେ ସାପଟି ଧିରେ ଧିରେ କେଉଁଆଡ଼େ ଯାଇ ଅଦୃଶ୍ୟ ହୋଇଗଲା ।

ଲୋକମାନେ ଏହା ଦେଖି ଯେତିକି ଆଶ୍ୱସ୍ତ ହେଲେ, ସେତିକି ଆଶ୍ଚର୍ଯ୍ୟ ହେଲେ । ମାଆ ସାରଥୀ ମନ୍ଦିରରୁ ଆସି ପୁଅ ପାଖରେ ପହଞ୍ଚିଲେ। ସୁଧାନନ୍ଦ ଶିଶୁ ସୁଲଭ ନରମ କଅଁଳ କଣ୍ଠରେ ମାଆଙ୍କୁ ଡ଼ାକି କହିଲେ, ମାଆ, ଚାଲ ଏଥର ଘରକୁ ଫେରିଯିବା । ଏଠାରେ ଆମର ଆଉ କିଛି କାମ ନାହିଁ । ମାଆ ପୁଅକୁ ଧରି ଘରକୁ ଫେରିଗଲେ ।

ସେଦିନ ରାତିରେ ମାଆ ପୁଅକୁ କୋଳରେ ଧରି ଶୋଇଛନ୍ତି । ରାତି ପ୍ରାୟ ଘ୨।୨୫ମି. ହେବ । ମାଆ ସ୍ୱପ୍ନ ଦେଖୁଛନ୍ତି କୋଇଲି କଥା । ସେ କୋଇଲି କ'ଣ ମୋ ପୁଅକୁ ନେଇଯିବ ବୋଲି ସାପ ହୋଇ ଆସିଥିଲା ? ସାପ ଉତ୍ତର ଦେଇ କହୁଛି, ହଁ, ମୁଁ ତୋ ପୁଅକୁ ସାଥିରେ ନେଇଯିବି । ସେ ପୁଅ ତୋର ନୁହେଁ । ସେ ମୋର । ମୁଁ ତା'କୁ ଉଚିତ ଶିକ୍ଷା ଦେବି । ଆଦର୍ଶ ଶିଶୁ କରି ତାକୁ ଗଢ଼ି ଦେବି । ତୁ ବିଚଳିତ ହେବୁ ନାହିଁ। କାନ୍ଦିବୁ ନାହିଁ. ତୁ କାନ୍ଦିଲେ ଯେ ସେ ମୋ ପାଖରେ ରହି କାନ୍ଦିବ । ତୁ ମାଆର ସ୍ନେହ, ମୋହ ତୁଟାଇଲେ, ସେ ମୋ ଆଶ୍ରମରେ ରହିପାରିବ ।

କୋଇଲି ପୁଣି କହିଲା, ତୁ ସୁଧାନନ୍ଦର ମାଆ ହେଲେ ମଧ୍ୟ ମୋର ତଥା ସମଗ୍ର ଜଗତର ମାଆ । ତୁ କଲ୍ୟାଣ ଦେ, ସୁଧାନନ୍ଦ ଯେପରି ମଣିଷ ପରି ବଡ଼ ମଣିଷଟିଏ ହେଉ । ଜଗତର ମଙ୍ଗଳ କରୁ, ସମାଜର କଲ୍ୟାଣ କରୁ । ମାୟା ସଂସାରର ଜଞ୍ଜାଳ ଜାଲରେ ତା'କୁ ବାନ୍ଧି ରଖ ନାହିଁ, ମାଆ ! ସେ ଘୋର ଜଞ୍ଜାଳୀ ହୋଇଯିବ ଯେ, ମୋହର ବନ୍ଧନ ଭିତରେ ପଡ଼ି ଘାଣ୍ଟି ଚକଟି ହୋଇ ସୁଚେତା ହରାଇ ବସିବ ଯେ, ତା' ମୁଣ୍ଡରେ ପୁଣିଏ କୁ-ଚେତା ବସା ବାନ୍ଧିବ । ଧନ ରୋଜଗାର କରି ଆଣିବ, ଭଲରେ ଚଳିବ । ଏହା ହେଲେ, ଗର୍ବ ଅହଂକାରର ଜାଲ ବୁଣିବ, ହିଂସା ଈର୍ଷାର ବୋଝ ମୁଣ୍ଡେଇ ସଂସାର ପଥରେ ଚାଲିବ, ଘୃଣା ପରଶ୍ରୀକାତରତା ଓ ସ୍ୱାର୍ଥପରତାର ସ୍ତମ୍ଭ ଛିଡ଼ା କରାଇବ । ମାଆ ! ମୋ ଅନ୍ତରର କଥା ବୁଝିବାକୁ ଚେଷ୍ଟାକର ମାଆ! ସୁଧାନନ୍ଦ ଯେପରି ତୋର ଗୋଟିଏ ପୁଅ, ମୁଁ ମଧ୍ୟ ସେହିପରି ତୋର ଗୋଟିଏ ପୁଅ । ତୋର ପୁଅ ହୋଇ ମୁଁ ତୋତେ କହୁଛି, ମୋ କଥାର ମାନ ରକ୍ଷାକର ମାଆ ! ଅବୁଝା ହୁଅ ନାହିଁ । ତୋ'ରି ଆଖି ଆଗରେ ସୁଧାନନ୍ଦର କି ଅଲୌକିକ ଘଟଣାସବୁ ଘଟିଯାଉଛି, ଦେଖୁଛ ତ ? ଏଭଳି ଘଟାଉଛି କିଏ ? ଜଗତ ତୋରି ମାୟାରେ ବାନ୍ଧି ହୋଇ ରହିଛି ମା, ତୋରି ମମତାର ଡ଼ୋରିରେ ସତ୍‌ଅସତ୍‌ର ବୁଝାମଣା ଚାଲିଛି ।

ଅଳ୍ପ ସମୟ ପାଇଁ ରହିଯାଇ କୋଇଲି ପୁଣି କହିଲା, ମା' ତୁ ତା'କୁ ବୈରାଗୀ ସଜେଇ ଦେ । ତୋ ପଣତକାନିର ଯେଉଁ ଅଦ୍ଭୁତ ସ୍ନେହମମତା ତା'କୁ ସଂସାରର ଜଞ୍ଜାଳ ପଥକୁ ଟାଣୁଛି, ତା'କୁ ତୁ ତୋ'ରି କାନିରେ ପୋଛିଦେ । ପୋଛିଦେ ମା', ତୋର ସବୁ ସ୍ନେହ, ମମତା, ମାୟା, ମୋହ ସବୁ ପୋଛି ଦେ । ତା'ର ହୃଦୟ ଦୃଢ଼ ହେଉ । ତାକୁ ଅନ୍ତର ଖୋଲା କଥା କହିବାକୁ ଦେ । ତା' ମଥାରେ ମାୟା ଜଞ୍ଜାଳର ବୋଝ ଲଦି ଦେ'ନା । ସେ ପରା ଛୋଟ ପିଲାଟିଏ । ପାଞ୍ଚ ବରଷର । ତା' ଭିତରେ ମନ୍ଦ ଭାବ ନାହିଁ। ସମାଜର କୁଭାବର କୁପ୍ରଭାବ ତା' ଭିତରକୁ ଗତିକରି ନାହିଁ । ଭାବ ସଫା ଅଛି । ମୁଁ ତୋତେ ଆଉ ଅଧିକ କ'ଣ ବୁଝାଇବି ମାଆ । ଏତିକି ବେଳୁ ତା'କୁ ମୋ ସାଙ୍ଗରେ ପଠାଇ ଦେଲେ, ତାକୁ ଭଲ ମଣିଷ କରି ଗଢ଼ି ତୋଳିବି ।

ଟିକିଏ ନୀରବ ରହିବା ପରେ କୋଇଲି କହିଲା: ମାଆ, ମୁଁ ଏତେ ସମୟ ଧରି ଏତେ କଥା ବୁଝାଇ କହି ସାରିବା ପରେ ମଧ୍ୟ ତୁ ନୀରବ । ମୋ କଥାର କିଛି ଉତ୍ତର ଦେଉନାହୁଁ । ତୁ କ'ଣ କିଛି କହିବୁନି ମା' ? ମୁଁ

କ'ଣ ତା'ର ଅମଙ୍ଗଳ କଥା କହୁଛି ? ମା', ସୁଧାନନ୍ଦ ଭଲ ମଣିଷଟିଏ ହେଲେ, ତୋ'ର ସାତ ପୁରୁଷ ଉଦ୍ଧାର କରିବ । ମନେ ପକା ଏ କଥା ପୁରାଣରେ ଲେଖାଅଛି । ଯାହାର ପୁଅ ସାଧୁ ହୋଇଯାଏ, ତା'ର ବଂଶରେ ସାତପୁରୁଷ ମୋକ୍ଷ ହୋଇଯାଆନ୍ତି । ସେହି ଆତ୍ମା ପରମଙ୍କ ସହିତ ମିଶି ଯାଆନ୍ତି ।

ହଠାତ୍ ସାରଥୀଙ୍କର ନିଦ ଭାଙ୍ଗିଗଲା, ସ୍ୱପ୍ନ ତୁଟିଗଲା । ସେ ସୁଧା, ସୁଧା ବୋଲି ଚିତ୍କାର କରି ଉଠିଲେ । କୋଳରେ ଦେଖନ୍ତି ତ ସୁଧାନନ୍ଦ ନିଘୋଡ଼ ନିଦରେ ତଥାପି ଶୋଇଛି । ସେହି ଗଭୀର ରାତିରେ ମନେ ମନେ ଭାବିବାକୁ ଲାଗିଲେ, ଜଗତ ତ ଜଞ୍ଜାଳରେ ବନ୍ଧା । କ'ଣ କରିବି ଉପାୟ ଦେଖାଯାଉ ନାହିଁ । ଶିଶୁ ପୁଅଟିକୁ କିପରି ଛାଡ଼ିଦେବି ? କେମିତି ଚଳିବ ? କ'ଣ ଖାଇବ ? ମୁହୂର୍ତ୍ତଟିଏ ମୋତେ ଛାଡୁ ନାହିଁ । ସବୁବେଳେ ପାଖେ ପାଖେ ରହୁଛି । କୋଳରେ ଶୋଉଛି । ଦଣ୍ଡେ ଘଡ଼ିଏ ନ ଦେଖିଲେ, ସ୍ନେହବୋଳା କଣ୍ଠରେ 'ମାଆ ମାଆ' ଡାକି ପଣତ କାନିକୁ ଟାଣି ଧରେ । ଖାଇ ନ ଥିଲେ, ଖୁଆଇ ଦିଏ । ଅଝଟ କଲେ, କାଖେଇ କୋଳେଇ ନେଇ ତୁନି କରେ । ଏସବୁ କଥା ମା' ସାରଥୀ ମନେମନେ ଭାଳି ହେଉଥାଆନ୍ତି । ଆଖିରୁ ଝରି ପଡୁଥାଏ ଧାରଧାର ଲୁହ ।

ବୈଶାଖ ମାସ । ନିଛାଟିଆ ଖରାଦିନ । ସୋମବାର । ଶିଶୁ ସୁଧାନନ୍ଦ ଶୋଇ ପଡ଼ିଥାଏ । ମାଆ ପିଣ୍ଡାରେ ବସି ବିଞ୍ଚଣା ବୁଲାଉ ଥାଆନ୍ତି । କିଛି ସମୟ ପରେ ସୁଧାନନ୍ଦ ଶୋଇଥିବା କୋଠରୀରେ ଝଣଝଣ ଶବ୍ଦ ହେଲା । ମାଆ ଉଠିଆସି ଦେଖନ୍ତି ତ ସେହି ସାପଟି ପୁଣି ଆସି ଶୋଇଲା ପୁଅର ମୁଣ୍ଡର ପଛପଟେ ଫଣା ଟେକି ରହିଛି । ମାଆ ଆଚମ୍ବିତ, ଭୟଭୀତ ହୋଇଗଲେ । ନିରୁପାୟ । କ'ଣ କରିବେ ଉପାୟ ପାଇଲେ ନାହିଁ। ମନେ ମନେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥାଆନ୍ତି - ହେ ଇଚ୍ଛାମୟ, ସବୁ ହିଁ ତୋର ଇଚ୍ଛା । ସାପଟି ତହୁଁ ପୁଅର ଚାରିପାଖେ ବୁଲିବାକୁ ଲାଗିଲା । ତିନିଥର ବୁଲିବା ପରେ ମାଆଙ୍କର ଚକ୍ଷୁ ସାମନାରେ ପୁଣି ଅଦୃଶ୍ୟ ହୋଇଗଲା । ମାଆ ସ୍ତମ୍ଭୀଭୂତ ହୋଇ ଶୋଇଲା ପୁଅକୁ କେବଳ ବଲବଲ ହୋଇ ଚାହିଁ ରହିଥିଲେ । ବୈଶାଖୀ ଝଞ୍ଜା ବହିଚାଲିଥିଲା ।

(କ୍ରମଶଃ)

❖❖❖

"ବିମୁଖ କରିଲୁ     କିଁ' ସୁଖ ପାଇଲୁ<br>
ମୁଖରେ ଗାଇଲୁ ଗୁଣ ।<br>
ଦୁଃଖରେ ପଡ଼ିଲେ     ସୁଖ ଦେବ କିଏ<br>
ଭାବୁଥିବୁ ପୁଣ ପୁଣ ॥<br>
ଋଣ ଶୁଝିବାକୁ     ମନ ବଳୁନାହିଁ<br>
ତୁଚ୍ଛାଟାରେ ଗୁଣ ଗାଉ ।<br>
ଦେବାବେଳ ହେଲେ     ମଉନେ ଗମ୍ଭୀରେ<br>
ଗମ୍ଭୀରାରେ ଲୁଚି ଯାଉ ॥"

**-ଶ୍ରୀ ଶ୍ରୀ ଶ୍ରୀ ଠାକୁର**

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଜୀବନର ସକଳ ସମସ୍ୟା ଶିକ୍ଷାର ପରିସରଭୁକ୍ତ ଏବଂ ଶିକ୍ଷାଦ୍ୱାରା ହିଁ ସମସ୍ତ ସମସ୍ୟାର ସମାଧାନ ସମ୍ଭବ । ମାନବ ସମାଜର ଜୀବନଯାପନ ପ୍ରଣାଳୀର ସମନ୍ୱିତ ଧାରା ହିଁ ଧର୍ମ । ତେଣୁ ଯେଉଁଠି ଜୀବନ ବିଦ୍ୟମାନ, ସେଠାରେ ଧର୍ମ ମଧ୍ୟ ବିଦ୍ୟମାନ । ସାମ୍ପ୍ରତିକ ସାମାଜିକ ଜୀବନରେ ଶିକ୍ଷା ଓ ଧର୍ମ ଉଭୟ ସଂକୀର୍ଣ୍ଣତା ଦ୍ୱାରା ଗଳଗ୍ରହ । ତଥାକଥିତ ପଣ୍ଡିତମନ୍ୟ ସାମାଜିକ ଓ ରାଜନୈତିକ ବଡ଼ ପଣ୍ଡାମାନେ ଆଜି ସରଳ ମଣିଷମାନଙ୍କର ସୁଖସ୍ୱାର୍ଥ ନଷ୍ଟକରି ଆତ୍ମସ୍ୱାର୍ଥସିଦ୍ଧି ନିମନ୍ତେ ମାନବକଲ୍ୟାଣକର ଶିକ୍ଷା ଓ ଧର୍ମର ଗଳାଚିପି ପ୍ରତିମୁହୂର୍ତ୍ତରେ କ୍ଷତାକ୍ତ ଓ ରକ୍ତାକ୍ତ କରି ଚୋଲୁଛନ୍ତି । ଧର୍ମ ସଂକୀର୍ଣ୍ଣତା କାରଣରୁ ସନାତନ ମାନବ ଧର୍ମର ମୃତ୍ୟୁ ଘଟୁଛି ବାରମ୍ବାର । ମଣିଷ ଖେଳୁଛି ମଣିଷ ରକ୍ତରେ ହୋରି । 'ଚରମ' ପୃଷ୍ଠାରେ ଆଜିର ପାଖୁଡ଼ାରେ ମୃତ୍ୟୁଞ୍ଜୟୀ ଯୁଗ ସମାଜକୁ ଆମର ନିବେଦନ -*

## ଶିକ୍ଷା ଧର୍ମ ସଂକୀର୍ଣ୍ଣତା

'ଅକୃତ୍ୟ ନୈବ କର୍ତ୍ତବ୍ୟ ପ୍ରାଣତ୍ୟାଗେଽପି ସଂସ୍ଥିତେ ।
ନଚ କୃତ୍ୟଂ ପରିତ୍ୟାଜ୍ୟ ଏଷ ଧର୍ମ ସନାତନଃ ॥'

ପ୍ରାଣନାଶ ହେବାର ସଙ୍କଟ ସମୁପସ୍ଥିତ ହେଲେ ମଧ୍ୟ ଯାହା କରିବା ଉଚିତ ନୁହେଁ, ତାହା କରିବା ଅନୁଚିତ ଏବଂ ଯାହା କରିବା ଉଚିତ, ତାହା ନ କରି କର୍ମତ୍ୟାଗ କରିବା ମଧ୍ୟ ଅନୁଚିତ । ଏହି ଦୃଢ଼ ବିଶ୍ୱାସ ଉପରେ ହିଁ ସନାତନ ମାନବ ଧର୍ମ ପ୍ରତିଷ୍ଠିତ । ଏକମାତ୍ର ଭଗବତ୍ ବିଶ୍ୱାସ ହିଁ ଧର୍ମର ମୌଳିକ ଲକ୍ଷ୍ୟ । ଭଗବତ୍ ବିଶ୍ୱାସ ଭଗବତ୍ ପ୍ରେମ ଉପରେ ନିର୍ଭରଶୀଳ । ଭଗବତ୍ ପ୍ରେମର ମୂଳବିନ୍ଦୁ ମାନବ ପ୍ରେମ । ସର୍ବ ଜୀବରେ ପ୍ରେମ । କାରଣ ଭଗବାନ ସକଳ ଜୀବରେ ବିଦ୍ୟମାନ । ଏହି ମୌଳିକ ବିଶ୍ୱାସକୁ ବିକୃତ କରି ଆଜି ସମଗ୍ର ପୃଥିବୀରେ ପ୍ରାୟ ସର୍ବତ୍ର ବ୍ୟକ୍ତି ବିଶେଷଙ୍କର ମତ ଓ ମନ୍ତବ୍ୟ ଉପରେ ବିଶ୍ୱାସ ସ୍ଥାପନ କରିବା ପାଇଁ ଏକ ଗୂଢ଼ ଚକ୍ରାନ୍ତ ସୃଷ୍ଟି କରାଯାଇ ନାନା କନ୍ଦଳର ସୂତ୍ରପାତ ହେଉଛି । ଧର୍ମର ପ୍ରକୃତ ଅର୍ଥକୁ ବିକୃତ କରାଯାଇ ମଣିଷ ମଣିଷ ମଧ୍ୟରେ ଭେଦଭାବର ମେଘନାଦ ପ୍ରାଚୀର ଗଢ଼ାଯାଇଛି । ଗୋଟିଏ ଗୋଟିଏ ସଂକୀର୍ଣ୍ଣ ସମ୍ପ୍ରଦାୟ ଓ ଗୋଷ୍ଠି ମଧ୍ୟରେ ସରଳ ଧର୍ମ ବିଶ୍ୱାସୀ ମଣିଷମାନଙ୍କୁ ଆବଦ୍ଧ କରି ରଖାଯାଇଛି । ତହୁଁ ସୃଷ୍ଟି ହେଉଛି ବାଦ ବିବାଦ ବିସମ୍ବାଦ, ଇର୍ଷା ହିଂସା, ପରଶ୍ରୀକାତରତା, ସ୍ୱାର୍ଥପରତା ଆତ୍ମପ୍ରତିଷ୍ଠାଦି ରାକ୍ଷସୀ ପ୍ରବୃତ୍ତି କରାଳମୁଖ ବ୍ୟାଦାନ କରି ସମଗ୍ର ମାନବ ସମାଜ ଓ ସଭ୍ୟତାକୁ କ୍ରମଶଃ ଗିଳି ଦେବାକୁ ବସିଲାଣି । ତଥାପି ମଣିଷର ଏଯାବତ୍ ସ୍ୱପ୍ନ ଭଙ୍ଗ ହେଉନାହିଁ, ନିଦ୍ରାଭଙ୍ଗ ହୋଇନାହିଁ । ଦୈବର କି ବିଚିତ୍ର ବିଡ଼ମ୍ବନା । ଧର୍ମର ଦୁହାଇଦେଇ ଧର୍ମ ନାମରେ ଧର୍ମକୁ ହିଁ ପ୍ରତିମୁହୂର୍ତ୍ତରେ ହତ୍ୟା କରାଯାଉଛି । ଈଶ୍ୱରଙ୍କର ନାମ ନେଇ ପ୍ରତିଘଟରେ ବିଦ୍ୟମାନ ଈଶ୍ୱରଙ୍କୁ ହିଁ ହତ୍ୟା କରାଯାଉଛି । ଧର୍ମ ଓ ଧାର୍ମିକମାନଙ୍କର ଏହା ମାନସିକ ତଥା ଆତ୍ମିକ ବିକୃତିର ପ୍ରତିଛବି ବ୍ୟତୀତ ଅନ୍ୟ କ'ଣ ହୋଇପାରେ ?

ଭାବର ଉନ୍ମେଷ, ବିକାଶ ଓ ଯଥାର୍ଥ ପ୍ରକାଶ ନିମନ୍ତେ ଶିକ୍ଷା ସହାୟକ ହୋଇଥାଏ । ବିଦ୍ୟା ଗ୍ରହଣ ଓ ଅର୍ଜନ ପ୍ରକ୍ରିୟାକୁ ଶିକ୍ଷା କୁହାଯାଏ । ତତ୍ତ୍ୱ ଜ୍ଞାନର ଅବବୋଧ ନିମନ୍ତେ ଶିକ୍ଷା ଏକ ଅତି ଆବଶ୍ୟକ ସାମଗ୍ରୀ ।

ଏହା ମାଧ୍ୟମରେ ଭଗବତ୍‌ସତ୍ତା ଲାଭ ହୁଏ । ତେଣୁ ବେଦରେ କୁହାଯାଇଛି 'ସା ବିଦ୍ୟା ଯା ବିମୁକ୍ତୟେ ।' ଏହା ଏକ ବ୍ୟକ୍ତିକୈନ୍ଦ୍ରିକ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଏହାର ପରିଣାମ ସୁଦୂରପ୍ରସାରୀ, ପରିଣତି ଏହାର ସମଗ୍ର ସମାଜକୁ ଆବୃତ୍ତ କରିନିଏ । କୌଣସି ଏକ ନିର୍ଦ୍ଦିଷ୍ଟ କର୍ମ କରିବାରେ ଦକ୍ଷ ହୋଇଗଲେ ଶିକ୍ଷାର ସମାପ୍ତି ଘଟେ ନାହିଁ, ଯୋଗରେ କର୍ମକୌଶଳ ସତ୍ୟ, ମାତ୍ର ଯୋଗ ମଧ୍ୟ ଶିକ୍ଷା ସମାପ୍ତ ହୁଏ ନାହିଁ । ସାମଗ୍ରିକ ଭାବରେ ମାନସିକ ଏକାଗ୍ରତା, ଚିତ୍ତର ପବିତ୍ରତା, ମାନସିକ ଉଚ୍ଚତା ସହିତ ଭଗବତ୍ ଚିନ୍ତନ ସାଧିବା ଦ୍ୱାରା ଶିକ୍ଷାର ଧର୍ମ ପାଳିତ ହୁଏ । କ୍ରମଶଃ ଏହିପରି ଭାବରେ ସ୍ଥିତାବସ୍ଥା ବଜାୟ ରଖି ଶିକ୍ଷାର ଧର୍ମ ପାଳନ କଲେ, ଯଥା ପର୍ଯ୍ୟାୟରେ ଜ୍ଞାନର ପୂର୍ଣ୍ଣତା ହାସଲ ହୁଏ ସତ୍ୟ ମାତ୍ର ପରିପୂର୍ଣ୍ଣଜ୍ଞାନର ଅଧିକାରୀ ବ୍ୟକ୍ତି ହୋଇପାରେ ନାହିଁ । କେବଳ ପରମପୁରୁଷ ହିଁ ପରିପୂର୍ଣ୍ଣ ଜ୍ଞାନର ଅଧିକାରୀ, ତେଣୁ ତାଙ୍କୁ ସର୍ବଜ୍ଞାନମୟ, ସର୍ବବେଦମୟ ସର୍ବଜ୍ଞାତା ବୋଲି କୁହାଯାଏ। ତେବେ ବ୍ୟକ୍ତି ତାଙ୍କ କୃପା, କରୁଣା ଓ ଦୟାର ପାତ୍ର ହୋଇପାରିଲେ ଦିବ୍ୟଜ୍ଞାନ ଲାଭକରେ । ପରିପୂର୍ଣ୍ଣ ସୁଖଶାନ୍ତି ଓ ଆନନ୍ଦ ନ ଆସିବା ପର୍ଯ୍ୟନ୍ତ ଶିକ୍ଷାର ଧର୍ମ ପାଳନ ମଧ୍ୟ ସଂପୂର୍ଣ୍ଣ ନ ହୋଇ ଅପୂର୍ଣ୍ଣ ରହିଯାଏ ।

ନଚିକେତା ଯମଙ୍କୁ ଗୁରୁରୂପେ ବରଣ କରି ପ୍ରାର୍ଥନା କଲେ, 'ମୋତେ ଏପରି ବିଦ୍ୟା ସହିତ ସାକ୍ଷାତ କରାଇ ଦିଅନ୍ତୁ ଯାହାକୁ ଅବଲମ୍ବନ କରି ମୁଁ ବିଶ୍ୱ ବ୍ରହ୍ମାଣ୍ଡକୁ ଚିହ୍ନି ପାରିବି, ଆତ୍ମା ପରମାତ୍ମାର ସମ୍ବନ୍ଧ ବୁଝିପାରିବି, ମୋତେ ସେହି ମାର୍ଗରେ ପରିଚାଳିତ କରନ୍ତୁ ଯେଉଁ ପଥରେ ଚଳି ମୁଁ ବ୍ରହ୍ମଲୋକରେ ପହଞ୍ଚି ପାରିବି, ମୃତ ଜୀବନକୁ ଅମୃତ କରିପାରିବି ।' ତେଣୁ ଶିକ୍ଷାର ମୌଳିକ ଧର୍ମ ହେଉଛି ଭଗବତ୍ ସତ୍ତା ଉପଲବ୍ଧିର ମାର୍ଗ ଉନ୍ମୋଚନ, ଯାହାର ଅବଲମ୍ବନରେ ଶାନ୍ତି ଓ ଆନନ୍ଦ ଲାଭ କରି ଜୀବ ମୋକ୍ଷ (ଚରମ ପ୍ରାପ୍ତି) ଦ୍ୱାରଦେଶରେ ଉପଗତ ହୋଇପାରେ । ଶ୍ରୀମଦ୍ ଭଗବତ୍ ଗୀତାରେ ଏହି କାରଣ ନିର୍ଦ୍ଦେଶ କରି କୁହାଯାଇଛି - **'ନହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।'** ଯଦ୍ରୁପ ଜ୍ଞାନରେ ସଂସାର ବନ୍ଧନ ହୁଏ ନାହିଁ, ଯାହା ମୁକ୍ତି ପ୍ରଦାନ କରିଥାଏ, ତାହାହିଁ ବିଦ୍ୟା । ବିଦ୍ୟା ମୌଳିକ ଭାବରେ ଦୁଇ ଭାଗରେ ବିଭକ୍ତ । ପରାବିଦ୍ୟା ଓ ଅପରାବିଦ୍ୟା । ବହିରିନ୍ଦ୍ରିୟ ସଂପର୍କିତ ସକଳ ବିଦ୍ୟାହିଁ ଅପରାବିଦ୍ୟା । ସମଗ୍ର ବିଶ୍ୱକୁ ଏକଯୋଗରେ, ସମୂହ ଭାବରେ ଚିନ୍ତାକରି ତାର ଅନ୍ତର ଭେଦ କରିବା, ଜାଗତିକ ମୂଳକାରଣ ତଥା ଅନ୍ତିମ ଜୀବନର ସାକ୍ଷାତ୍‌କାର କରିବା ହିଁ ପରାବିଦ୍ୟା । ଉଭୟ ବିଦ୍ୟାର ପ୍ରୟୋଜନ ଓ ପ୍ରୟୋଗ ଭିନ୍ନ ଓ ନିର୍ଦ୍ଦିଷ୍ଟ । ଅପରାବିଦ୍ୟା ସାହାଯ୍ୟରେ ସାଂସାରିକ ସୁଖଦୁଃଖ ଭୋଗ କରାଯାଏ । ଜାଗତିକ ଜୀବନ ପାଇଁ ଏହା ଅବଶ୍ୟ ପ୍ରୟୋଜନ । ପରାବିଦ୍ୟା ବଳରେ ଚିରନ୍ତନ ଶାନ୍ତି ଓ ନୈସର୍ଗିକ ଆନନ୍ଦ ଉପଭୋଗ କରାଯାଇପାରେ । ଆଧ୍ୟାତ୍ମିକ ଜୀବନର ଉତ୍କର୍ଷ ସାଧନ ନିମନ୍ତେ ଏହା ପ୍ରୟୋଜନ ହୋଇଥାଏ । ପରାବିଦ୍ୟା ସମସ୍ତଙ୍କ ଠାରେ ଦୃଷ୍ଟ ହୁଏନାହିଁ । କେବଳ ତତ୍ତ୍ୱଦର୍ଶୀ ଭକ୍ତ ହିଁ ଏହାର ମର୍ମ ବୁଝିପାରେ । ସେ ଚିତ୍‌ଦ୍ୱାରା ହିଁ ଆତ୍ମତୃପ୍ତି ଲାଭ କରିଥାଏ । ଭଗବତ୍.ଗୀତାରେ ଏତାଦୃଶ ପଣ୍ଡିତଙ୍କର ସଂଜ୍ଞା ନିରୂପିତ ହୋଇଅଛି ।

'ବିଦ୍ୟାବିନୟ ସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନିଚୈବ ଶ୍ୱପାକେଚ ପଣ୍ଡିତାଃ ସମଦର୍ଶିନଃ ॥'

ଜ୍ଞାନୀମାନେ ବିଦ୍ୟା ଓ ବିନୟଯୁକ୍ତ ବ୍ରାହ୍ମଣ ଏବଂ ଗୋରୁ, ହସ୍ତୀ, କୁକୁର ଓ ଚଣ୍ଡାଳ - ଏହି ସମସ୍ତଙ୍କୁ ସମାନ ଭାବରେ ଦେଖନ୍ତି । ଭେଦଭାବ ରଖନ୍ତି ନାହିଁ । ତେଣୁ ସେମାନେ ପଣ୍ଡିତ । ସେମାନଙ୍କ ଠାରେ ଅଦ୍ୱୈତ

ଜ୍ଞାନ ଜାତ ହୁଏ । ଏହାଦ୍ୱାରା ସେମାନେ ନିଜକୁ ଅନ୍ୟମାନଙ୍କ ମଧ୍ୟରେ ଦେଖିପାରନ୍ତି । ନିଜ ମଧ୍ୟରେ ଅବସ୍ଥିତ ଚରମପୁରୁଷଙ୍କୁ ଅନ୍ୟ ମାନଙ୍କ ମଧ୍ୟରେ ଅବସ୍ଥାନ କରିଥିବାର ପ୍ରତ୍ୟକ୍ଷ ଦର୍ଶନ ସେମାନେ କରନ୍ତି ବୋଲି ସେମାନଙ୍କଠାରେ ପରଆପଣାର ଭେଦାଭେଦ ନଥାଏ । ତେଣୁ, ସେହିମାନେ ହିଁ ପ୍ରକୃତ ଅର୍ଥରେ ପଣ୍ଡିତ । ପଣ୍ଡିତ ଶବ୍ଦର ଅର୍ଥ କ'ଣ ? 'ପଣ୍ଡା ଶାସ୍ତ୍ରୋଜ୍ଜ୍ୱଳା ବୁଦ୍ଧିଃ ।' ପଣ୍ଡା ଅସ୍ୟ ଅସ୍ତି ଇତି ପଣ୍ଡିତଃ ।' ସେମାନଙ୍କର ଶାସ୍ତ୍ର ଉଜ୍ଜ୍ୱଳ ବୁଦ୍ଧି ବିବେକ ଅଛି ବୋଲି ହିଁ ସେମାନେ ପଣ୍ଡିତ । ପ୍ରକୃତ ଜ୍ଞାନ ଉଦୟ ହେବା ପରେ କର୍ମ ଫଳ ପ୍ରତି ସେମାନଙ୍କର ଆସକ୍ତି ରହେ ନାହିଁ । ତେଣୁ ସେମାନଙ୍କୁ ସ୍ଥିତଧୀ ବୋଲି କୁହାଯାଏ ।

ସାମର୍ଥ୍ୟ ଉତ୍ପାଦନ ଓ ସଂରକ୍ଷଣ ହିଁ ଶିକ୍ଷା, ବିଦ୍ୟା ଓ ଜ୍ଞାନର ମୂଳ ଲକ୍ଷ୍ୟ । ତେଣୁ ଶିକ୍ଷା ଏକ ଧାରାବାହିକ, ବିଧିବଦ୍ଧ ପ୍ରକ୍ରିୟା । ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସାଧନ ପାଇଁ ଏହା ଅଭିପ୍ରେତ । ଏହା ବ୍ୟକ୍ତିଗତ ପ୍ରକ୍ରିୟା ଓ ସାମାଜିକ ସାଧନ ହେଲେ ମଧ୍ୟ ଏଥିରେ ପ୍ରଣାଳୀ, ପଦ୍ଧତି ଓ ବିଧିର ବ୍ୟବହାର ଥାଏ । ଏହାର ଅଭାବରେ ଶିକ୍ଷା ହୁଏ ସତ ମାତ୍ର ଅତ୍ୟନ୍ତ ବିଶୃଙ୍ଖଳିତ ଓ ମନମୁଖୀ ଭାବରେ ହୋଇଥାଏ । ଶିକ୍ଷା ଗୁରୁମୁଖୀ ନ ହେଲେ, ତାହା ବୀର୍ଯ୍ୟ ଶୌର୍ଯ୍ୟହୀନ ହୋଇ ଫଳପ୍ରସୂ ହୋଇ ନଥାଏ, ନିଷ୍ଫଳ ଓ ବନ୍ଧ୍ୟା ହୋଇଯାଏ । ଆତ୍ମବିଜ୍ଞାନ ଅଭିମୁଖୀ ଜ୍ଞାନ ଦ୍ୱାରା ଶିକ୍ଷା ଓ ବିଦ୍ୟାର ଦ୍ୱାର ଉନ୍ମୁକ୍ତ ହୁଏ । ତେଣୁ କୁହାଯାଏ ମାନବିକତାର ବିକାଶ ଓ ପରିପ୍ରକାଶ, ଧାର୍ମିକ ଚେତନାର ଉନ୍ମେଷ ଏବଂ ଆତ୍ମିକ ଜ୍ଞାନର ଉଦୟ ହିଁ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ଦୃଷ୍ଟିକୋଣରୁ ବିଚାର କଲେ ମାନବର ଶରୀର, ମନ ଓ ଆତ୍ମାର ସର୍ବାଙ୍ଗୀନ ଓ ସର୍ବୋତ୍ତମ ବିକାଶ ସାଧନ ହିଁ ଶିକ୍ଷାର ସ୍ୱରୂପ । ଏହି ସର୍ବଶ୍ରେଷ୍ଠ ଓ ସର୍ବୋତ୍କୃଷ୍ଟ ସାଧନ ବିହୀନ ଶିକ୍ଷା, କଦାପି ଶିକ୍ଷା ପଦବାଚ୍ୟ ହୋଇ ନ ପାରେ । ହୁଏତ ତାହା ଅଶିକ୍ଷା ବା କୁଶିକ୍ଷା । ଏହି ମାପକାଠିରେ ମାପ କରିବସିଲେ, ଆଜିର ଶିକ୍ଷା ବ୍ୟବସ୍ଥା ଓ ତାହାର ପରିଣାମ ଦେଖି ହତାଶ ହେବାକୁ ହୁଏ । ଶିକ୍ଷା ବ୍ୟବସ୍ଥାର ବଡ଼ପଣ୍ଡା ବୋଲାଉଥିବା ଓ ନିଜନିଜକୁ ଅତ୍ୟନ୍ତ ବୁଦ୍ଧିମାନ ବିଚାରୁଥିବା ପଣ୍ଡିତମାନେ ଶିକ୍ଷା ନାମରେ ଶିକ୍ଷାର ଦୋହି ଦେଇ ଶିକ୍ଷା ପ୍ରସାର ନିମନ୍ତେ ଯେ କୁଶିକ୍ଷା ଓ ଅଶିକ୍ଷାର ବୀଜବପନ କରି ସମାଜକୁ ଏକ ଶ୍ୱାପଦଶଙ୍କୁଳ ଘନ ଅରଣ୍ୟରେ ପରିଣତ କରି ସାରିଲେଣି ଏକଥା କହିଲେ, ସତ୍ୟର ଅପଳାପ ହେବ ନାହିଁ । ଏହା ଅତ୍ୟନ୍ତ ନିଷ୍ଠୁର ସତ୍ୟ ଓ ବିଭିନ୍ନ ଘଟଣା ଦୁର୍ଘଟଣାକୁ ଲକ୍ଷ୍ୟକଲେ ଏହାର ସତ୍ୟତା ସ୍ପଷ୍ଟ ଉପଲବ୍ଧି କରାଯାଇପାରେ ।

(କ୍ରମଶଃ)

# ଜିଜ୍ଞାସା : ଜିଜ୍ଞାସୁ

## ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ଆଧ୍ୟାତ୍ମିକ ଆଲୋଚନା ପ୍ରସଙ୍ଗେ

**"ଚରମ" : ଷଷ୍ଠପୁଷ୍ପ : ଷଷ୍ଠ ପାଖୁଡ଼ା : ଏକତ୍ରିଂଶତିତମ (୩୧ଶ) ସଂଖ୍ୟାର ଅନୁଶ୍ରୁତିରୁ :**

ଜିଜ୍ଞାସୁ : ସ୍ୱଧର୍ମ ଜାତ ଭାବ ନିଜ ଦେହରୁ ଉତ୍ପନ୍ନ ହୋଇ ଜୀବକୁ ଆୟତ୍ତ କରୁଅଛି । ଏଥିରେ ଜୀବର ଆୟତ୍ତ କ'ଣ ଅଛି ।

ଠାକୁର : ସ୍ୱଧର୍ମର ଆୟତ୍ତ ଜୀବ, ଏହା ଯେପରି ସତ୍ୟ; ସେହିପରି ଜୀବର ଆୟତ୍ତ କର୍ମ, ଏହା ମଧ୍ୟ ସତ୍ୟ ।

ଜିଜ୍ଞାସୁ : ସ୍ୱଧର୍ମରୁ ତ ନାନା ପ୍ରକାର ବିଶୃଙ୍ଖଳିତ ଭାବ ସୃଷ୍ଟି ହୋଇ ଜୀବକୁ ଆୟତ୍ତ କରୁଅଛି । ଯାହା ଦେଖି ଦେଉଛି ତାହା ମାନସକୁ ଚାଲିଯାଉଛି । କର୍ମ ଦ୍ୱାରା କ'ଣ ଦେଖିବା ବନ୍ଦ କରି ହେବ ?

ଠାକୁର : କର୍ମ ସିନା କର୍ଣ୍ଣ, ନାସା, ଚକ୍ଷୁର ଧର୍ମକୁ ଓଲଟାଇ ପାରିବନି । କିନ୍ତୁ ବିଶୃଙ୍ଖଳିତ ଶ୍ରବଣ, ଦର୍ଶନକୁ ଶୃଙ୍ଖଳିତ କରିପାରିବ ।

ଜିଜ୍ଞାସୁ : କିପରି ?

ଠାକୁର : କିପରି କ'ଣ ? କର୍ମର କ୍ଷମତା ହେଉଛି ଶୃଙ୍ଖଳା, ଯାହା ବିଶୃଙ୍ଖଳାକୁ ଆୟତ୍ତ କରିଥାଏ । ଧର୍ମସିନା କର୍ମକୁ ପ୍ରଭାବିତ କରେ । କିନ୍ତୁ କର୍ମ ଧର୍ମକୁ ଶୃଙ୍ଖଳିତ କରିଦିଏ । ତୁମର ମୁହଁରେ ନିଶ ଦାଢ଼ି ଉଠେ । ଏହି ନିଶ ଦାଢ଼ିକୁ ସ୍ୱଧର୍ମ ଉଠାଏ । ଆଉ କର୍ମରୂପୀ ବ୍ଲେଡ୍ ଦ୍ୱାରା ତାହାକୁ କାଟି ସଫା କରି ମୁଖର ସୌନ୍ଦର୍ଯ୍ୟକୁ ତୁମେ ବଢ଼ାଇ ଦେଇ ପାରୁଛ । ଏହିପରି ସ୍ୱଧର୍ମ ନାନା ପ୍ରକାର ବିଶୃଙ୍ଖଳିତ ଭାବ ବୁଦ୍ଧିର ଆରୋପ କରେ । ଆଉ ଜୀବ ଶିକ୍ଷାଦ୍ୱାରା ବୁଦ୍ଧିର ଆରୋପ ହେଉଥିବା ବିଶୃଙ୍ଖଳିତ ଭାବକୁ କର୍ମରୁ ବା ଶିକ୍ଷାରୁ ଉତ୍ପତ୍ତି ବିବେକ ଜ୍ଞାନ ଦ୍ୱାରା ବୋଧ ଆଣି ଶୃଙ୍ଖଳିତ କରିଥାଏ । ଏହାକୁ କର୍ମଯୋଗ କୁହାଯାଏ ।

ଜିଜ୍ଞାସୁ : ଧର୍ମଠାରୁ କ'ଣ କର୍ମ ବଳବାନ୍ ?

ଠାକୁର : ଧର୍ମ ବଳୁଆ କି କର୍ମ ବଳୁଆ ଏ ପ୍ରଶ୍ନ କାହିଁକି କରୁଛ ?

ଜିଜ୍ଞାସୁ : ଆମେ ଦେଖୁଛୁ କର୍ମକୁ ଧର୍ମ ଅର୍ଥାତ୍ ସ୍ୱଭାବ ସବୁବେଳେ ମାଡ଼ି ବସୁଛି । ଏଣୁ ଜୀବ କର୍ମ କରିପାରୁନି । ଭଲ କାମଟିଏ କରିବାକୁ ଗଲାବେଳକୁ ତାକୁ ଜୀବଧର୍ମ ବିଶୃଙ୍ଖଳିତ କରିଦେଉଛି । ଏଣୁ ମୁଁ ଭାବୁଛି....

ଠାକୁର : ତମେ ଭାବୁଛ ଧର୍ମ ବଳବାନ । ନୁହେଁ ?

ଜିଜ୍ଞାସୁ : ହଁ ଆଜ୍ଞା ।

ଠାକୁର : ଏହି କଥା କହି କର୍ମକୁ ଫାଙ୍କି ମାରି ଚାଲିବନା...........

ଜିଜ୍ଞାସୁ : ନାଁ ଆଜ୍ଞା । ଫାଙ୍କି ମାରୁନୁ । କିନ୍ତୁ ସ୍ୱଧର୍ମରୁ ଉତ୍ପନ୍ନ ଭାବକୁ ଜୟ କରି ହେଉନି । ଏଥିପାଇଁ କହୁଛୁ ଆପଣଙ୍କ ମତରେ କ'ଣ କର୍ମ ବଳବାନ୍ ?

ଠାକୁର : ନାଁ । ଦୁହେଁ ସମାନ ବଳବାନ ଏବଂ ସମଶକ୍ତି ସମ୍ପନ୍ନ ।

ଜିଜ୍ଞାସୁ : ଏତ ବଡ଼ ଅଡୁଆ କଥା ଠାକୁରେ । ଦୁହେଁ ଯଦି ସମାନ ବଳୁଆ ହେବେ ଆଉ ବଳ କଷାକଷି ହେବେ କେହି କାହାରିକୁ ତିଳେ ମାତ୍ର ଘୁଞ୍ଚାଇ ପାରିବେ ନାହିଁ । ବଳ କମ୍ ବେଶୀ ହେଲେ କ୍ରିୟା ହୁଏ । ସମାନ ହେଲେ କ୍ରିୟା ହେବନି । ଆପଣଙ୍କ କଥା ତ ଭଲଭାବରେ ବୁଝି ହେଉନାହିଁ ।

ଠାକୁର : ତମେ ଯାହା କହିଲ ଏ ନ୍ୟାୟଟି ସତ୍ୟ ।

ଜିଜ୍ଞାସୁ : ଆଉ ଆପଣ ଯାହା କହିଲେ ତାହା କ'ଣ ?

ଠାକୁର : ତାହା ବି ସତ୍ୟ ।

ଜିଜ୍ଞାସୁ : କିପରି ?

ଠାକୁର : ଏହି ଦୁଇ ସମ ବଳୁଆଙ୍କ ମଝିରେ ଆଉ ଜଣେ ଅଛି । ସେ ଯାହା ସଙ୍ଗେ ମିଶିଯାଏ ସେ ଅଧିକ ବଳବାନ୍ ହୁଏ ।

ଜିଜ୍ଞାସୁ : ସେ ଜଣକ କିଏ ?

ଠାକୁର : ସେ ହେଉଛି ଜୀବ । ଏ ଦୁହିଁଙ୍କର ଯେତିକି ଯେତିକି ବଳ, ଜୀବର ମଧ୍ୟ ସେତିକି ବଳ । ଏଣୁ ଜୀବ ନିଜର ସ୍ୱାଧୀନ ଇଚ୍ଛା ବଳରେ ଯେତେବେଳେ ସ୍ୱଧର୍ମ ସଙ୍ଗରେ ମିଶେ ସେତେବେଳେ ସ୍ୱଧର୍ମ ବଳବାନ୍ ହୁଏ । ଆଉ ଯେତେବେଳେ କର୍ମ ସଙ୍ଗରେ ମିଶେ କର୍ମ ବଳବାନ୍ ହୁଏ । କାହାକୁ ଅଧିକ ବଳୁଆ କରିବ ଜୀବର ଇଚ୍ଛା ଉପରେ ତାହା ନିର୍ଭର କରେ ।

ଜିଜ୍ଞାସୁ : ତାହା ହେଲେ ଚିରତ୍ର ଗଠନ କରିବା କ'ଣ ଜୀବର ଆୟତ୍ତ ?

ଠାକୁର : ଜୀବର ଆୟତ୍ତରେ ଯଦି ଚରିତ୍ର ନ ଥାଆନ୍ତା, ତାହାହେଲେ ଜୀବକୁ ଚରିତ୍ର ଗଠନ କରିବାକୁ କୁହାଯାଇ ଥାଆନ୍ତା କାହିଁକି ? କର୍ମଦ୍ୱାରା ଜୀବର ଚରିତ୍ର ଗଠନ ହୋଇଥାଏ । ସ୍ୱଧର୍ମର ଆୟତ୍ତ ସିନା ଜୀବ । କର୍ମ କିନ୍ତୁ ଜୀବର ଆୟତ୍ତ । ସ୍ୱଧର୍ମରୁ ସୃଷ୍ଟି ହେଉଥିବା ବିଶୃଙ୍ଖଳାକୁ ଜୀବ କର୍ମ ଦ୍ୱାରା ଶୃଙ୍ଖଳିତ କରି ଜୀବନର ଚଳନିକୁ ସୁନ୍ଦର କରିବା ହେଉଛି ଚରିତ୍ର ।

ଜିଜ୍ଞାସୁ : ଚରିତ୍ର ତ ଜୀବର ସ୍ୱଭାବ ଭିତରେ ନାହିଁ ?

ଠାକୁର : ଚରିତ୍ର ବା ଶୃଙ୍ଖଳା ଜୀବର ସ୍ୱଧର୍ମ ଓ ସ୍ୱଭାବ ଭିତରେ ନାହିଁ ବୋଲି ତ କର୍ମଯୋଗ ବା ଶିକ୍ଷା ଦ୍ୱାରା ଶୃଙ୍ଖଳା ଅର୍ଜନ କରିବାକୁ ପଡ଼ିଥାଏ । ବିନା ଶିକ୍ଷାରେ କେହି ନିଜକୁ ଶୃଙ୍ଖଳା କରି ପାରିବ ନାହିଁ ଏବଂ ଶିକ୍ଷା ଗୁରୁ ବିନା କ୍ରିୟାଶୀଳ ହୋଇପାରିବ ନାହିଁ ।

ଜିଜ୍ଞାସୁ : ଏଣୁ ଚରିତ୍ର ଗଠନ ପାଇଁ ଗୁରୁ ଓ ଶିକ୍ଷା ଆଉ ଜୀବର ସହଯୋଗ ଏକାନ୍ତ ଲୋଡ଼ା । ତେବେ ଗୁରୁବାଦ ଭିତରକୁ ଜୀବ ପଶିବାକୁ ଭୟ କରେ କାହିଁକି ?


ଠାକୁର : ଅଜ୍ଞାନତାରୁ । ଜୀବ ଗୁରୁଙ୍କୁ ଭୟ କରି ଦୂରେଇ ଯିବାକୁ ଇଚ୍ଛା କଲେ ମଧ୍ୟ ଗୁରୁ ଦାୟିତ୍ୱ ଜୀବକୁ ଛାଡ଼େ ନାହିଁ । ଛୋଟ ପିଲାଟି ଅଜ୍ଞାନ । ସେ ଯାହା ଧରେ ସ୍ୱଭାବବଶ ପାଟିରେ ଭର୍ତ୍ତି କରେ । ଗୁରୁଣ୍ଡି ଗୁରୁଣ୍ଡି ଏଣେ ତେଣେ ପଳାଏ । ତା ଉପରେ କିଏ ଆକଟ ରଖିଛି ତାହା ମଧ୍ୟ ସେ ଜାଣେନା । କିନ୍ତୁ ଏହି ଅଜ୍ଞାନ ପିଲାକୁ ବାପା ମା, ବଡ଼ମଣିଷ, ଗୁରୁଜନମାନେ ତା'ସ୍ୱଧର୍ମରେ ଛାଡ଼ି ଦିଅନ୍ତି କି ? ନାଁ, ତା'ର ପିଛା ଧରି ସର୍ବଦା ଜଗିଥାଆନ୍ତି । ଜୀବ ଗୁରୁଙ୍କୁ ନ ଜାଣିଲେ ମଧ୍ୟ, ଗୁରୁଙ୍କ ଅନୁସରଣ ନକଲେ ମଧ୍ୟ ଯେଉଁମାନେ ଗୁରୁଭାର ବହନ କରି ଗୁରୁ ଦାୟିତ୍ୱରେ ଥାଆନ୍ତି ସେମାନେ କିନ୍ତୁ ଜୀବକୁ ସ୍ୱଧର୍ମରେ ନ ଛାଡ଼ି ତାକୁ ଆକଟ କରି ଅନୁସରଣ କରିଥାଆନ୍ତି । ଏହା ହେଉଛି ଗୁରୁଙ୍କର ଦାୟିତ୍ୱ ।

ଜିଜ୍ଞାସୁ : ଯଦି କେହି ଶିକ୍ଷା ଗ୍ରହଣ ନକରି ସ୍ୱଧର୍ମରେ ଗତି କରେ ଫଳ ତା'ର କ'ଣ ହୁଏ ?

ଠାକୁର : ସ୍ୱଧର୍ମରେ ଗତି କଲେ ନିଧନ ନିଶ୍ଚିତ । କାହିଁକିନା ଯେଉଁମାନେ ଶିକ୍ଷା ଗ୍ରହଣ ନ କରନ୍ତି, ଦେଖୁଥିବ ସେମାନେ ସମାଜରେ ବିଶୃଙ୍ଖଳିତ ଜୀବନ ଯାପନ କରି କେତେ ନିନ୍ଦା, ଗାଳି, ମାଡ଼, ଅପମାନ ପାଉଛନ୍ତି । ଶେଷରେ ହିଂସ୍ର ହୋଇ ନିଜକୁ ନିଧନ ମୁଖରେ ବଳି ଦେଉଛନ୍ତି । ଏଣୁ କର୍ମଯୋଗରେ ଯୋଗ ଦିଅ । ଶୃଙ୍ଖଳିତ ଜୀବନଯାପନ କର । କଥା ମାନ । ଶିକ୍ଷା ଗ୍ରହଣ କର । ଦୀକ୍ଷା ନିଅ । ଚରିତ୍ର ଗଠନ କର । ଏସବୁ ହେଉଛି ପରା ଧର୍ମ । ଏହି ପରାଧର୍ମ କର୍ମରେ ପରିଣତ ହେଲେ ଜୀବର ଚରିତ୍ର ସଂଶୋଧିତ ହୋଇ ଚରମ ଲକ୍ଷ୍ୟ ପ୍ରାପ୍ତି ହୁଏ ।

❖❖❖

# ସମ୍ଭବାମି ଯୁଗେ ଯୁଗେ ରତ୍ନବେଦୀ



ତତ୍ତ୍ୱ ଜ୍ଞାନ ସିନ୍ଧୁ ଗୋସାଇଁ ଗୁରୁସ୍ୱାମୀ ହେ ପ୍ରଭୁ । ଜ୍ଞାନ ଭକ୍ତିଭାବ ଯୋଗାଇ ପାରି କର ଏ ଭବୁ ॥
ଶକ୍ତିକାହିଁ କାହୁଁ ବୁଝିବୁ ତତ୍ତ୍ୱଜ୍ଞାନ ସୃଷ୍ଟିର । ଚାତକ ପରାୟ ଚାହିଁଛୁ ଧାରା କୃପା ବୃଷ୍ଟିର ॥
ଦୃଷ୍ଟିରେ ରଖିବ ପ୍ରଭୁ ହେ ! ତୁମେ ସାହାଭରସା । ନତଶିରେ ଢ଼ାଳି ଦେବହେ କଲ୍ୟାଣର ବରଷା ॥

**‘ଚରମ’ : ଷଷ୍ଠପୁଷ୍ପ : ଷଷ୍ଠ ପାଖୁଡ଼ା : ଏକତ୍ରିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ :**

## (୪୦) ରଜ୍ଜୁ ଗୁର୍ଜ୍ଜରୀ କୋଷ

## ଜନନୀ ଜଠର ଜରାୟୁ

## (୩ ମୈତୀମାୟା ସ୍ନାୟୁ)

*ସ୍ରଷ୍ଟା ଜୀବକୁ ସୃଷ୍ଟି କରି ଧରାପୃଷ୍ଠରେ ସ୍ୱାଧୀନ ଭାବରେ କର୍ମକରିବା ପାଇଁ ଛାଡ଼ି ଦେଇଛନ୍ତି । ସ୍ୱାଧୀନ ଭାବରେ କର୍ମ କରିବା ପାଇଁ ତା' ମାଧ୍ୟମରେ ବୁଦ୍ଧି, ବିବେକ, ବୋଧଜ୍ଞାନ ମଧ୍ୟ ଦେଇଛନ୍ତି । କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ସହିତ ମନ ମଧ୍ୟ ଦେଇଛନ୍ତି । ଜୀବନର ସ୍ୱାଦୁ ଚାଖିବା ପାଇଁ ଜୀବ ପିଣ୍ଡରେ କୋଷ ଓ ସ୍ନାୟୁ ଖଞ୍ଜି ଦେଇଛନ୍ତି । ଜୀବ ନିଜର ବୁଦ୍ଧି, ବିବେକ ଓ ବୋଧଜ୍ଞାନକୁ ସର୍ବଦା ସର୍ବତ୍ର କାର୍ଯ୍ୟରେ ଲଗାଇ ସତ୍‌ପଥରେ ଚଳି ସତ୍‌ଚିନ୍ତା, ସତ୍‌ବାକ୍ୟ ଓ ସତ୍‌କର୍ମ କରିବା ସହିତ ସତ୍‌ସଙ୍ଗରେ ମନୋନିବେଶ କରି ପାରିଲେ, ଧରାଧାମରେ ଦିବ୍ୟାତ୍ମା ହୋଇପାରିବ ଓ ତଦ୍ୱାରା ବିଶ୍ୱଭ୍ରାତୃତ୍ୱ ମାଧ୍ୟମରେ ବିଶ୍ୱଶାନ୍ତି ମଧ୍ୟ ପ୍ରତିଷ୍ଠା କରି ପାରିବ । ଏହି ମର୍ମରେ ‘ଚରମ’ର ଏହି ସଂଖ୍ୟାରେ ପୂର୍ବସଂଖ୍ୟାର ପ୍ରାସଙ୍ଗିକତାକୁ ନେଇ ଶ୍ରୀଗୁରୁସ୍ୱାମୀଙ୍କ ରଚନାକୁ ଆସନ୍ତୁ ପଢ଼ିବା :*


ଈଶ୍ୱର ସବୁ କରୁଛନ୍ତି, ସବୁ କରାଉଅଛନ୍ତି । ଜୀବର ନିଜସ୍ୱ ବୋଲି କିଛି ନାହିଁ । **‘ତ୍ରିଗୁଣ ରଜ୍ଜୁ କରେ ଧରି । ମୃଗୀ ନଚାଏ ନରହରି ।’** ‘କରି କରାଉ ଥାଏ ମୁହିଁ । ମୋ ବିନୁ ଆନ ଗତି ନାହିଁ ॥’ -ଏହିପରି ମନୋଭାବ ତୋଳି ନିଷ୍କ୍ରିୟ ହୋଇଯିବା ପାଇଁ ଧର୍ମଶାସ୍ତ୍ରରେ ନୀତି ପ୍ରଣୟନ କରାଯାଇ ନାହିଁ । ସୁଅ ମୁହଁରେ ପତର ଭଳି ଜୀବ ଯଦି ସଂସାର ସ୍ରୋତରେ ଭାସିଚାଲେ, ତେବେ ସେ କୁପଥରୁ ସୁପଥକୁ କଦାପି ଫେରି ଆସି ପାରିବ ନାହିଁ । ମନେ ରଖିବାକୁ ହେବ ଯେ, ଆମ୍ଭେ ଆମ୍ଭର ଜୀବନକାଳ ମଧ୍ୟରେ କୁମନ, କୁବୁଦ୍ଧି, କୁକାର୍ଯ୍ୟରେ **ସଂଯମତା ଆଣି ତାକୁ ‘ସୁ’ରେ ପରିଣତ କରିବାର ଦାୟିତ୍ୱ ଆମ୍ଭ ନିଜର** । ଏହି କର୍ତ୍ତବ୍ୟ ଓ ଦାୟିତ୍ୱ ସ୍ରଷ୍ଟା ପୁରୁଷ ଜୀବ ହାତରେ **ଦେଇଅଛନ୍ତି** । ଏହାକୁ ହିଁ କୁହାଯାଏ ଯୋଗ । ଏହାହିଁ ଆମ୍ଭର ସାଧନା । ଏହା ହିଁ ପୁରୁଷାର୍ଥ । ଭଗବତ୍ କୃପା ପୁରୁଷାର୍ଥରୁ ହିଁ ପ୍ରାପ୍ତ ହୋଇଥାଏ । ଯେଉଁଠି ଯୋଗ ନାହିଁ, ସାଧନା ନାହିଁ, ପୁରୁଷାର୍ଥ ନାହିଁ,

ସେଠାରେ ଭଗବତ୍ କୃପା ମଧ୍ଯ ନାହିଁ । ସଂସାର ପଥରେ ପ୍ରତି ମୁହୂର୍ତ୍ତରେ ବୁଦ୍ଧିବିବେକକୁ ସୁମାର୍ଗରେ ପରିଚାଳନା କରି ଜଗିରଖି କାର୍ଯ୍ୟ କରିବା, କଥାବାର୍ତ୍ତା କରିବା ଏବଂ ଚିନ୍ତା କରିବା ଦ୍ୱାରା ପୂର୍ବ ଅବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ କର୍ମ, ବାକ୍ୟ ଓ ଚିନ୍ତାଧାରାର ଗତି ବଦଳାଇ ପାରିଲେ, ବିକୃତି ବା ବିକାର ଭାବ ତୋଳି ପାରିବ ନାହିଁ । ଅଭ୍ୟାସ କର୍ମଦ୍ୱାରା ଯେକୌଣସି ବ୍ୟକ୍ତି ଏହା ହାସଲ କରିପାରିବ ।

ଗୃହସ୍ଥ ଧର୍ମରେ ରହି ଯେଉଁ ଯେଉଁ କର୍ମ, ବାକ୍ୟ, ଚିନ୍ତାଦ୍ୱାରା ନିଜ ମଧ୍ଯରେ ବିକାରୀୟ ଭାବ ଆସିବ, ନିଜ ନିଜର ସୁବୁଦ୍ଧି ଓ ବିବେକ ଶକ୍ତି ଦ୍ୱାରା ବ୍ୟକ୍ତି ନିଜର ବୋଧ ଜ୍ଞାନ ବଳରେ ନିଜକୁ ନିଜେ ପ୍ରବୋଧନା ଦେଇ ଶାନ୍ତ ସୁସ୍ଥ ଓ ସୁନ୍ଦର କରି ପାରିବ । ଏହାଦ୍ୱାରା ବ୍ୟକ୍ତି ନିଜେ ସୁସ୍ଥ ରହିବ ଓ ପରିବାରର ଅନ୍ୟ ସମସ୍ତଙ୍କୁ ମଧ୍ଯ ସୁସ୍ଥ ରଖି ପାରିବ । ବୁଦ୍ଧି ବିବେକ ଶକ୍ତି ସୁମାର୍ଗରେ ପରିଚାଳିତ ହେଲେ, ସ୍ୱାମୀ ସ୍ତ୍ରୀ ମଧ୍ଯରେ କଳହ ହେବ ନାହିଁ । ଅବୁଝାମଣା ବା ଭୁଲ୍ ବୁଝାମଣା ରହିବ ନାହିଁ, ସନ୍ଦେହର ଅବକାଶ ରହିବ ନାହିଁ । କେହି କାହାକୁ ସନ୍ଦେହ ବା ଅବିଶ୍ୱାସ କରିବେ ନାହିଁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଠିକ୍ ସେହିପରି ସାରା ପରିବାରରେ ମଧ୍ଯ ଶାନ୍ତି ବିରାଜମାନ କରିବ । ଅନ୍ୟପକ୍ଷରେ ମାନସପଟରେ ବୋଧ ଆଣି ନ ପାରିଲେ, ଜୀବର ସଂଜ୍ଞାବାହୀ ସ୍ନାୟୁ ଶୁଣ୍ଢବୃଙ୍ଗ ଦ୍ୱାରା ସଂଯୁକ୍ତ ହୋଇ 'କୁ' ଭାବର ପ୍ରାବଲ୍ୟରୁ ବିକୃତ ଚିନ୍ତାଧାରାକୁ ସତେଜ ରଖି କୁକର୍ମରେ ଲିପ୍ତ କରେ । ଏହାଦ୍ୱାରା 'ସୁ' ବାଧାପ୍ରାପ୍ତ ହୁଏ । 'କୁ' କ୍ରମଶଃ କାୟା ବିସ୍ତାର କରିଚାଲେ, ତଦ୍ୱାରା ଜୀବ ମଧ୍ଯରେ ଥିବା 'ସୁ' ଛପିଯାଏ । ବିଜେନ୍ଦ୍ରିୟ ବୃତ୍ତି (କ୍ରୋଧ, ହିଂସା, ଈର୍ଷା, ପରଶ୍ରୀକାତରତା, ସ୍ୱାର୍ଥପରତା, ମିଥ୍ୟା, ଛଳନା, କପଟତା ଇତ୍ୟାଦି) ଜୀବ ମଧ୍ଯରେ ଶକ୍ତିଶାଳୀ ହୋଇଗଲେ, ସତ୍ୟେନ୍ଦ୍ରିୟ ବୃତ୍ତି (ପ୍ରେମ, ସ୍ନେହ, ଶ୍ରଦ୍ଧା, ମମତା, ଦାନ, ଧର୍ମ, ତ୍ୟାଗ, ନିଃସ୍ୱାର୍ଥପରତା, ପରଦୁଃଖକାତରତା, ସେବା, ସାହଚର୍ଯ୍ୟ, ସତ୍ୟ ଇତ୍ୟାଦି) ଶୂନ୍ୟ ହୋଇଯାଏ । ଜୀବ ଦିବ୍ୟାତ୍ମାରେ ପରିଣତ ହେବା ତ ଦୂରର କଥା, ରାକ୍ଷସରେ ପରିଗଣିତ ହୁଏ । ଏପରି ପର୍ଯ୍ୟାୟରେ ଜୀବ ମଧ୍ଯରେ 'କୁ' ଲୀଳା ଚାଲେ । ଏହି ଅବସ୍ଥା ଅଧିକରୁ ଅଧିକ ହେଲେ, ଜୀବର ମସ୍ତିଷ୍କ ଗୋଳିଆ ହୋଇଯାଏ ଓ ସେ କ୍ରମଶଃ ଦୁସ୍ଥ ହୋଇ ପାଗଳରେ ପରିଣତ ହୁଏ । ତା'ର ମାନସିକ ଭାରସାମ୍ୟ ରହେ ନାହିଁ । ସେ ଜୀବ ସନ୍ଦେହୀ ହୁଏ । ନିଜର ଦୁର୍ବଳତାକୁ ଛପାଇବାକୁ ଯାଇ ସେ ଅନ୍ୟର ଦୋଷ ଖୋଜିବୁଲେ ଓ ପ୍ରତ୍ୟେକ କଥାରେ ଅନ୍ୟକୁ ଅବିଶ୍ୱାସ କରେ, ସନ୍ଦେହ ଓ ଘୃଣା ମଧ୍ଯ କରେ । ସେ ନିଜର ମାନସିକ ସ୍ଥିରତା ରକ୍ଷା କରିବା ପାଇଁ ଅସମର୍ଥ ହୁଏ । ଅସହାୟ ଜୀବନଯାପନ କରିବାକୁ ବାଧ୍ୟ ହୁଏ ।


ଏଣେ ଗ୍ରହନକ୍ଷତ୍ରାଦିର ପ୍ରଭାବ ଓ କାରଣରୁ ଜୀବର କର୍ମଫଳ ଭୋଗ ଜୀବନକାଳ ମଧ୍ଯରେ ଧରାପୃଷ୍ଠରେ ଚାଲିଥାଏ । ଜରାୟୁରେ ଥିବାବେଳେ ବ୍ରହ୍ମାଣ୍ଡ ତତ୍ତ୍ୱର କାରଣମାନ ହରିଦ୍ରାବର୍ଣ୍ଣ ଧାରଣ କରିଥାଏ । ଗୁର୍ଜ୍ଜରୀକୋଷର ରଜ୍ଜୁ ବନ୍ଧନ ଦ୍ୱାରା ମାତୃଗର୍ଭରେ ଜୀବ ବ୍ରହ୍ମଙ୍କ ଆଲୋକ ଦ୍ୱାରା ନିସ୍ତେଜ ଅବସ୍ଥାରେ ଥାଏ । ଭୂମିଷ୍ଠ ହେବା ପରେ କ୍ରମେ କ୍ରମେ ବଡ଼ ହୋଇ ସ୍ୱୟଂଚାଳିତ କ୍ରିୟାରୁ ବାହ୍ୟ ଭାବ ଗ୍ରହଣ କରି ମାନସିକ ସ୍ତରରେ ଜୀବ ବିଚଳିତ ହୁଏ । ଅତ୍ୟଧିକ ଚିନ୍ତନ ଦ୍ୱାରା, ସ୍ନେହ ବନ୍ଧନଦ୍ୱାରା ଓ ଜାଗତିକ ବାହ୍ୟ ପ୍ରଭାବ ଦ୍ୱାରା ପିଣ୍ଡରେ କାମର ଜ୍ୱାଳା ଅସହ୍ୟ ହେବାରୁ ମସ୍ତିଷ୍କ ବିକାର ମଧ୍ଯ ଦେଖାଯାଏ । ଏହି ବିକାରୀୟ ଗୁଣଧର୍ମ ସମାନଭାଗ ଔଷଧୀୟ ଗୁଣଧର୍ମ ଚିକିତ୍ସା ପ୍ରୟୋଗରେ ମଧ୍ଯ ଆରୋଗ୍ୟ ହୋଇଯାଏ । ଜରାୟୁରେ ଥିବା ସମୟରେ ଯେଉଁ ଜୀବନର ଶୁଣ୍ଢବୃଙ୍ଗ ରଜ୍ଜୁଗୁର୍ଜ୍ଜରୀ କୋଷରେ ସ୍ନାୟୁର ରଙ୍ଗ ଲାଲ ଦିଶୁଥାଏ, ଧରାପୃଷ୍ଠରେ ଜନ୍ମଗ୍ରହଣ କରିବା ପରେ କ୍ରମବିକାଶ ଅବସ୍ଥାରେ ଅଧିକ ଚିନ୍ତା ହେତୁ ବାଧାପ୍ରାପ୍ତ ହୋଇ ଶୁଣ୍ଢବୃଙ୍ଗ ଓ ରଜ୍ଜୁଗୁର୍ଜ୍ଜରୀରେ ବିଚ୍ଛେଦ ହୋଇଯାଏ । ବିଚ୍ଛେଦ ହୋଇଗଲେ, ଶୁଣ୍ଢର ରଙ୍ଗ ଧବଳ ଓ ଗୁର୍ଜ୍ଜରୀ କୋଷ ଗୈରୀକ ବର୍ଣ୍ଣ ଧାରଣ କରେ । ତଦ୍ୱାରା ଜୀବର ଦେହାନ୍ତ ପର୍ଯ୍ୟନ୍ତ ମସ୍ତିଷ୍କ ବିକାର (ପାଗଳାମି) ଅବସ୍ଥା ରହିଥାଏ । ଗୃହସ୍ଥ ଧର୍ମରେ ଦାମ୍ପତ୍ୟ ଜୀବନରେ ଏହି ଅବସ୍ଥା ମଧ୍ଯରେ ସନ୍ତାନ ଜନ୍ମ ହେଲେ (ବିନ୍ଦୁ ସ୍ଥାପନ ହେଲେ), ସେହି ଶିଶୁ ସନ୍ତାନ ମଧ୍ଯ ମସ୍ତିଷ୍କ ବିକାରରେ ପତିତ ହୁଏ । ଗୃହସ୍ଥାଶ୍ରମରେ ଯେକୌଣସି କର୍ମରେ ବାଧାପ୍ରାପ୍ତ ଅବସ୍ଥା ଉପୁଜିଲେ, କିଛି ସମୟ ପାଇଁ ମସ୍ତିଷ୍କ ବିକାରଗ୍ରସ୍ତ ହୁଏ। ନିଜ ନିଜର ବୋଧଜ୍ଞାନ ବା ବୁଝାମଣା ଦ୍ୱାରା ବୋଧ ନିଆଯାଇ ମାନସିକ ସୁସ୍ଥ ଅବସ୍ଥାକୁ ଜୀବ ଆସିଥାଏ ।

❖ ❖ ❖




# କଲ୍ୟାଣ ଦେଲି ତୋତେ

ଏ ସୃଷ୍ଟି ଅମୃତମୟ । ସୃଷ୍ଟିର ପ୍ରତିଟି ଜିନିଷ ଓ ଜିନିଷରେ ସ୍ରଷ୍ଟା ପୁରୁଷଙ୍କର ଅମୃତ ସ୍ପର୍ଶର ସ୍ୱାକ୍ଷର ସ୍ପଷ୍ଟ ଭାବରେ ଲକ୍ଷ୍ୟ ରହିଛି । ସ୍ୱୟଂ ସ୍ରଷ୍ଟା ପୁରୁଷ ସୃଷ୍ଟିର ପ୍ରତ୍ୟେକ ଜିନିଷରେ ପ୍ରଚ୍ଛନ୍ନ ଭାବରେ ଲୁଚି ରହିଛନ୍ତି । ସୃଷ୍ଟିର ସର୍ବତ୍ର ସର୍ବଦା ତାଙ୍କର ଅବାରିତ କଲ୍ୟାଣର ଧାରା ଅବିରାମ ଭାବରେ ବର୍ଷି ଚାଲିଛି । ଅମୃତ ସ୍ନାନରେ ସ୍ନିଗ୍ଧ ଶୁଚିଶୁଭ୍ର ଏ ସୃଷ୍ଟି, ଏ ମଧୁର ପ୍ରକୃତି । ଏହା ଭକ୍ତର ଅନୁଭୂତି ଓ ପ୍ରତ୍ୟକ୍ଷ ଅନୁଭବର ଭାବ । ଏହି ଅମୀୟ ଭାବ ଚିନ୍ତାରେ ସୃଷ୍ଟିମାତ୍ର ଧନ୍ୟପୂର୍ଣ୍ଣ । ପ୍ରଭୁ ଦେଇ ଚାଲିଛନ୍ତି ତାଙ୍କର ଅମୃତ କଲ୍ୟାଣ । ଅମୃତ ସନ୍ତାନ ତାଙ୍କର ଏହି ଅମୃତ କଲ୍ୟାଣ ଲାଭ ନିମନ୍ତେ ସୁଯୋଗ୍ୟ ହେବା ହିଁ ଏକାନ୍ତ ବାଞ୍ଛନୀୟ ।



"ଧନ୍ୟ ମହାପ୍ରଭୁ କଲ୍ୟାଣ ତୁମର
ସିକ୍ତ କରୁଛି ଧରା ।
ଶତ ଅପରାଧ କ୍ଷମା କର ପ୍ରଭୁ
ଆମେ ସନ୍ତାନ ପରା ॥"



'ଚରମ'ରେ ମୋର କଲ୍ୟାଣ ନେବୁ
ଦେଉଛି ଦି'ହାତ ତୋଳି ।
ମନ ପ୍ରୀତି ଭକ୍ତି ଧାରା କରୁଥିବୁ
ଧରମ ପଥରେ ଚାଲି ॥

ସୃଷ୍ଟିର ରହସ୍ୟ ଅତିବ ଗହନ
ଅତି ଅଲୌକିକ ପୁଣି ।
ସାମାନ୍ୟ ଶରୀର ଚିନ୍ତାକଲେ ଧନ
ସେ ସବୁ ପାରିବୁ ଜାଣି ॥

କେଉଁଠି ସାଗର   କେଉଁଠି ପର୍ବତ
କେଉଁଠାରେ ମରୁଭୂମି ।
କାହିଁ ନଦୀ ହ୍ରଦ   କାହିଁ ଉପବନ
କାହିଁ ସୁଶ୍ୟାମଳ ଜମି ॥
ଋତୁ ଅନୁଯାୟୀ   ଫୁଲଫଳ ମୂଳ
ସମ୍ଭାର ଦିଏ ପ୍ରକୃତି ।
ଗରଳ ଭରଇ   ଦୁଷ୍କୃତ, ଅମୃତ
ଭରେ ଯା' ଥାଏ ସୁକୃତି ॥
ଧରମର ଜୟ   ପୁଣ୍ୟର ଅକ୍ଷୟ
ଜାନା ଉଡ଼େ ଚିରଦିନ ।
ଧରମ ପଥରେ   ଚଳାଇବୁ ଧନ
ନିଜକୁ ନ ମଣି ହୀନ ॥
ସ୍ରଷ୍ଟାଙ୍କ ପରୀକ୍ଷା   ଅତିହିଁ କଠିନ
ଭୟ ତିଳେ ନ କରିବୁ ।
ପାଦପଦ୍ମେ ମନ   ନିବେଶି ଥିଲେରେ
ହେଳେ ଉତ୍ତୀର୍ଣ୍ଣ ହୋଇବୁ ॥
ତୋ ମୁଖରେ ଭାଷା   ତୋ ଚକ୍ଷୁରେ ଜ୍ୟୋତି
ଦେଇଛି କହ କିଏ ସେ ?
ଜନନୀ ବକ୍ଷରେ   ତୋ ପାଇଁ ଦେଇଛି
ଅମୃତ ଭରି ରସେ ॥

କାହା ଆଦେଶରେ   ଝରୁଛି ଝରଣା
ବହୁଛି ସୁଖେ ପବନ ।
ପ୍ରାଣୀ ସକଳଙ୍କ   ପିଣ୍ଡରେ କିଏ ସେ
ଦେଇଛି ଦିବ୍ୟ ଜୀବନ ??
କହିକି ପାରିବୁ   ଧନମଣି ମୋର
କିଏ ସେ ସୃଷ୍ଟିର ସ୍ରଷ୍ଟା ?
ସତ୍ୟ ଧର୍ମ ପଥେ   ଚଳିଥିଲେ ଧନ
ହେବୁ ଦିନେ ଦିବ୍ୟଦ୍ରଷ୍ଟା ॥
ସେ ଦୃଷ୍ଟି ଲଭିଲେ   ତୋ' ଚଉପାଶରେ
ଦେଖିବୁରେ ଅଲୌକିକ ।
ଶତ ସହସ୍ରରେ   ବିରାଜି ରହିଛି
ଯାହା ତୁ ଭାବୁ ଲୌକିକ ॥
ଲୌକିକ ମଧ୍ୟରେ   ଅଲୌକିକ ଭାବେ
ଛପି ରହିଛନ୍ତି ଯେହୁ ।
ସବୁ ଅଲୌକିକ   ଲୌକିକ ରୀତିରେ
କରି ଚାଲିଛନ୍ତି ସେହୁ ॥
'ଚରମ'ରେ ମୋର   ଅମର ସନ୍ତାନ
ଯେନିଥା କଲ୍ୟାଣ ମୋର ।
ଏଥର ଏତିକି   କଲ୍ୟାଣ ଦେଉଛି
ଜନମପିତା ତୋହର ॥

# କେଶବ କୈବଲ୍ୟ କଣିକା

'ମୋ ପ୍ରଭୁ କେଶବ କୈବଲ୍ୟ ପ୍ରଦାତା ତହିଁରୁ କଣିକାଟିଏ ।
ପାଇ ପାଳିଥିଲେ କୁମର ମଣିରେ ସେ ତହୁଁ ପ୍ରଶାନ୍ତି ଦିଏ ॥'

*ଜ୍ୱାଳା ଯନ୍ତ୍ରଣା ପୂର୍ଣ୍ଣ ଜୀବନରେ ପ୍ରଶାନ୍ତିର ସ୍ନିଗ୍ଧ ସଲିଳ ବିନ୍ଦୁଟିଏ ପରି କୈବଲ୍ୟ କଣିକାର ବାଣୀଟିଏ ଶିହର ପ୍ରାଣ ପ୍ରାଚୁର୍ଯ୍ୟ ଭରିଦିଏ ଅଙ୍ଗରେ ଅଙ୍ଗରେ, ମନରେ ମନରେ, ପ୍ରାଣରେ ପ୍ରାଣରେ । ମହାପ୍ରଭୁଙ୍କର ଶ୍ରୀମୁଖ ନିଃସୃତ ବାଣୀଗୁଚ୍ଛ ମଣିତୁଲ୍ୟ ମହାମୂଲ୍ୟବାନ । ବାଣୀଦାନ ତାଙ୍କର ଅପୂର୍ବ, ମହାର୍ଘ । ଆମ ପାଇଁ ମହାପ୍ରସାଦ ।*

❖ ତୁମେମାନେ ସଂଘ ଗଢ଼ିଛ । ସଂଘମାନେ ସଂହତିର ଭାବ, ତେଣୁ ଏ ସଂଘକୁ ବିଭିନ୍ନ ପ୍ରକାର ଲୋକ ଆସିବେ ନିଶ୍ଚୟ । ଆଚରଣ ଶୁଦ୍ଧ କରି ସେମାନଙ୍କର ଭାବ ବୁଝି ବ୍ୟବହାର କଲେ ସଂହତି ନିଶ୍ଚୟ ରହିବ ।

❖ ଅନ୍ୟମାନଙ୍କ କଥାରେ ଭାବ ନେଇ ପାରିଲେ କ୍ରୋଧ ସୃଷ୍ଟି ହେବ ନାହିଁ । ଯିଏ ଭାବ ଗ୍ରହଣ କରିପାରୁଛି ସେ ଅକ୍ରୋଧୀ, ମାତ୍ର ଯିଏ ପାରୁନାହିଁ ସେ କ୍ରୋଧରେ ଅଗ୍ନିଶର୍ମା ହୋଇଉଠୁଛି ।

❖ ଆପଣା କର୍ମରେ ନିଷ୍ଠା ନ ଥିଲେ ଆପେ ଆପେ ଖାଦ୍ୟ ମିଳିବ ନାହିଁ । ଯେଉଁମାନଙ୍କର ସିଦ୍ଧିଥିବ ସେମାନେ ନାମ ଜପ କଲେ, ଯୋଗାଯୋଗ ସୂତ୍ରରେ ଆପେ ଆପେ ଖାଦ୍ୟ ମିଳିଯିବ ।

❖ ନିଜକୁ ନିଜେ ଦୃଢ଼ ନ କରି ବାରମ୍ୱାର ଗୁରୁବାଣୀ ଶୁଣିଲେ ମଧ୍ୟ ତୁମ ମଧ୍ୟରେ କୌଣସି ପରିବର୍ତ୍ତନ ହେବ ନାହିଁ । କେବଳ ଏ କାନରେ ପଶି ସେ କାନରେ ବାହାରି ଯିବା ହିଁ ସାର ହେବ । ତେଣୁ ପ୍ରଥମେ ନିଷ୍ଠାର ସହିତ ମାନସିକ ଦୃଢ଼ତା ସ୍ଥାପନ କର ।

❖ ଯେଉଁମାନେ ପୂର୍ବରୁ କିଛି ସଂସ୍କାର ସମ୍ବଳ ନେଇ ଆସୁଛନ୍ତି, ସେମାନେ ପଦେ ପଦେ କଥାକୁ ଧରି ନେବେ । କାରଣ ସେମାନେ ସଂସ୍କାରୀ ।

❖ ନିଜର ଦୋଷ ଦେଖି ବା ଶୁଣି ଦୁଃଖ ହେବା ଆଦୌ ଉଚିତ ନୁହେଁ । ଦୋଷର ସଂଶୋଧନ କରି ଆଚରଣ ସିଦ୍ଧ ହେବା ଉଚିତ ।

❖ ତୁମକୁ ଯେତେ ବାଧିବ ସେତେ ମଙ୍ଗଳ, କାରଣ ଏହାଦ୍ୱାରା ମନଛୋଟ ହୋଇ ସରଳ ହୋଇଯିବ । ସରଳତା ହିଁ ଆତ୍ମିକ ଉନ୍ନୟନର ପ୍ରକୃଷ୍ଟ ମାର୍ଗ ।

❖ ଯିଏ କରେ, ସିଏ କହେ ନାହିଁ । ଯିଏ କହେ, ସିଏ କରେ ନାହିଁ । ପୁଣି କେତେକ ଅଛନ୍ତି ଯେଉଁମାନେ କିଛି କରନ୍ତି ନାହିଁ କି କିଛି କହନ୍ତି ନାହିଁ ମଧ୍ୟ । ତେଣୁ ଭକ୍ତ ଅନୁଗତ ଶିଷ୍ୟ ତିନି ପ୍ରକାର - ଉତ୍ତମ, ମଧ୍ୟମ ଓ ଅଧମ । ଉତ୍ତମ ଭକ୍ତ କିଛି ନ କହି ନୀରବରେ କରିଚାଲେ । ମଧ୍ୟମ ଭକ୍ତ କେବଳ ବାକ୍ୟବୀର, ବହୁତ କହେ ମାତ୍ର ଅତି ଅଳ୍ପ କରେ ବା ଆଦୌ କରେ ନାହିଁ । ଅଧମ ଭକ୍ତ କିଛି କହେ ନାହିଁ କି କିଛି ହେଲେ କରେ ନାହିଁ ।

❖ ମୂଳ ଜାତୀୟ ଓ ଲତା ଜାତୀୟ ଫଳମୂଳ ଆହାର ଦ୍ୱାରା ଶରୀରରେ ବାୟୁ ସୃଷ୍ଟି ହୁଏ ।

- କାଳ କବଳ ନୀତିରେ ଦୁର୍ଘଟଣା ଜନିତ ମୃତ୍ୟୁର ଲୌକିକତା ମଧ୍ୟରେ ବି ଅଲୌକିକ ଲୀଳା ଅବଶ୍ୟ ରହିଥାଏ, ରହୁଛି ।
- ଆଧ୍ୟାତ୍ମିକ ବା ପରମାର୍ଥିକ ବ୍ୟକ୍ତି ବାରମ୍ବାର ପାରିବାରିକ, ଶାରୀରିକ ବା ବୃତ୍ତିଗତ ବିପର୍ଯ୍ୟୟର ସମ୍ମୁଖୀନ ହେଲେ, ସ୍ଥାଣୁ ପାଲଟି ଯିବା ହିଁ ସ୍ୱାଭାବିକ ।
- ନୀରବ ରହି ଅନ୍ୟ କାହାରି କଥାର କାରଣ ନ ହେଲେ, ନିଶ୍ଚୟ ମାନସିକ ଶକ୍ତି ପାଇବ ହିଁ ପାଇବ ।
- ସମାଜରେ ବିଭିନ୍ନ ପ୍ରକାରର ଲୋକ ଚରିତ୍ର ବିଦ୍ୟମାନ ଥିବାରୁ ତୁମେ ସମାଜରୁ ଶାନ୍ତି ପାଇ ପାରିବ କିପରି ?
- "ଅନାଦି"କାଳ ଗର୍ଭଜ ଶବ୍ଦ ।
- ଗୁଣରୁ ପ୍ରକୃତିର ସୃଷ୍ଟି ।
- ଗ୍ରହ ଚଳନ ଜୀବମାନଙ୍କର ପାପକର୍ମକୁ ନିୟନ୍ତ୍ରଣ କରୁଛି ।
- ଧର୍ମଧାରା ଗ୍ରହଣ କରିବା ମାତ୍ରେ ସଙ୍ଗେ ସଙ୍ଗେ ପାପକର୍ମ ଛାଡ଼ିଯାଏ ନାହିଁ । ଅଭ୍ୟାସ କର୍ମଯୋଗରେ ନିଷ୍ଠାର ସହିତ ଚଳିଗଲେ ଯାଇ ଧୀରେ ଧୀରେ ତାହା ସାଧନ ହୋଇଯିବ ।
- ଚେତନଶୀଳ ମା ସଦ୍ୟଭୂମିଷ୍ଠ ଶିଶୁର ବିଭିନ୍ନ ଅଙ୍ଗଭଙ୍ଗୀରୁ ତାର ସମସ୍ତ କଥା ଜାଣିପାରେ ।
- ଶିଶୁର କୁକୁଟିଆ ହସ ହିଁ କାଳର ହସ ।
- ଚେତନଶୀଳ ମା ସଦ୍ୟଜାତ ଶିଶୁକୁ ସୂକ୍ଷ୍ମ ଦର୍ଶନ କରାଇ ଚେତନଶୀଳ ଓ ଜ୍ଞାନୀ କରାଇଥାଏ ।
- ତୁମେ ଭାବୁଛ ତୁମ ସଂସାରର ସମସ୍ୟା ସମାଧାନ କରି ସାରିବା ପରେ ଆମ ଉଦ୍ଦେଶ୍ୟରେ ବିଶ୍ୱକଲ୍ୟାଣ କର କାର୍ଯ୍ୟ କରିବ, ନୁହେଁ? କିନ୍ତୁ ସଂସାରରେ ଘର କରି ପାରିବାରିକ ସମସ୍ୟା କ'ଣ କାହାର ଶେଷ ହୁଏ ନା ତୁମର ହେବ? ମଲା ପର୍ଯ୍ୟନ୍ତ ପରା ସମସ୍ୟା ଲାଗି ରହିଥାଏ। ତୁମର ମଧ୍ୟ ଲାଗି ରହିବ । ତେବେ କେବେଠାରୁ ଆମ କାର୍ଯ୍ୟରେ ଲାଗିଯିବ ? କହୁନ ?
- ସାଧାରଣ ଜୀବର ଦଉଡ଼ ମୁକ୍ତିପାଇଁ । କିନ୍ତୁ ପ୍ରେମୀ ଭକ୍ତ ମୁକ୍ତି, ମୋକ୍ଷ, ନିର୍ବାଣ ଆମେ ଯାଚି ଦେଲେ ମଧ୍ୟ ଗ୍ରହଣ ନ କରି ପ୍ରେମ ଭକ୍ତିନିଷ୍ଠ ହୋଇ ଆମ ସେବା ସାହଚର୍ଯ୍ୟ ପାଇଁ ବ୍ୟାକୁଳ ହୋଇଥାଏ ।
- ଯୁଗଧର୍ମ ଅନୁସାରେ ଦୁଷ୍କୃତ ଓ ଦୁଷ୍କୃତିର ପ୍ରାଦୁର୍ଭାବ ହେତୁରୁ ଏବେ ସମାଜରେ ବର୍ଣ୍ଣାଶ୍ରମ ଧର୍ମ ବିଲୋପ ପ୍ରାୟ ହୋଇଯାଇଛି ।
- ଜୀବର କଥା ତା ନିଜ ଆଡ଼କୁ ଲଗାଇ କହିଲେ, ସତ୍ୟକଥା ପ୍ରକାଶ ପାଏ ।
- ସୃଷ୍ଟିରେ ବହୁ ଉପଦେଶ ବାଣୀ ରହିଛି । ସବୁବାଣୀ ସମସ୍ତେ ପାଳନ କରିପାରିବେ ନାହିଁ । ଯେକୌଣସି ଗୋଟିଏ ବାଣୀକୁ ଧରାପୃଷ୍ଠରେ କେହି ନା କେହି ଜଣେ ହେଲେ ପାଳନ କରି ଚାଲିଛି । ତେଣୁ କୌଣସି ବାଣୀ ନିରର୍ଥକ ବା ନିଷ୍ପ୍ରୟୋଜନ ନୁହେଁ ।




## ଧାରାଗ୍ରହଣ ପରେ

### 'ଚରମ' : ଷଷ୍ଠପୁଷ୍ପ : ଷଷ୍ଠ ପାଖୁଡ଼ା : ଏକତ୍ରିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ :

**'ଚରମ'ର ଷଷ୍ଠ ପୁଷ୍ପର** ୨୯ ଓ ୩୦ ନମ୍ବର ସଂଖ୍ୟାରେ ତୁମମାନଙ୍କୁ ଧ୍ୟାନ ଓ ପୂଜା ପ୍ରସଙ୍ଗରେ ସଙ୍କେତ ଦେଇଥିଛି । ଆଶା କରୁଛି, ଏହି ସଂକେତ ପାଇବା ପରେ ତୁମେମାନେ ନିଶ୍ଚୟ ନିଜ ନିଜକୁ ସଜାଡ଼ି ନେଇ ନିଜନିଜର ମଙ୍ଗଳ ବିଧାନ ସହିତ ଜଗତର କଲ୍ୟାଣ ନିମିତ୍ତ ନିଜ ନିଜକୁ ପ୍ରସ୍ତୁତ କରି ସାରିଥିବ । ଏବେ ମଧ୍ୟ ସାଙ୍କେତିକ ଭାବରେ ସଂକ୍ଷେପରେ ପୁଣି ଥରେ ଚେତାଇ ଦେଉଛି- ରାଗ, ଦ୍ୱେଷ ସର୍ବାଦୌ ତ୍ୟାଗ କର । ତୁମ ଶରୀରର ଦୁଷ୍ଟକୋଷ ସମୂହକୁ ସାଧନ କର । ମୈତ୍ରୀମାୟା ସ୍ନାୟୁର ସହାୟତା ଲୋଡ଼ । ଏହି ମୂଲ୍ୟବାନ ସ୍ନାୟୁକୁ କୁଚିନ୍ତା, କୁବାକ୍ୟ, କୁକର୍ମ ଦ୍ୱାରା ବିକୃତ କରିଦିଅ ନାହିଁ । ନିଜେ ନିଜର ଅମଙ୍ଗଳ ଡ଼ାକି ଆଣ ନାହିଁ କିମ୍ବା ଜଗତ କଲ୍ୟାଣକର କାର୍ଯ୍ୟ ସକଳରେ ବାଧା ସୃଷ୍ଟିକର ନାହିଁ । ସର୍ବଦା, ସର୍ବତ୍ର ସତର୍କ ରୁହ, ଯେପରି ତୁମର ଆଚରଣ, ବ୍ୟବହାର, ଚିନ୍ତା, ବାକ୍ୟ କିମ୍ବା କର୍ମ ଦ୍ୱାରା ତୁମ ନିଜର କିମ୍ବା ଅନ୍ୟ କାହାର ଅମଙ୍ଗଳ ଘଟି ନଯାଏ । ପଦ୍ମପାଦକୁ ଭରସା କର, ଦୃଢ଼ତାର ସହିତ ବିଶ୍ୱାସ କର, ଅଚଳା ଭକ୍ତି ରଖ, ଅଟଳ ନିଷ୍ଠା ରଖ ।

ଏଥର ଅର୍ଘ୍ୟ ପ୍ରସଙ୍ଗରେ ତୁମମାନଙ୍କୁ ସଂକ୍ଷେପରେ କିଛି ସୂଚେଇ ଦେଉଛି । ଧାରାଗ୍ରହଣ ସମୟରେ ତୁମମାନଙ୍କୁ ଅର୍ଘ୍ୟ ସମ୍ବନ୍ଧରେ ଅବଶ୍ୟ ବହୁତ କିଛି ତଥ୍ୟ ଯୋଗାଇ ଏବଂ ବତେଇ ଦିଆଯାଇଛି । ସନ୍ଦେଶ ପଥରେ ତୁମେ ଅର୍ଘ୍ୟ ଫଳ, ଅର୍ଘ୍ୟ ତିଥି, ଅର୍ଘ୍ୟ ପ୍ରଦାନ ମନ୍ତ୍ର ଓ ମୁଦ୍ରା ନିର୍ବାଚନ କରି ଦିଆଯାଇଛି । ଅର୍ଘ୍ୟଫଳ ବ୍ୟବହାର ବିଧି ମଧ୍ୟ ତୁମେମାନେ ଅଳ୍ପେ ବହୁତେ ଜାଣିଛ । ତଥାପି ତୁମମାନଙ୍କ ମଧ୍ୟରୁ ଅନେକଙ୍କର ଅର୍ଘ୍ୟ ବିଷୟରେ ସନ୍ଦେହ ରହିଛି, ଅଜବ ଧାରଣା ମଧ୍ୟ ରହିଛି । ଆଲୋଚନା ଆରମ୍ଭରେ କେତୋଟି ପ୍ରଶ୍ନ ଉଠୁଛି, କିଛି ମନରେ ଭାବିବ ନାହିଁ । ଆଚ୍ଛା କହିଲ ଦେଖି, ତୁମେମାନେ ଯେ ମାସକୁ ଥରେ ଅର୍ଘ୍ୟ ଦେଉଛ, କ'ଣ ଅର୍ଘ୍ୟ ଦେଉଛ ? କାହାକୁ ଅର୍ଘ୍ୟ ଦେଉଛ ? କାହିଁକି ଅର୍ଘ୍ୟ ଦେଉଛ ? ଅର୍ଘ୍ୟ ଦେବାଦ୍ୱାରା ତୁମର କ'ଣ ଲାଭ ବା କ୍ଷତି ହେଉଛି ? ଅର୍ଘ୍ୟ ଦେଇ ତୁମେ ଏ ପର୍ଯ୍ୟନ୍ତ କିଛି ଫଳାଫଳ ଅନୁଭବରେ ଆଣି ପାରିଲଣି କି ନାହିଁ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ତୁମେ ଯଦି ସଠିକ୍ ଭାବରେ ଦେଇପାରିବ, ତେବେ ତୁମର ଯଥାର୍ଥ ଅର୍ଘ୍ୟ ନିବେଦନ କରୁଛ

ବୋଲି ଜଣାଯିବ । ଯଦି ଉତ୍ତର ଦେଇପାରିବ ନାହିଁ ତେବେ ତୁମେ ଅନ୍ଧଭାବରେ ଚଳନ୍ଦିଆ ନୀତି ଧରି କେବଳ ଅର୍ଘ୍ୟ ଦେଉଛ ସିନା । ନୁହେଁ କି ?

ଥରେ ଜଣେ ସନ୍ଦେଶ ପତ୍ରଧାରୀକୁ ଆଶ୍ରମର ଜଣେ ଭାଇ ପଚାରିଲା- ଭାଇ, ତୁମେ ଅର୍ଘ୍ୟ ଦେଉଛ ? ସେ ବ୍ୟକ୍ତି 'ହଁ' ବୋଲି ଉତ୍ତର ଦେଲା । ଏ ଭାଇ ପୁଣି ପଚାରିଲା- କ'ଣ ଅର୍ଘ୍ୟ ଦେଉଛ? ସେ ବ୍ୟକ୍ତି ଚଟାପଟ୍ ଉତ୍ତର ଦେଲା- କ'ଣ ଆଉ ଦିଅନ୍ତି? ସମସ୍ତେ ଯାହା ଦେଉଛନ୍ତି ମୁଁ ବି ସେୟା ଦେଉଛି । ଏ ପୁଣି ପଚାରିଲା- ହଉ କହୁନ, କ'ଣ ଦେଉଛ । ସେ କହିଲା- ଆମକୁ ତ ସାଢ଼େ ତିନିଟଙ୍କା ଦେବାକୁ କହିଛନ୍ତି । ସେତକ ଦେଉଛି । ଏ ଭାଇ ପଚାରିଲା- କାହାକୁ ସେ ଅର୍ଘ୍ୟ ଦେଉଛ? ସେ ବ୍ୟକ୍ତି କହିଲା- କାହାକୁ ଆଉ ଦେବି । ପାଖରେ ଅର୍ଘ୍ୟ ପଇସା ରଖିଥାଏ, ଯେବେ ଆଶ୍ରମକୁ ଆସେ, ସାଙ୍ଗରେ ନେଇ ଆସେ । ଏଠାରେ ଠାକୁରଙ୍କ ପାଦପାଖରେ କିମ୍ବା ସିଂହାସନ ପାଖରେ ଥୋଇ ଦେଇଯାଏ । ବୁଝୁନ, ନ ଦେଲେ ଠାକୁରେ ଚଳିବେ କିପରି? ତାଙ୍କର କ'ଣ ଚାଷ ନା ଚାକିରୀ ନା ବେପାର କ'ଣ କିଛି ଅଛି କହିଲ? କିଛି ନା କିଛି ରୋଜଗାର ତ ଦରକାର ନା ନାହିଁ? ଏ ଭାଇ ପୁଣି ପଚାରିଲା- ଆଚ୍ଛା କାହିଁକି ଅର୍ଘ୍ୟ ଦେଉଛ କହିଲ? ସେ ଲୋକ କହିଲା- କହିଲି ପରା । ନ ଦେଲେ ଠାକୁରେ ଚଳିବେ କିପରି? ଏତକ ବୁଝିପାରୁନ, ଠାକୁରଙ୍କ ପାଖେପାଖେ ରହିଛ । - ଏହା ସତରେ ଗୋଟିଏ ମନଗଢ଼ା କାହାଣୀ ନୁହେଁ । ସତଘଟଣା, ସତକଥା । ସେହି ସରଳିଆ ଲୋକଟି ଯେତିକି ବୁଝିଛି, ସେତିକି କହିଛି । ସେଥିରେ ତା'ର ଦୋଷ ନାହିଁ । ତୁମମାନଙ୍କ ମଧ୍ୟରୁ ଅନେକଙ୍କର ଏହିପରି ଅଜବ୍ ଧାରଣା ସବୁ ରହିବା ସ୍ୱାଭାବିକ । ତୁମେମାନେ ସମସ୍ତେ ଯଦି ତୁମ ଶାଖାକୁ ନିୟମିତ ଯାଆନ୍ତ, ସେଠାରେ ହେଉଥିବା ଆଳାପ ଆଲୋଚନା ସବୁ ମନ ଦେଇ ଶୁଣନ୍ତ, ତେବେ ଅନେକ କଥା ବୁଝିପାରନ୍ତ, ଜାଣିପାରନ୍ତ । ଏହାଦ୍ୱାରା ତୁମର ଅନେକ ଭ୍ରାନ୍ତ ଧାରଣା ଦୂରେଇ ଯାଆନ୍ତା ନାହିଁକି ?

ମନେରଖ, ମାସକୁ ଥରେ ନିର୍ଦ୍ଦିଷ୍ଟ ତିଥିରେ ତୁମେ ଅର୍ଘ୍ୟଫଳ ଧରି ମନ୍ତ୍ର ଉଚ୍ଚାରଣ କରି ମୁଦ୍ରାରେ ଯେଉଁ ଅର୍ଘ୍ୟ ଦେଉଛ, ତାହା ଆମକୁ ଦେଉଛ । ତୁମର କର୍ମଫଳକୁ ଆମକୁ ସମର୍ପଣ କରି ଦେଉଛ । ବିଧିବଦ୍ଧ ଭାବରେ ଦେଲେ, ତାହା ଆମେ ଗ୍ରହଣ କରି ତୁମକୁ ଶୋଧନ କରି ଦେଉଛୁ । ସୂକ୍ଷ୍ମରେ ଏହି କ୍ରିୟା କରାଯାଉଛି । ତୁମେ ଯେଉଁ ତିନିଟଙ୍କା ପଚାଶ ପଇସା ଦେଉଛ, ତହିଁରେ ସାଙ୍ଗଠନିକ କାର୍ଯ୍ୟ କରାଯାଉଛି, ପ୍ରସାଦ ଲାଗି କରାଯାଉଛି । ଆମେ ତୁମ ଦେଉଥିବା ଟଙ୍କା ପଇସା ପାଇଁ କେବେ ମଧ୍ୟ ଆଗ୍ରହ ପ୍ରକାଶ କରୁନା । ଆମର ଆଗ୍ରହ ତୁମର ନିଷ୍ଠା, ବିଶ୍ୱାସ ଓ ନୀତିର ସହିତ ନିୟମିତ ଅର୍ଘ୍ୟ ନିବେଦନରେ । ତୁମ ଅର୍ଘ୍ୟ ପଇସାରେ ତୁମରି ମଙ୍ଗଳ ଓ ଜଗତର କଲ୍ୟାଣ ପାଇଁ ଗଠନ କରାଯାଇଥିବା "ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ"ର ସଂଗଠନ କାର୍ଯ୍ୟ ନିର୍ବାହ କରାଯାଏ । ତେଣୁ ଅର୍ଘ୍ୟ ଦେବା ସମୟରେ ତିନିଟଙ୍କା ପଚାଶ ପଇସା ଉପରେ ଅତ୍ୟଧିକ ଗୁରୁତ୍ୱ ଦେବନାହିଁ କିମ୍ବା ତାହା ଆମକୁ ଦେଉଛ ବୋଲି ଧାରଣା ରଖିବ ନାହିଁ । ସେହି ପଇସାରେ ତୁମରି କଲ୍ୟାଣ ପାଇଁ କାର୍ଯ୍ୟ କରାଯାଉଛି । ଭାବି ଦେଖିଲ, ଦିନକୁ ଦେଢ଼ ପଇସା ମଧ୍ୟ ପଡୁନାହିଁ । ଏତକ ଦେବାପାଇଁ କେବେ ବି କୁଣ୍ଠିତ ହେବ ନାହିଁ ।

ତୁମେ ଅର୍ଘ୍ୟ ଦେଉଛ ତୁମର କର୍ମଫଳ ଶୋଧନ, ଖଣ୍ଡନ ଓ ଲାଘବ ପାଇଁ । ପୂର୍ବ ଜନ୍ମଜନ୍ମାନ୍ତରର କୃତକର୍ମର ଫଳ ଭୋଗ କରିବା ପାଇଁ ଜୀବ ଏହି ଜଗତରେ ଜନ୍ମଲାଭ କରେ । ଜନ୍ମ ମୁହୂର୍ତ୍ତର ଗ୍ରହନକ୍ଷତ୍ରର

ପ୍ରଭାବରୁ ମଧ୍ୟ କେତେକ ଫଳ ଭୋଗ କରିବାକୁ ବାଧ୍ୟ ହୁଏ । ପୁଣି ଏ ଜନ୍ମରେ ତୁମେମାନେ ଯେଉଁସବୁ କର୍ମ କରୁଛ, ସେ ସବୁର ଫଳ ମଧ୍ୟ ତୁମକୁ ଭୋଗ କରିବାକୁ ହୁଏ । ଏ ସବୁକୁ କର୍ମଫଳ କୁହାଯାଏ । କର୍ମଫଳ ବାସ୍ତବରେ ଖଣ୍ଡନ ହୁଏ ନାହିଁ । ଅର୍ଘ୍ୟ ନିବେଦନ ଯଥାର୍ଥ ଭାବରେ କରାଗଲେ, କର୍ମଫଳ ଶୋଧନ କରାଯାଇ ଲାଘବ ବା କମ୍ କରାଯାଇ ଥାଏ । ଅର୍ଘ୍ୟଫଳ ନିୟମିତ ଧାରଣ, ଅର୍ଘ୍ୟଫଳ ଧୌତ ଜଳପାନ ଓ ତିଥିରେ ଅର୍ଘ୍ୟ ନିବେଦନ ଦ୍ୱାରା ତୁମର ସଞ୍ଚିତ, କ୍ରିୟମାଣ ଓ ପ୍ରାରବ୍ଧ କର୍ମଫଳ ପରିଶୋଧନ ଓ ଲାଘବ ହୋଇଥାଏ । ତିଥିରେ ଆମଠାରୁ ଅର୍ଘ୍ୟଫଳ ଛୁଆଁଇ ନେଲେ, ଅର୍ଘ୍ୟଫଳରେ ଶକ୍ତି ସଞ୍ଚାର ହୁଏ, ଅର୍ଘ୍ୟଫଳ ନଷ୍ଟ ମଧ୍ୟ ହୁଏ ନାହିଁ । ଅର୍ଘ୍ୟଫଳର ଯଥାର୍ଥ ବ୍ୟବହାର ନିୟମିତ ଭାବରେ ନ କଲେ କିମ୍ବା ତିଥିରେ ଅର୍ଘ୍ୟଫଳ ଛୁଆଇଁ ନ ନେଲେ, ତୁମମାନଙ୍କ ମଧ୍ୟରୁ ଅନେକଙ୍କର ଅର୍ଘ୍ୟଫଳ ନଷ୍ଟ ହୋଇଯାଉଛି । ପଚାରି ବୁଝିବ । ଅଶୌଚ କାଳରେ (ସୂତିକା, ମୃତିକାଦି), ଶ୍ମଶାନରେ, ଶବ ଶୋଭାଯାତ୍ରାରେ, ଶବକୁ ଛୁଇଁବା ବେଳେ, ମାଆ ଭଉଣୀମାନଙ୍କର ମାସିକ ଧର୍ମ ସମୟରେ ଅର୍ଘ୍ୟଫଳ ଧାରଣ କରିବା ନିଷେଧ । ମନେରଖ, ଅର୍ଘ୍ୟଫଳ ତୁମମାନଙ୍କର ରକ୍ଷା କବଚ । ଆଧିଭୌତିକ, ଆଧିଦୈବିକ, ଆଧ୍ୟାତ୍ମିକ- ଏହି ତ୍ରିତାପରୁ ରକ୍ଷା ପାଇବା ପାଇଁ ଅର୍ଘ୍ୟଫଳ ଧାରଣ ହିଁ ଏକମାତ୍ର ସର୍ବଶ୍ରେଷ୍ଠ ଓ ସର୍ବଶ୍ରେଷ୍ଠ ଉପାୟ । ଅର୍ଘ୍ୟଫଳ ବ୍ୟବହାରରେ ତୁମେମାନେ ଅବହେଳା କରିବା ଆଦୌ ଉଚିତ ହେବ ନାହିଁ ।

ଶୋଇବା ସମୟରେ, ସ୍ନାନାଦି ଶୌଚକ୍ରିୟା ସମୟରେ ମଧ୍ୟ ଅର୍ଘ୍ୟଫଳ ଧାରଣ କରିବା ନିଷେଧ । ପରିସ୍ରା କରିବା ପରେ ଜଳ ଦ୍ୱାରା ଶୌଚ କରିବା ଉଚିତ । ଦୈନିକ ଅନ୍ତତଃ ୮ ଘଣ୍ଟା, ୧୦ ଘଣ୍ଟା ବା ୧୨ ଘଣ୍ଟା ଶରୀରରେ ଅର୍ଘ୍ୟଫଳ ଧାରଣ କରିବା ଦ୍ୱାରା ଉତ୍ତମ ଫଳ ଲାଭ ହୋଇଥାଏ । ସଂକେତରେ ସଂକ୍ଷେପରେ ଅର୍ଘ୍ୟଫଳର ବ୍ୟବହାର ସମ୍ପର୍କରେ ଏଠାରେ ତୁମମାନଙ୍କୁ ଏତକ ସୂଚନା ଦେଉଛି । ତୁମମାନଙ୍କ ମନରେ ଏହାପରେ ଯେବେ କୌଣସି ସନ୍ଦେହ ଉପୁଜେ, ତେବେ କ୍ଷେତ୍ରକୁ ଆସିଲେ, ଆଚାର୍ଯ୍ୟଙ୍କୁ, ପୂଜାଚାର୍ଯ୍ୟଙ୍କୁ ବା ଅନ୍ୟ କୌଣସି ଏ ସମ୍ବନ୍ଧରେ ଭାରପ୍ରାପ୍ତ ପ୍ରମୁଖ ଗୁରୁଭାଇ/ଭଉଣୀଙ୍କୁ ପଚାରି ବୁଝିଯିବ ।

ଆଜି ଏତିକିରେ ରହୁଛି । ପରବର୍ତ୍ତୀ ସଂଖ୍ୟାମାନଙ୍କରେ ଅର୍ଘ୍ୟତିଥି, ଅର୍ଘ୍ୟଫଳ (ଗୁଆ, ହରିଦ୍ରା, ବାହାଡ଼ା) ଓ ଅର୍ଘ୍ୟଫଳର ସଂଖ୍ୟା ସମ୍ପର୍କରେ ତୁମମାନଙ୍କୁ ଏହି ସ୍ତମ୍ଭରେ ଅବଶ୍ୟ ଜଣାଇ ଦେବି ।

(କ୍ରମଶଃ)

❖❖❖

## 'ଚରମ' : ସଂଖ୍ୟା ନଂ.୩୧ରେ ପତସ୍ଥ "ବାଇମନରେ ବସି ଅବନାବନ'ର ବାଖ୍ୟା

ମହାପୁରୁଷ ଅଚ୍ୟୁତାନନ୍ଦ ପାଗଳାମନକୁ ଉପଦେଶ ଦେଇ କହୁଅଛନ୍ତି ଯେ, ରେ ବାୟାମନ ! ବସି ଅବନା ବନ । ତୁ ଗୋଟିଏ ସ୍ଥାନରେ ବସି ପ୍ରଣବ ମନ୍ତ୍ରକୁ ଜପ କର । ଅବନା ବନିବାର ଅର୍ଥ ଗୁରୁଦତ୍ତ ବୀଜମନ୍ତ୍ରକୁ ମନନ ଓ ଅନ୍ତର୍ମନନ ମଧ୍ୟରେ ନିଧିଧ୍ୟାସନ ସହ ଜପ ବା ସ୍ମରଣ କରିବା । ମନ୍ତ୍ର ମନନ ଓ ଅନ୍ତର୍ମନନ କଲେ, ଅମାପ ମାପିବୁ ଅର୍ଥାତ୍ ପ୍ରାଣାୟାମ୍ ସୂତ୍ରରେ ପ୍ରାଣବାୟୁକୁ ସଂଯମ କରି ପାରିବୁ । ଏହା କଲେ ତୋର ଗୁରୁଙ୍କଠାରୁ ଲାଭ କରିଥିବା ବିଦ୍ୟା ତୋର ଧନ୍ୟ ହେବ । ଅର୍ଥାତ୍ ତୁ ମୁକ୍ତି ପାଇଯିବୁ । କାରଣ 'ସା ବିଦ୍ୟା ଯା ବିମୁକ୍ତୟେ ।' ଯାହାମୁକ୍ତି ପ୍ରଦାନ କରେ, ତାହାହିଁ ପ୍ରକୃତ ଅର୍ଥରେ ବିଦ୍ୟା ଅଟେ ।

ଅମାବାସ୍ୟା ରାତିରେ ଷୋଳକଳା ଚନ୍ଦ୍ର ଅର୍ଥାତ୍ ଚାନ୍ଦ୍ରାୟଣ ବା ବାମପୁଡ଼ା ନାସାରେ ପବନ ଚାଳନା କରିବା ଅଭ୍ୟାସ ଯୋଗବଳରେ ସାଧନ କରିବୁ । ସର୍ବଦା ନିଶିରେ ଚନ୍ଦ୍ର ଦର୍ଶନର ଅର୍ଥ ହେଉଛି ପ୍ରତିଦିନ ରାତ୍ରକାଳରେ ସେହି ସୂତ୍ରରେ ବାମପୁଡ଼ା ନାସିକାରେ ପବନ ଚାଳନା ଅଭ୍ୟାସ କରୁଥିବୁ । ଅହର୍ନିଶି ବୋଇଲେ ଉଭୟ ଦିନ ଏବଂ ରାତିରେ । ଯହିଁ ପ୍ରଦୀପ ଜଳଇର ଅର୍ଥ ହେଉଛି ତ୍ରିକୂଟରେ ଜ୍ୟୋତିଃ ପ୍ରଜ୍ୱଳିତ ହୋଇ ରହିଅଛି । ଦୀପ ତେଜେ ଅଣଚାଷ ପବନର ତତ୍ତ୍ୱାର୍ଥ ହେଉଛି, ସେହି ତ୍ରିକୂଟସ୍ଥ ଜ୍ୟୋତିଃକୁ ଶରୀର ମଧ୍ୟରେ ଚଳପ୍ରଚଳ ହେଉଥିବା ଅଣଚାଷ ପବନ ତେଜେଇ ରଖେ । ଯୋଗାଭ୍ୟାସ ବଳରେ ଏହା ଆୟତ୍ତ କରିପାରିଲେ, ଜୀବର ଆୟୁ ବଢ଼େ ଓ ସେ ରୋଗ ଶୋକାଦି ତ୍ରିତାପରୁ ସହଜରେ ସୁରକ୍ଷିତ ହୋଇ ରହେ ॥୧॥

ଅଣାକାର ହେଉଛନ୍ତି ମହାଶୂନ୍ୟ, ଅବ୍ୟୟ ବ୍ରହ୍ମ । ଅଣାକାରରେ ଆକାର ମିଶିଲେ ରୂପ ଓ ଲୀଳା ପ୍ରକାଶ ହୁଏ । ତେଣୁ ଅଣାକାର ଘର ବୋଇଲେ, ବ୍ରହ୍ମଙ୍କର ମୂଳ ସ୍ଥିତି-ଅବ୍ୟକ୍ତ ବିନ୍ଦୁ । ପିଣ୍ଡତତ୍ତ୍ୱରେ ଅବ୍ୟକ୍ତ ବିନ୍ଦୁ ହେଉଛି ସହସ୍ରାର ଓଲଟ କମଳର କେଶର ମଧ୍ୟସ୍ଥ କେନ୍ଦ୍ରବିନ୍ଦୁ, ଏହା ବ୍ରହ୍ମରନ୍ଧ୍ରର ଠିକ୍ ନିମ୍ନରେ ଅବସ୍ଥିତ । ନାମ ସଂକୀର୍ତ୍ତନର ଅର୍ଥ ହେଉଛି ନାମବ୍ରହ୍ମ । ଏହି ନାମବ୍ରହ୍ମ ଜ୍ୟୋତିଃରୂପ ଅଟେ । ଶବଦରେ ନାହିଁ ହରିଭଜନର ତାତ୍ତ୍ୱିକ ଅର୍ଥ ହେଉଛି ନାଦ, ଶବ୍ଦ ବା ଧ୍ୱନି ବୈଖାରୀ ଯୋଗକର୍ମ ହୋଇଥିବାରୁ ଏଥିରେ ପ୍ରକୃତ ହରିଭଜନ ସମ୍ଭବ ହୁଏ ନାହିଁ । ମାନସକୁ ସହସ୍ରାର କେନ୍ଦ୍ରରେ ସ୍ଥିର ରଖି ନିଃଶ୍ୱାସ ପ୍ରଶ୍ୱାସ ସହିତ ତାଳଦେଇ ଜ୍ୟୋତିଃରୂପ ନାମ ବ୍ରହ୍ମ ଧ୍ୟାନାଭ୍ୟାସ କଲେ ପ୍ରକୃତ ଅର୍ଥରେ ହରି ସଂକୀର୍ତ୍ତନ ହୋଇଥାଏ ବୋଲି ମହାପୁରୁଷ ଏଠାରେ ପ୍ରକାଶ କରିଅଛନ୍ତି । ହରିଣୀର ଅର୍ଥ ସାଧକର ଶରୀର । ଶହେଛୁଆ ବୋଇଲେ ପଚିଶ ପ୍ରକୃତି, ପ୍ରତ୍ୟେକ ପ୍ରକୃତିର ଚାରିଗୋଟ ଭାବ : ଏପରି ସର୍ବମୋଟ ଏକଶତ ଭାବ (୨୫ × ୪ = ୧୦୦)କୁ ବୁଝାଯାଏ । ବ୍ୟାଘ୍ର ବୋଇଲେ ବିବେକ । ତା'କୁ ଭୋଜନ ଆଣି ଦିଏର ଅର୍ଥ ହେଉଛି, ଯୋଗୀ ଯୋଗାଭ୍ୟାସ ବଳରେ ମନକୁ ସଂଯତ କରି ବିବେକାନୁମୋଦିତ ପଥରେ ପାଦଚାଳି ଅଗ୍ରସର ହେଲେ, ବିବେକ ଶରୀର ସାଧକର ଦେହପାଇଁ ଆବଶ୍ୟକ ବିଷୟ ଆହାର ଯଥା ସମୟରେ ଆଣି ପହଞ୍ଚାଇ ଦେଇଥାଏ । ସେତେବେଳେ ଯୋଗୀ ମିତାହାରୀ, ମିତାଚାରୀ, ମିତବିହାରୀ ହୋଇ ଅପାର ଶାନ୍ତି ଓ ଅଖଣ୍ଡ ଆନନ୍ଦ ସୁସ୍ଥ ନିରାମୟ ଶରୀରରେ ଅନୁଭବ କରେ ॥୨॥

ନିର୍ଝର କନ୍ଦରର ଅର୍ଥ ହେଉଛି ପ୍ରଶ୍ୱାସ କନ୍ଦର ବା ହୃଦୟ (HEART) । ନିଃଶ୍ୱାସପ୍ରଶ୍ୱାସ ପବନର ତାଳେତାଳେ ସ୍ୱତଃ (AUTOMATIC) ହଂ+ସ ଉଚ୍ଚାରିତ ହେଉଅଛି । ଏହି ତତ୍ତ୍ୱକୁ ମହାପୁରୁଷ 'ନିର୍ଝର କନ୍ଦରେ ପହଁରୁଛି ହଂସ' ବୋଲି କବିତାରେ ଉଲ୍ଲେଖ କରିଅଛନ୍ତି । ଏହା ଏପରି ଉଚ୍ଚାରିତ ହେଉଅଛି ଯେ, ମରା ମରା ଉଚ୍ଚାରିଲେ ଯେପରି ରାମରାମ ଉଚ୍ଚାରଣ ହୁଏ, ସେହିପରି ହଂସ, ହଂସ ଉଚ୍ଚାରଣ ସୋଽହଂ ସୋଽହଂ ଭଳି ଉଚ୍ଚାରିତ ହେଉଅଛି । ଅଥଳଜଳ ବୋଇଲେ ଶରୀର ସାଧକର ଦେହ ଓ ସେହି ଦେହରେ ଥିବା ରକ୍ତରସ । ତାହାରି ମଧ୍ୟରେ ହରିଣୀ ଅର୍ଥାତ୍ ଶରୀର (ଏଠାରେ ସ୍ଥୂଳ ଶରୀର ନ ବୁଝି ସୂକ୍ଷ୍ମ ଶରୀର ଅର୍ଥାତ୍ ଆତ୍ମା, ମନ ଓ ପଞ୍ଚ ଜ୍ଞାନେନ୍ଦ୍ରିୟ ସହିତ ସଂସ୍କାରକୁ ମୋଟାମୋଟି ଭାବରେ ବୁଝିବାକୁ ହେବ) ଆସନ ପାତି ବସି ରହିଛି । ପ୍ରତ୍ୟେକ ଶରୀରରେ ଆତ୍ମାପୁରୁଷ ବିରାଜମାନ । ଚାରିମେଘ ବୋଇଲେ ଚାରିବେଦ । ଜଳବୃଷ୍ଟିର ଅର୍ଥ ଚନ୍ଦ୍ରମଣ୍ଡଳର ବାୟୁ

ଅର୍ଥାତ୍ ବାମପଟ ନାସାପୁଟରେ ପ୍ରବାହିତ ବାୟୁ । ମରୁଡ଼ିରେ କୃଷି ଦହନ ହେବାର ଅର୍ଥ ହେଉଛି, ଏପରି ଯୋଗାଭ୍ୟାସ ସାଧନ ଦ୍ୱାରା ଯୋଗୀର ଜୀବ ପ୍ରକୃତି, ଜୀବଧର୍ମ ଓ ଜୀବ ପ୍ରବୃତ୍ତି ନଷ୍ଟ ହୋଇଯାଇ ପରମଭାବ, ପରମଧର୍ମ ଓ ପରମ ପ୍ରକୃତି କ୍ରମଶଃ ପର୍ଯ୍ୟାୟ ଅନୁସାରେ ଉଦ୍‌ଭବ, ଉଦ୍ରେକ, ବିକାଶ ଓ ପ୍ରକାଶ ହୋଇଥାଏ ।।୩।।

ଦେଉଳ ବୋଇଲେ ଶରୀର । ଶୂନ୍ୟରେ ଶୂନ୍ୟରେ ଅର୍ଥାତ୍ ଏହି ଦେଉଳ ନିର୍ମାଣ କାର୍ଯ୍ୟ ଜନନୀର ହିରଣ୍ୟଗର୍ଭ ଅର୍ଥାତ୍ ଜରାୟୁ ମଧ୍ୟରେ ମାତୃଜଠରରେ ଜଳ (ରଜ+ବୀର୍ଯ୍ୟ)ରେ ନିର୍ମିତ ହୋଇଅଛି । ଏହା ମଧ୍ୟ ଯୋଗକ୍ରିୟାକୁ ନିର୍ଦ୍ଦେଶ କରୁଅଛି । ଜନକ ଓ ଜନନୀଙ୍କର ଭାବାବେଶମୟ ସଂଯୋଗ ସଙ୍ଗମ (ଯୋଗକ୍ରିୟା)ର ପରିଣତି ସ୍ୱରୂପ ଜନନୀର ଜରାୟୁରେ ବିନ୍ଦୁ ସ୍ଥାପନ ହୋଇ ଶରୀର ନିର୍ମାଣ କାର୍ଯ୍ୟ ହୁଏ । ଏଥିରେ ମାହାମାୟା ସାହାଯ୍ୟ କରିଥାଆନ୍ତି । ଏହିପରି ଶରୀରକୁ ବିନ୍ଧାଣି ଅର୍ଥାତ୍ ଧାତାପୁରୁଷ ନିର୍ମାଣ କରିଅଛନ୍ତି । ଏହି ଶରୀର ଏକ ଅମୁହାଁ ଦେଉଳ ବୋଲି ମହାପୁରୁଷ ଉଲ୍ଲେଖ କରିଅଛନ୍ତି । ଏହି ଶରୀରରୂପକ ଅମୁହାଁ ଦେଉଳରେ ଆତ୍ମାରୂପକ ଦିଅଁ ବା ଦେବତା ବାସ କରିଅଛନ୍ତି । ଜୀବ ଯୋଗାଭ୍ୟାସ ସାଧନ କରି ଯୋଗୀ ହୋଇ ଯୋଗାରୂଢ଼ ଅବସ୍ଥାରେ ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରି ଉର୍ଦ୍ଧ୍ୱକୁ ଆରୋହଣ କରେ । ସମାଧି ସ୍ତରରେ ଉପନୀତ ହେଲେ ଯୋଗୀର ଆତ୍ମା ସହିତ ସାକ୍ଷାତକାର ହୁଏ । ଏହାକୁ ଆତ୍ମଦର୍ଶନ କୁହାଯାଏ । ଏହି ଯୋଗମାର୍ଗର ତତ୍ତ୍ୱକୁ ମହାପୁରୁଷ ଏଠାରେ 'ଅମୁହାଁ ଦେଉଳେ ଦିଅଁ ଦର୍ଶନ' ବୋଲି କବିତାରେ ଉଲ୍ଲେଖ କରିଅଛନ୍ତି ।।୪।।

'ନିର୍ଧନର ଘର'ର ତାତ୍ତ୍ୱିକ ଅର୍ଥ ହେଉଛି, ପ୍ରାଣୀର ବିବେକ ଏବଂ ସାଧକର ଶରୀରସ୍ଥ ଜ୍ଞାନଶକ୍ତି । ଏହାକୁ ଶିବ ମଧ୍ୟ କୁହାଯାଏ । କାରଣ ଶିବ ଜ୍ଞାନଶକ୍ତି ଅଟନ୍ତି । 'ବୋହିନେଲେ ଚୋର' ବୋଇଲେ ଚୋର ଏଠାରେ କାଳ । କାଳ କବଳରେ ପଡ଼ି ଜୀବର ଶରୀର ନଷ୍ଟ ହୁଏ । କାଳର କ୍ରମାନୁସାରେ ଶିଶୁ, ବାଲ୍ୟ, ପୌଗଣ୍ଡ, ଯୌବନ, ପୌଢ଼, ବାର୍ଦ୍ଧକ୍ୟ ଓ ମୃତ୍ୟୁ ଆଦି ଅବସ୍ଥା ଜନ୍ମ ଅବଧିରୁ ଭୋଗ କରେ । ଅନ୍ତିମରେ ପଞ୍ଚଭୂତର ଶରୀର ନଷ୍ଟ ହୋଇଯାଏ । ମହାପୁରୁଷ ଏହି କାରଣରୁ କାଳକୁ ଚୋର ବୋଲି ସାଙ୍କେତିକ ଭାଷାରେ କହି ଅଛନ୍ତି ଓ ଦେହକୁ ଘର ଓ ନିର୍ଧନ ବୋଇଲେ ବିବେକକୁ ନିର୍ଦ୍ଦେଶ କରି ଅଛନ୍ତି । ଶରୀର ନଷ୍ଟ ହୋଇଗଲେ, ଶରୀରରେ ଥିବା ବିବେକ ଶକ୍ତି ଶରୀରଠାରୁ ଦୂରେଇ ଯାଏ । ଜୀବ ଦେହରୁ ଶିବ ଅନ୍ତର ହୋଇଗଲେ, ଜୀବ ଶବରେ ପରିଗଣିତ ହୁଏ । 'ବାଟରେ ବସି କରନ୍ତି ରୋଦନ'ର ଆକ୍ଷରିକ ଅର୍ଥ ହେଉଛି; ଜୀବ ଶବରେ ପରିଣତ ହେଲେ, ତାହାର ଜ୍ଞାତିକୁଟୁମ୍ବ କ୍ରନ୍ଦନ କରନ୍ତି । ତାତ୍ତ୍ୱିକ ଅର୍ଥ ହେଉଛି; ଜୀବ ମଧ୍ୟରେ ଅବସ୍ଥିତ ଶିବ ଅନ୍ତର ହୋଇଗଲେ, ଶିବ ବା ଜ୍ଞାନଶକ୍ତିର ଜ୍ଞାତିକୁଟୁମ୍ବ ବା ଜ୍ଞାନର ଗଣମାନେ (ବିବେକ, ବୁଦ୍ଧି, ବିଚାରଶକ୍ତି, ସଂସ୍କାର, ବିଦ୍ୟା, ଶିକ୍ଷା, ଯୋଗଶକ୍ତି, ସାଧନଶକ୍ତି ଇତ୍ୟାଦି) ଆତ୍ମାପାଇଁ ନିର୍ଦ୍ଦିଷ୍ଟ ମଣ୍ଡଳକୁ ବାଟ କଢ଼ାଇ ଚାଲିଯାଆନ୍ତି ଓ ସେହି ନିର୍ଦ୍ଦିଷ୍ଟ ମଣ୍ଡଳରେ ସ୍ଥିତ ନିର୍ଦ୍ଦିଷ୍ଟ ବିନ୍ଦୁରେ ସୂକ୍ଷ୍ମ ଶରୀରରେ ଅବସ୍ଥାନ କରନ୍ତି । ଚୋର ଧରାଗଲେ ଅର୍ଥାତ୍ କାଳ ଓ ନିଶ୍ୱାସ ପ୍ରଶ୍ୱାସ ବାୟୁକୁ ପ୍ରାଣାୟାମ ଯୋଗ ସୂତ୍ରରେ ନିୟନ୍ତ୍ରଣ କରି ପାରିଲେ, ଜୀବର ଆୟୁ ବୃଦ୍ଧି ଲାଭ କରେ ବୋଲି ମହାପୁରୁଷ ଅଚ୍ୟୁତାନନ୍ଦ ଉଦ୍ଧୃତ କବିତାର ଶେଷ ପାଦ ଭଣିତାରେ ସ୍ପଷ୍ଟ ଉଲ୍ଲେଖ କରିଅଛନ୍ତି ।।୫।।

ସିଦ୍ଧଯୋଗୀ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ରଚନାବଳୀର ଛତ୍ରେ ଛତ୍ରେ ସାରସ୍ୱତ ଶୁଭଶଙ୍ଖ ନିନାଦିତ । ଅଚ୍ୟୁତଙ୍କର ରଚନାର ଭାବ, ଭାଷା ଓ ଶୈଳୀ ବିନ୍ୟାସ ଅନୁପମ । ସାଙ୍କେତିକ ଭାଷା ପ୍ରୟୋଗରେ ତାଙ୍କ ସିଦ୍ଧହସ୍ତତା ତାଙ୍କ କବିତ୍ୱ ପାଟବର ପରିଚାୟକ । ଅଧୁନାତନ ଆଧୁନିକ କବିଗୋଷ୍ଠୀର ଚିତ୍ରକଳ୍ପ, ମିଥ୍ ଏବଂ ରୂପକ ପ୍ରୟୋଗରେ ପାରଦର୍ଶିତା ଅପେକ୍ଷା ପଞ୍ଚଦଶ ଶତାବ୍ଦୀର କବି ଅଚ୍ୟୁତାନନ୍ଦ ବହୁଗୁଣରେ ବହୁଭାବରେ ଉତ୍କର୍ଷ ଲାଭ କରିଥିଲେ ବୋଲି ହୃଦ୍‌ବୋଧ ହୁଏ । ଯୋଗ ସାଧନାମାର୍ଗର ନିଗମ ଓ ନିଗୂଢ଼ ତତ୍ତ୍ୱାବଳୀକୁ ସେ ଅତି ସୁନ୍ଦର ଓ ମନୋଜ୍ଞ ଭାବ, ଭାଷା, ରସ ଓ ଶୈଳୀରେ ସୁବିନ୍ୟସ୍ତ କରି ତୋଳି ଯାଇଅଛନ୍ତି । ସେଥିପାଇଁ ଆଜି ଓଡ଼ିଶାର ପୁରପଲ୍ଲୀ, ସହର ନଗର ସର୍ବତ୍ର ଘରେ ଘରେ ସେ ତାଙ୍କର ସାହିତ୍ୟ କୃତି ଓ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ପାଇଁ ନିତ୍ୟ ପ୍ରାତଃ ସ୍ମରଣୀୟ ହୋଇ ପାରିଛନ୍ତି । ତାଙ୍କର ଅମ୍ଳାନ ଅମର ପ୍ରତିଭା ସମ୍ପନ୍ନ ଦିବ୍ୟାତ୍ମାଙ୍କୁ 'ଚରମ'ର ପ୍ରଣାମ ନିବେଦନ ।

# ପୁରାଣ ପୃଷ୍ଠାରୁ : ଗଳ୍ପାଂଶ

# "ଚକ୍ରିକ ଶବର ଚରିତ"ର ମୀମାଂସା ଖଣ୍ଡ

ଏହି ଗଳ୍ପାଂଶରେ ଚକ୍ରିକ ଶବରର ତାତ୍ତ୍ୱିକ ଅର୍ଥ ହେଉଛି ଜୀବର ମନମୟ କୋଷଗଠିତ ଜୀବାତ୍ମା । ଏହି ଜୀବାତ୍ମା ଭକ୍ତିର ପ୍ରାଥମିକ ଅବସ୍ଥାରେ ଅନ୍ତଃକରଣରେ ବୈରାଗ୍ୟ ମାର୍ଗ ଅବଲମ୍ବନ କରି ପିତାମାତା ଓ ଅତିଥି ଅଭ୍ୟାଗତଙ୍କୁ ସେବାଭକ୍ତି କରେ । ଏହା ଗୃହସ୍ଥ ସନ୍ନ୍ୟାସୀର ଲକ୍ଷଣ। ଚକ୍ରିକ ଶବର ଅର୍ଥାତ୍ ମନମୟକୋଷ ଗଠିତ ଜୀବାତ୍ମାର ଗୁଣ ମଧ୍ୟରେ ବୈଶିଷ୍ଟ୍ୟ ଥିଲା । ସେ ସ୍ଥିତପ୍ରଜ୍ଞ, ଶାନ୍ତ, ସରଳ ଓ ଦୟା କ୍ଷମା ଆଚରଣ କରୁଥାଏ । ସେ ପୂର୍ବ ଜନ୍ମରେ ଅର୍ଦ୍ଧ ସମାଧିସ୍ଥ ଭାବ ଅନୁକରଣ କରିଥିବାରୁ ଚକ୍ରିକ ନାମ ବହନକାରୀ ଶବର ଅଟେ । ତେଣୁ ଏ ଜନ୍ମରେ ହୃଦ୍ ଦେଶରେ ଲକ୍ଷ୍ମୀନାରାୟଣ ବୀଜମନ୍ତ୍ର ମନନ କରୁଥାଏ ।

ମନମୟ କୋଷ ଗଠିତ ଜୀବାତ୍ମା ରୂପକ ଯୋଗୀରୂପୀ ଚକ୍ରିକ ଶବର ଆଚରଣ ସିଦ୍ଧ ହେବାପରେ ଜ୍ଞାନରୂପକ ସୁମିଷ୍ଟ ଫଳ ଲାଭ କରି ଅନୁଭବ ପାଇଁ ମନ ବଳାଏ । ସୁଜୀକ ଜ୍ଞାନରୂପୀ ଫଳ ଆଶିଷ ଲାଭକରି ଭକ୍ତି ରୂପକ ସୁମିଷ୍ଟ ଫଳ ଦାନ ଭାବରେ ଗୁରୁ ନାରାୟଣଙ୍କୁ ସମର୍ପଣ କରେ । ଏହା ଖେଚରୀ ମୁଦ୍ରା ସାହାଯ୍ୟରେ ଯୋଗୀ କରିଥାଏ । ସେହିପରି ଅଷ୍ଟାଙ୍ଗ ଯୋଗ ସାଧନାର ଯମ, ନିୟମ, ଆସନ, ଧାରଣା, ଧ୍ୟାନ, ପ୍ରତ୍ୟାହାର, ପ୍ରାଣାୟାମ, ଋଦ୍ଧି ପ୍ରାଣାୟାମ, ସମାଧି, ସାମ୍ପ୍ରଦାୟିକ ସମାଧି, ନିର୍ବିକଳ୍ପ ସମାଧି ଅବସ୍ଥାରେ ଯୋଗୀ ଆଶିଷ ରୂପକ ଖଟାଫଳକୁ ନିଜ ପାଇଁ ଓ ଭକ୍ତରୂପକ ମିଠାଫଳକୁ ନାରାୟଣଙ୍କ ପାଇଁ ବାଛି ଦେଇଥାଏ। ଅନ୍ୟମତରେ ବିକେନ୍ଦ୍ରିୟ ବୃତ୍ତିର ସମସ୍ତ 'କୁ' ମାର୍ଗର ଭାବ ଯୋଗୀ ନିଜ ପିଣ୍ଡରେ ରଖିବା ଓ ସତେନ୍ଦ୍ରିୟ ବୃତ୍ତିର ସତ୍‌ମାର୍ଗର ସକଳ ଭାବ ଜଗତର କଲ୍ୟାଣ ପାଇଁ ପ୍ରଦାନ କରିବା ତତ୍ତ୍ୱକୁ ଏଠାରେ ଖଟାଫଳକୁ ନିଜେ ଖାଇବା ଓ ମିଠାଫଳକୁ ହରିଙ୍କୁ ସମର୍ପଣ କରିବା ଅଂଶଦ୍ୱାରା ପ୍ରକାଶ କରାଯାଇଅଛି । ସ୍ୱଭାବତଃ ଚକ୍ରିକ ରୂପକ ଯୋଗୀ ନିଜେ ସମସ୍ତ ଯନ୍ତ୍ରଣା ଭୋଗି ଜଗତକର୍ତ୍ତା ହରିଙ୍କର ପ୍ରୀତ୍ୟର୍ଥେ ବିଶ୍ୱକଲ୍ୟାଣ ପାଇଁ ଯୋଗଲବ୍ଧ ସକଳ ସୁଲଭଶକ୍ତି ସାମର୍ଥ୍ୟ ବିନିଯୋଗ ଓ ପ୍ରଦାନ କରୁଥାଏ ।

ନମ୍ର ସ୍ୱଭାବଯୁକ୍ତ ଚକ୍ରିକ ଶବର ରୂପୀ ମନମୟ କୋଷ ଗଠିତ ଜୀବାତ୍ମା ଯୋଗୀରୂପେ ଦାସତ୍ୱଭାବ ପୋଷଣ କରେ । ଗଳ୍ପାଂଶରେ ଏହାକୁ ସ୍ୱଭାବରେ ଚଣ୍ଡାଳ ବୋଲି ଉଲ୍ଲେଖ କରାଯାଇଅଛି । ଦାସତ୍ୱ ପ୍ରଥା ସମାଜ ଚକ୍ଷୁରେ ଚଣ୍ଡାଳ ପ୍ରଥା ବୋଲି ଗଣାଯାଏ । ତେଣୁ ଦାସକୁ ଜଗତ ହୀନ ଦୃଷ୍ଟିରେ ଦେଖେ । ତେଣୁ ଗଳ୍ପାଂଶରେ ଜଗତଚକ୍ଷୁରେ ହୀନଜନ ବୋଲି ଉଲ୍ଲିଖିତ ହୋଇଅଛି । ବାସ୍ତବପକ୍ଷରେ ଦାସ (ଚକ୍ରିକ ଶବର)କୁ ପରଂବ୍ରହ୍ମଙ୍କର ଏହା କଠୋର ପରୀକ୍ଷା ଅଟେ । ଭଲମନ୍ଦ ବା ଉଚ୍ଛିଷ୍ଟ ଜ୍ଞାନ ନଥାଏ ର ତାତ୍ତ୍ୱିକ ଅର୍ଥ ହେଉଛି-ଯୋଗୀର ସମଭାବ ଅବସ୍ଥା । ଯୋଗୀ ସମାଧିସ୍ତରରେ ଏହି ସମଭାବ ଅବସ୍ଥାରେ ପହଞ୍ଚିଥାଏ । (ଆମ୍ଭମାନଙ୍କୁ ସମାଧିସ୍ତରର ସମଭାବ ଅବସ୍ଥାରେ ପହଞ୍ଚାଇବା ନିମନ୍ତେ ଠାକୁରେ କରୁଣା କରି ପ୍ରତ୍ୟେକ ସନ୍ଦେଶପତ୍ରଧାରୀଙ୍କୁ 'ଦଶମୋଦକ'ର ନୀତିଗୁଡ଼ିକୁ ଆଚରଣ ସିଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଇଅଛନ୍ତି) ଯୋଗୀ ରୂପୀ ଚକ୍ରିକ ଶବର ଯୋଗସିଦ୍ଧ ହେବା ପରେ ମଧ୍ୟ ଜ୍ଞାନ ରୂପକ ଫଳ ଅନ୍ୱେଷଣରେ ମନ ଦେଇଥାଏ। ଅଜ୍ଞ ପାଚିଲା ଫଳ ପାଇବାର ତତ୍ତ୍ୱ ଅନୁଭୂତିସିଦ୍ଧ ଜ୍ଞାନ ଲାଭ କରିବାର ଅର୍ଥ ପ୍ରକାଶ କରୁଅଛି । ଜିହ୍ୱାରେ ଫଳ ଖଟା ଲାଗିବାର ଅର୍ଥ ହେଉଛି ଅନୁଭୂତ ଜ୍ଞାନର ମନ୍ଦଭାବ ଗ୍ରହଣ ନ କରିବା । ଉଦ୍ବେଗୀ ସ୍ନାୟୁକୋଷରେ ଜୀବ ଏହି ଅବସ୍ଥା ଭୋଗକରେ । ପୁଣି ଗଳା ମଧ୍ୟରେ ଫଳ ମିଠା ଲାଗିବାର ଅର୍ଥ ହେଉଛି ଯେ, ଗଳାରେ ଶିବପାର୍ବତୀ ବସତିସ୍ଥାପନ କରିଥା'ନ୍ତି । ଶିବ ଜ୍ଞାନଶକ୍ତି ଅଟନ୍ତି । ଜ୍ଞାନ ଅମୃତତୁଲ୍ୟ ମଧୁର । ଯୋଗୀ ଜ୍ଞାନାଲୋକ ପ୍ରାପ୍ତ ହେଲେ ଆନନ୍ଦ ରୂପକ ଅମୃତ

ଲାଭକରେ । ଯୋଗୀ ଆନନ୍ଦକୁ ନିଜେ ଭୋଗ କରେ ନାହିଁ, ଏହା ଜଗତର କଲ୍ୟାଣ ପାଇଁ ଦାନ/ବିତରଣ କରଥାଏ । ତେଣୁ ଚକ୍ରିକ ଶବର ରୂପକ ଯୋଗୀ ବାନ୍ତି କରିବା ପାଇଁ ଚେଷ୍ଟା କରିବାର ତାତ୍ତ୍ୱିକ ଅର୍ଥ ହେଉଛି ଲବ୍ଧ ଆନନ୍ଦକୁ ସ୍ୱାର୍ଥପର ହୋଇ ନିଜେ ଉପଭୋଗ ନ କରି ଜଗତଜନଙ୍କର ହିତାମଙ୍ଗଳ ପାଇଁ ଦାନ ବା ବିତରଣ କରିବାକୁ ଚେଷ୍ଟା କରିବା । ଗୋଟିଏ ହାତରେ ଗଳାଚିପି ଧରିବାର ପିଣ୍ଡ ତାତ୍ତ୍ୱିକ ମତର ମୀମାଂସା ହେଉଛି- ହାତ ଅର୍ଥାତ୍ ଅବଧୂତ ସ୍ନାୟୁ ଦ୍ୱାରା ଗଳା ଅର୍ଥାତ୍ ସମ୍ମୁଧିୟ ସ୍ନାୟୁକୁ ଅବରୁଦ୍ଧ କରିବା । ଯୋଗମାର୍ଗରେ ଯୋଗୀ ସ୍ୱାର୍ଥପରତାକୁ ଅବରୋଧ କରି ନିଃସ୍ୱାର୍ଥପର ଜନହିତକର କର୍ମ ପାଇଁ ଏହା ସାଧନ କରେ । ତୂଣୀରର ଯୋଗମାର୍ଗୀୟ ଅର୍ଥ ହେଉଛି ଶଳିଭେଦକର୍ମ । ତୀକ୍ଷ୍ଣଶରର ପିଣ୍ଡତାତ୍ତ୍ୱିକ ଅର୍ଥ ହେଉଛି ସୁର୍ଭାକଥ ସ୍ନାୟୁକୋଷ । ଗଳା ଅର୍ଥାତ୍ ଶିବଙ୍କର ନିବାସସ୍ଥଳ । ଶିବ ହେଉଛନ୍ତି ଜ୍ଞାନଶକ୍ତି । ମୀମାଂସା ହେଉଛି - ଯୋଗୀ ଶଳିଭେଦ କର୍ମଯୋଗ ଦ୍ୱାରା ସୁର୍ଭାକଥ ସ୍ନାୟୁ କୋଷକୁ ବିଦ୍ଧକରି ଜ୍ଞାନଭେଦ କରେ । ଜ୍ଞାନ ପ୍ରାପ୍ତି ପରେ ଲବ୍ଧଜ୍ଞାନ ଫଳକୁ ଯୋଗୀ ଜଗତଜନଙ୍କର କଲ୍ୟାଣ ନିମନ୍ତେ ବିତରଣ କରେ ।

ଭାବରହିତ ଯୋଗୀ ଜ୍ଞାନ ପ୍ରାପ୍ତି ପରେ ତା'ର ବିକେନ୍ଦ୍ରିୟ ବୃତ୍ତି ଧୂମ୍ରବର୍ଣ୍ଣ ଧାରଣ କରି ନିଷ୍କ୍ରିୟ ହୋଇଯାଏ । ସୂକ୍ଷ୍ମରେ ପିଣ୍ଡ ପୁରୁଷ ଶୂନ୍ୟ ହୋଇଯାଆନ୍ତି । ଆସୁରୀଭାବର ବିନାଶ ସାଧିତ ହୋଇ ପୁରୁଷ ବା ସତ୍‌ଶକ୍ତି ଜାଗ୍ରତ ହୁଏ । ଗଳ୍ପାଂଶରେ ଏହି ତତ୍ତ୍ୱକୁ ପ୍ରକାଶ କରିବା ପାଇଁ 'ଶବରର ସର୍ବାଙ୍ଗ ରକ୍ତରେ ଜରଜର ହୋଇଗଲା ଓ ସେ ମୂର୍ଚ୍ଛିତ ହୋଇ ଭୂତଳରେ ପଡ଼ିଗଲା' ବୋଲି ଉଲ୍ଲେଖ କରାଯାଇଅଛି । ପ୍ରାଣବାୟୁ ଉଡ଼ିଯିବାର ଯୋଗମାର୍ଗୀୟ ଅର୍ଥ ହେଉଛି - ଅଣଚାଶ ପବନ ଏକସୂତ୍ରୀ ହୋଇ ଯୋଗୀର ସମାଧି ଅବସ୍ଥାରେ କ୍ଷରସୂତ୍ର ପବନ ସହିତ ମିଳିତ ହୋଇ ଯୋଗୀର ପ୍ରାଣାତ୍ମା ସୂକ୍ଷ୍ମଜଗତ ଅତିକ୍ରମ କରି କାରଣ ଜଗତରେ ପହଞ୍ଚିଯାଏ । ସେହି ଅବସ୍ଥାରେ ଯୋଗୀର ବାହ୍ୟ ଇନ୍ଦ୍ରିୟାନୁଭୂତି ଆଦୌ ନ ଥାଏ । ଜଡ଼ପିଣ୍ଡ ପରି ଶବର ଭୂମିରେ ଶୋଇ ରହିବାର ଯୋଗତାତ୍ତ୍ୱିକ ଅର୍ଥ ହେଉଛି, ଯୋଗୀ ସମାଧିର ସର୍ବୋତ୍ତମ ସ୍ତରୀୟ ଅବସ୍ଥାରେ ମୃତବତ୍ ପଡ଼ିରହେ ଓ ପରମାତ୍ମା ପରମପୁରୁଷ ଚରମପାଦଙ୍କ ସହିତ ପ୍ରତ୍ୟକ୍ଷରେ ସମ୍ବନ୍ଧ ସ୍ଥାପନ କରିପାରେ । ଶ୍ରୀହରି (କେଶବ) ନିଜରୂପ ଧରି ଶବର (ଦାସ) ନିକଟରେ ଉପସ୍ଥିତ ହେବାର ଯୋଗ ତତ୍ତ୍ୱାର୍ଥ ହେଉଛି - ଶ୍ରୀହରି ରୂପରେ ଯୋଗୀ ଆତ୍ମଚୈତନ୍ୟ ଅବସ୍ଥାରେ ଉପନୀତ ହୋଇ 'ନିଜେ ଭକ୍ତ ନିଜେ ଭଗବାନ' ଏହି ଭାବରେ ଊର୍ଦ୍ଧ୍ୱମଣ୍ଡଳୀୟ ଆତ୍ମଦର୍ଶନ କରିଥାଏ ।

ବୁଦ୍‌ବୁଦ୍ ଭଳି ମାନବର ଜୀବନ କ୍ଷଣଭଙ୍ଗୁର । ଚକ୍ରିକ ଶବର ପରି ନିଜ ଜୀବନକୁ ତୁଚ୍ଛ ମଣି ପ୍ରଭୁଙ୍କର ସେବାରେ ନିଜକୁ ନିୟୋଜିତ କରିବାରେ ଭକ୍ତଦାସର ଜୀବନ ଧନ୍ୟ ହୁଏ। ଚକ୍ରିକ ଶବର ରୂପୀ ଯୋଗୀର ଜୀବନ ଜଗତକଲ୍ୟାଣରେ ବିନିଯୁକ୍ତ ହୋଇ ଧନ୍ୟ ହୋଇଥାଏ । ସେବା ଋଣ ଶୁଝି ପାରିବାର ଅର୍ଥ ହେଉଛି, ଶୃତିକ କେନ୍ଦ୍ରରୁ ବୈଖାରୀୟ ସୂତ୍ରୀ କର୍ମଦ୍ୱାରା ପାର ହୋଇଯିବା । ବ୍ରହ୍ମା, ଶିବ, ଇନ୍ଦ୍ରପଦ ଦାନର ଅର୍ଥ ହେଉଛି, ବ୍ରହ୍ମତ୍ୱ ପ୍ରାପ୍ତି, ଜ୍ଞାନ ପ୍ରାପ୍ତି ଓ ଇନ୍ଦ୍ରିୟାଦିଗଣର ଦମନ । ହରି ନିଜ ହାତରେ ଚକ୍ରିକ ଶବରର ମୃତଦେହ ସ୍ପର୍ଶକରି ତା'ର ମୁଣ୍ଡ ଆଉଁସି ଦେବାର ଅର୍ଥ ହେଉଛି, ଆତ୍ମାରୂପୀ ଜୀବର ଅଚେତନ ଘଟକୁ ସମାଧି ଅବସ୍ଥାରେ ଚୈତନ୍ୟ ଫେରାଇ ଦେବା ପାଇଁ ପରମାତ୍ମାଙ୍କର ସୂକ୍ଷ୍ମସୂତ୍ରୀୟ ସ୍ପର୍ଶନ ଏବଂ ଆଶିଷ ଦାନ । ଜନ୍ମଜନ୍ମାନ୍ତରର ସର୍ବପାପ ନିମିଷକ ମଧ୍ୟରେ ଧ୍ୱଂସ ହୋଇଯିବାର ତତ୍ତ୍ୱାର୍ଥ ହେଉଛି-ପୁଣ୍ୟବଳରୁ ଯୋଗୀ ଯୋଗମାର୍ଗର ସୌଧୀ କୈବଲ୍ୟ ଅବସ୍ଥାରେ ପହଞ୍ଚିଲେ, ଜନ୍ମଜନ୍ମାନ୍ତରର ସମସ୍ତ ପାପ ମୁହୂର୍ତ୍ତକ ମଧ୍ୟରେ ଲୋପ ହୋଇଯାଏ ।

ଥାଟ ଦିବ୍ୟଜ୍ଞାନ ଲାଭ ଓ ଥାଟ ଦିବ୍ୟ ଦର୍ଶନ ପ୍ରାପ୍ତି ଯୋଗୀର ପରମଗୁରୁ ପରଂବ୍ରହ୍ମଙ୍କ ଅପାର କରୁଣା ଓ କଲ୍ୟାଣରୁ ସମ୍ଭବ ହୁଏ । ଏହି ତତ୍ତ୍ୱକୁ ଗଳ୍ପାଂଶରେ 'ସେ ଶବର ଦିବ୍ୟ ପରାକ୍ରମରେ ଉଠି ଶ୍ରୀହରିଙ୍କର ପଦ୍ମପାଦ

ଦର୍ଶନ କଲା' ଅଂଶରେ ପ୍ରକାଶ କରାଯାଇଅଛି । ଯୋଗୀର ଯୋଗସିଦ୍ଧିରେ ଯୋଗେଶ୍ୱର ଶ୍ରୀହରି କେଶବ ପରମ ସନ୍ତୋଷ ଲାଭକରି ଅପତ୍ୟ ଓ ବାତ୍ସଲ୍ୟ ସ୍ନେହ ବନ୍ଧନରେ ଭକ୍ତକୁ କୋଳାଗ୍ରତ ଓ ଆଲିଙ୍ଗନ କରନ୍ତି । 'ନାରାୟଣଙ୍କର ଶଙ୍ଖ, ଚକ୍ର, ଗଦା, ପଦ୍ମ...ବିରାଜିତ ଥିବାର'- ଏହି ଅଂଶରେ ପରଂବ୍ରହ୍ମ ନିଜର ସୂକ୍ଷ୍ମାଦି ଆୟୁଧମାନ ଭକ୍ତଯୋଗୀକୁ ସମାଧି ସିଦ୍ଧି ପରେ ଦର୍ଶନ କରାଇବାର ଭାବାର୍ଥ ପ୍ରକାଶିତ ହୋଇଅଛି । କଣ୍ଠରେ ରତ୍ନମାଳାର ଅର୍ଥ ପ୍ରଭୁ ଜ୍ଞାନବିଜ୍ଞାନର ସାଗର ଅଟନ୍ତି ଓ ସେହି ଅଗାଧ ସାଗରରେ ଜ୍ଞାନରତ୍ନ ପରିପୂର୍ଣ୍ଣ ହୋଇ ରହିଥିବାର ତତ୍ତ୍ୱାର୍ଥ ପ୍ରକାଶ କରୁଅଛି । କଟୀରେ ପୀତବସନର ଅର୍ଥ ସୈରିନ୍ଦ୍ର ଜ୍ଞାନ ଅଟେ । ଶିରରେ ମୟୂରପୁଚ୍ଛର ତାତ୍ତ୍ୱିକ ଅର୍ଥ ହେଉଛି, ଶ୍ରୁତୋନ୍ଦ୍ରି ତତ୍ତ୍ୱ (ଚତୁର୍ବେଦ) ଜ୍ଞାନ ମସ୍ତକରେ ଧାରଣ କରିବା ସହିତ ମୟୁର ପୁଚ୍ଛରେ ଥିବା ସପ୍ତରଙ୍ଗ ଭାବାନ୍ୱିତ ସକଳ ଭାବରଙ୍ଗରେ ରଞ୍ଜିତ ରସିକ ହୃଦୟ । ସର୍ବାଙ୍ଗ ଶ୍ୟାମବର୍ଣ୍ଣର ଅର୍ଥ ହେଉଛି, ଜ୍ୟୋତିର୍ମୟ ନୀଳବର୍ଣ୍ଣ ଧାରକ ସୌମ୍ୟ ମୂର୍ତ୍ତିରେ ଭକ୍ତର ମନମୋହନ ରୂପର ଅପୂର୍ବ ଠାଣି ପ୍ରକାଶ ।

ଏହାପରେ ଗଳ୍ପାଂଶରେ ପ୍ରଭୁ ଏବଂ ଦାସ (ଚକ୍ରିକ ଶବର)ଙ୍କର କଥୋପକଥନରେ ଯୋଗୀର ନମ୍ରତା, ଅହଂକାର ଶୂନ୍ୟତା, ସମ୍ପୂର୍ଣ୍ଣ ସମର୍ପଣ ଭାବ ଏବଂ ସତ୍ୟବାଦୀତା ଆଦି ମହତ୍‌ଗୁଣର ପ୍ରକାଶ ଘଟିଅଛି । 'ପାଦୋଦକରେ ସ୍ନାନ କରିନାହିଁ' କହିବା ଦ୍ୱାରା ଚକ୍ରିକ ଶବର ରୂପୀ ଯୋଗୀ ପ୍ରଭୁଙ୍କର ସୂକ୍ଷ୍ମପାଦରେ ଯୁକ୍ତ ହୋଇ ନ ଥିବା ଅର୍ଥ ପ୍ରକାଶ କରୁଅଛି । ମୋକ୍ଷ ହେବାର ଅର୍ଥ ବିଷୟବାସନାରୁ ମୁକ୍ତ ହୋଇ ଅନନ୍ତ ରାଜ୍ୟରେ ଭ୍ରମଣ କରିବାର ତତ୍ତ୍ୱ ପ୍ରକାଶ କରୁଅଛି । ପ୍ରତ୍ୟକ୍ଷରେ ସ୍ଥୂଳଚକ୍ଷୁରେ ପଙ୍କଜଚରଣ ଦର୍ଶନ କରିପାରିବାର ମୌଳିକ ଅର୍ଥ ହେଉଛି, ଭକ୍ତି ଓ ବିଶ୍ୱାସର ସହିତ କରପତ୍ର ଯୋଡ଼ି ଦୁଇ ଚକ୍ଷୁରେ ପ୍ରଭୁଙ୍କର ପାଦପଦ୍ମ ଦର୍ଶନ କରିବା । ତାତ୍ତ୍ୱିକ ଅର୍ଥରେ ସୂକ୍ଷ୍ମ ଦୃଷ୍ଟିରେ ଯୋଗୀ ନିଜର ବ୍ରହ୍ମତ୍ୱପ୍ରାପ୍ତି ଦର୍ଶନଲାଭ କରିବା ଅଟେ ।

ଯାହା ଯାହାର ପ୍ରାପ୍ୟ କରୁଣାସାଗର କଲ୍ୟାଣମୟ ଠାକୁରେ ତାହା ତା'କୁ ଅବଶ୍ୟ ଯଥା ସମୟରେ ଅକାତର ଅକୁଣ୍ଠିତ ଭାବରେ ଯାଚି ଦେଇଥାଆନ୍ତି । ଯୋଗୀ ରୂପକ ଚକ୍ରିକ ଶବର କ୍ଷେତ୍ରରେ ଏହା ସତ୍ୟ ପ୍ରତିପାଦିତ ହୋଇଅଛି । ପ୍ରତ୍ୟେକ ଭକ୍ତଯୋଗୀଙ୍କ କ୍ଷେତ୍ରରେ ମଧ୍ୟ ଏହା ସତ୍ୟ ପ୍ରତିପାଦିତ ହୁଏ, ହେବ ମଧ୍ୟ । ପ୍ରତ୍ୟେକ ସନ୍ଦେଶ ପତ୍ରଧାରୀ ଏହା ଦୃଢ଼ତାର ସହିତ ବିଶ୍ୱାସ କରି ଅବିଚଳିତ ଭାବରେ ସ୍ଥିର ଲୟରେ ପ୍ରଭୁଙ୍କର ପାଦପଦ୍ମକୁ ଧ୍ୟାନ କରି ନିଷ୍ଠା ଓ ଭକ୍ତିର ସହିତ ଠାକୁରଙ୍କର ଭାବାଧାରାରେ କର୍ମ କରି ଚାଲିଲେ, ଏହିପରି ଯୋଗ୍ୟ ପ୍ରାପ୍ୟ ଅବଶ୍ୟ ପ୍ରାପ୍ତ ହେବେ, ଏଥିରେ ସନ୍ଦେହର ଅଣୁମାତ୍ର ନାହିଁ ।

ହାହାକାର ବିଦଗ୍ଧ 'ଚକ୍ରିକ ଶବର ଜ୍ଞାନ ଲାଭ କରିବା'ର ତାତ୍ତ୍ୱିକ ଅର୍ଥ ହେଉଛି - ଯୋଗୀ ବଜ୍ରକୁଣ୍ଡଳିନୀ ସହିତ ଯୁକ୍ତ ହୋଇ ସମାଧି ପ୍ରାପ୍ତ ହେବା । 'ସଂପୂର୍ଣ୍ଣ ରୂପେ ମାୟା ମୋହ ତ୍ୟାଗ କରି ପାରିବା'ର ଅର୍ଥ ହେଉଛି- ବିଶ୍ରୁତାର୍ଥ ସ୍ନାୟୁ କୁଣ୍ଡଳିନୀ ସହ ସଂଯୁକ୍ତ ହେଲେ ଯୋଗୀ ମାୟାମୋହ ସଂପୂର୍ଣ୍ଣ ଭାବରେ କଟିଯାଏ । 'ସନ୍ନ୍ୟାସୀ ବେଶ ଧାରଣ କରି ଦ୍ୱାରକାକୁ ଯିବା'ର ଯୋଗମାର୍ଗୀୟ ପିଣ୍ଡ ତାତ୍ତ୍ୱିକ ଅର୍ଥ ହେଉଛି-ନ୍ୟାସସୂତ୍ରୀ ବିଭବକୁ ପରିତ୍ୟାଗ କରି ଯୋଗୀ ତ୍ରିକୂଟ ସ୍ଥଳରେ ଭୌରୀ ତତ୍ତ୍ୱଜ୍ଞାନ ଲାଭ କରି ଗ୍ରହଣ କରିବା । ପରିଶେଷରେ 'ପରମାୟୁ ଶେଷ ହୁଅନ୍ତେ ସେ ବୈକୁଣ୍ଠ ଭୁବନକୁ ଗଲା'ର ତାତ୍ତ୍ୱିକ ଅର୍ଥ ହେଉଛି ନିର୍ବିକଳ୍ପ ସମାଧିର ଶୀର୍ଷତମ ସୋପାନରେ ଯୋଗୀ ଉପନୀତ ହେଲେ, ପରଂବ୍ରହ୍ମ ନିରାକାରଙ୍କ ସହିତ ସଂଯୁକ୍ତ ହୋଇ ସର୍ବଜ୍ଞାନ ସାରତତ୍ତ୍ୱ ଲାଭ କରେ ଏବଂ ଚରମରେ 'ଚରମ ପ୍ରାପ୍ତି' ପ୍ରାପ୍ତ ହୁଏ । ଓଁ ଶ୍ରୀ ଶ୍ରୀ ଶ୍ରୀ କେଶବ ସମର୍ପଣମସ୍ତୁ । ସର୍ବଶୁଭମସ୍ତୁ । ସର୍ବଶୁଭାୟ ଭବତୁ, ଶୁଭଂ ଭବତୁ ।

# ଉତ୍ସବ ପରିଚିତି

## "ଶୁଦ୍ଧସୂୟା ଯଜ୍ଞ"

**୧୪୦୬ ସାଲ ବୃଷ ଦି୭ନ, ବୈଶାଖ ଦି୩୧ନ,**
**୧୯୯୯ ମସିହା ମଇ ତା୨୧ରିଖ ଶୁକ୍ରବାର, ପଦ୍ମପୁର, କେନ୍ଦୁଝର ॥**

ସ୍ୱର୍ଗୀୟ ସୌଖସ୍ୟ ବିଧାୟକଂ ସଦା । ନର ସ୍ୱଭାବନେ ସୁପୂର୍ଣ୍ଣ ଚେତନାମ୍ ॥
ମହେଶ୍ୱରଂ କାରୁଣିକଂ ଦୟାମୟମ୍ । ତଂ କେଶବଂ କ୍ଷେମମୟଂ ସଦାଭଜେ ॥

ବେଦ ଅଥବା ପୁରାଣ ହେଉ, ମନ୍ତ୍ର ବା ଯନ୍ତ୍ର ହେଉ, ଶାସ୍ତ୍ର କିମ୍ବା ସଂହିତା ହେଉ, ନୀତିବାଣୀ ବା ଅନୁଶାସନ ଯାହାବି କୁହନ୍ତୁ, ସେ ସମସ୍ତ କେବଳ ଜଣଙ୍କୁ କେନ୍ଦ୍ର କରି ସୃଷ୍ଟି ହୋଇଛି । ସେହି ଏକ, ଅନନ୍ୟ ପୁରୁଷ ସମ୍ପର୍କରେ ବର୍ଣ୍ଣନା ହୋଇଅଛି । ନାନାମତ, ବହୁପଥ ହୋଇପାରେ, ମାତ୍ର ନିର୍ଯ୍ୟାସ ସେହି ଜଣକ ନିକଟରେ । କିଏ ସେହି ନାୟକ ? ସେ ଏପରି ଏକ ବିଚିତ୍ର କର୍ମା, ଯାହାଙ୍କ ବିଷୟରେ ବେଦ ଗାଇ ଗାଇ ସାରିପାରିଲା ନାହିଁ, ପୁରାଣ ଲେଖି ଲେଖି ଜାଣିପାରିଲା ନାହିଁ । ଯୋଗୀ ଯୋଗ କରି ନିଷ୍ପତ୍ତି କରିପାରିଲା ନାହିଁ । ଜ୍ଞାନୀ ଜ୍ଞାନ ପାଗଳ ହୋଇ ବାଟବଣା ହୋଇଗଲା । ତଥାପି ବେଦ କହୁଛି, ମୁଁ ଯାହା କହୁଛି ତାହା ସତ୍ୟ, କାରଣ ମୁଁ ହିଁ କେବଳ ତାଙ୍କୁ ଅନୁଭବ କରିଅଛି । ପୁରାଣ କହୁଛି, ମୁଁ ସତ୍ୟ । କାରଣ ମୁଁ ତାଙ୍କର ସମସ୍ତ ଲୀଳାକୁ ଲିପିବଦ୍ଧ କରି ରଖିଛି । ଯୋଗୀ କହୁଛି, ସେ କେବଳ ମୋରି ହୃଦୟରେ ଅଛନ୍ତି । ଧ୍ୟାନ କଲା ମାତ୍ରେ ମୋତେ ଦେଖା ହେଉଛନ୍ତି । ଜ୍ଞାନୀ କହୁଛି, ସବୁ ମିଥ୍ୟା, ଜ୍ଞାନ ନ ହେଲେ ତାଙ୍କୁ ଧରି ହେବ ନାହିଁ । ସେ କେବଳ ଜ୍ଞାନରେ ହିଁ ଅଛନ୍ତି । ଭକ୍ତ କହୁଛି, ସେ ମୋର ପ୍ରାଣ । ତାଙ୍କ ବିନା ମୋର ସ୍ଥିତି ନାହିଁ । ସେ ମୋର ନିକଟରେ ଛାୟା ହୋଇ ସର୍ବଦା ବିଚରଣ କରୁଛନ୍ତି । ଏହିପରି ଅନେକ ତର୍କ, ବିତର୍କ, ଦ୍ୱନ୍ଦ ସୃଷ୍ଟି ହୋଇ ଚାଲିଛି । ତେବେ ମଧ୍ୟ ନିଷ୍ପତ୍ତି ହୋଇ ପାରିନାହିଁ ସେ କିଏ ? କେଉଁଠି ରହନ୍ତି ? କ'ଣ କରନ୍ତି ? କିପରି ଦେଖା ଦିଅନ୍ତି ? ତା'ହେଲେ ତାଙ୍କ ସମ୍ପର୍କରେ ଆଜି ପର୍ଯ୍ୟନ୍ତ ଯିଏ ଯାହା କହିଛନ୍ତି ତାହା କ'ଣ ମିଥ୍ୟା ? ନା, କୌଣସି ଗୋଟିଏ ଅଭିବ୍ୟକ୍ତି ମିଥ୍ୟା ନୁହେଁ । ସବୁ ସତ୍ୟ । ସେ ସର୍ବତ୍ର ବିଦ୍ୟମାନ । ସର୍ବ ଘଟରେ ଜାଗ୍ରତ । ଯେଉଁଠାରେ ଯେଉଁଳି ଭାବରେ ଖୋଜିବେ, ସେ ସେହିଠାରେ ସେଭଳି ଭାବରେ ଉପସ୍ଥିତ । ବୋହୂଚୋରି ଖେଳପରି ପାଖରେ ଥାଇ ଲୁଚି ଯାଆନ୍ତି । ତାଙ୍କୁ ଖୋଜିବା ସମୟରେ ଆନନ୍ଦରେ ଉଲ୍ଲସିତ ହୋଇ ଖୋଜୁଥିବା ବ୍ୟକ୍ତିକୁ ବାଟବଣା କରାଇ ଦିଅନ୍ତି। ସେଇଥିରେ ହିଁ ତାଙ୍କର ଆନନ୍ଦ । ଯେତେବେଳେ ଖୋଜୁଥିବା ବ୍ୟକ୍ତି ଭାବାବେଶରେ ପାଗଳ ହୋଇ କାନ୍ଦିଉଠେ, ସେତେବେଳେ ତାଙ୍କ ସମସ୍ତ ଖେଳ ସମାପ୍ତ ହୁଏ, ଆପେ ଆସି ଧରାଦିଅନ୍ତି ଏବଂ ସବୁଦିନ ପାଇଁ ତା ନିକଟରେ ବନ୍ଦି ହୋଇ ରହିଯାଆନ୍ତି । ଠିକ୍ ସେତିକିବେଳେ ପାଇଥିବା ବ୍ୟକ୍ତି କହିଉଠେ, "ପ୍ରଭୁ ମୋର !" ସେ ଯେଉଁ ଭାବରେ ପାଇଥାଏ, ଠିକ୍ ସେହିପରି ତାଙ୍କୁ ଚିତ୍ରଣ କରି କହିଯାଏ, ଲେଖିଯାଏ । ଭିନ୍ନ ଭିନ୍ନ ବ୍ୟକ୍ତି ପାଇଁ ଭିନ୍ନ ଭିନ୍ନ ରୂପ, ଭାବରେ ସେ ଆବିର୍ଭାବ ହୁଅନ୍ତି । ବାସ୍ତବରେ ତାଙ୍କର ମୂଳ ସ୍ୱରୂପ କ'ଣ କେହି ଜାଣିପାରନ୍ତି ନାହିଁ । ଜାଣିବାର ସାମର୍ଥ୍ୟ ମଧ୍ୟ ନାହିଁ । କାରଣ ସେ ଅସୀମ, ଅନନ୍ତ, ଅପରିମେୟ, ଅଣାକାର, ଅବର୍ଣ୍ଣନୀୟ, ଅଚିନ୍ତ୍ୟ, ଅବିନାଶୀ, ଅପ୍ରକାଶ୍ୟ, ଅବୋଧ, ଅବ୍ୟକ୍ତ, ଅଦୃଶ୍ୟ, ଅନାମ ଓ ନିର୍ଗୁଣ । ଯଥା :-

"ମଲ୍ଲାନାଂ ମଶନୀନୃଣାଂନରବର ସ୍ତ୍ରୀଣାଂ ସ୍ମର ମୂର୍ତ୍ତିମାନ୍ ।
ଗୋପାନାଂ ସ୍ୱଜନୋଽସତ୍ୟ କ୍ଷିତିଭୁଜା ଶାସ୍ତା ସ୍ୱପିତ୍ରୋଃଶିଶୁଃ ॥
ମୃତ୍ୟୁର୍ଭୋପତେ ବିରାଡ଼ବିଦୁଷାଂ ତତ୍ତ୍ୱ ପରଂ ଯୋଗୀନାଂ
ବୃଷ୍ଣିନାଂ କୁଳ-ଦେବେ ତେତି ବିଦିତଃ ରଙ୍ଗ ଗତ ସାଗ୍ରଜଃ ॥"

କିନ୍ତୁ ଗୋଟିଏ ଧାରା ନିକଟରେ ସେ ଭାଙ୍ଗି ଖଣ୍ଡ ବିଖଣ୍ଡିତ ହୋଇ ଯାଆନ୍ତି । ତାଙ୍କର ସମସ୍ତ ମାୟାଜାଲ ଛିନ୍ନଭିନ୍ନ ହୋଇଯାଏ । ଅସୀମତା ଲୋପପାଇ ସସୀମ ହୋଇଯାଆନ୍ତି, ଅଣାକାରରୁ ଆକାର ଧାରଣ କରନ୍ତି, ଅବ୍ୟକ୍ତରୁ ବ୍ୟକ୍ତ ହୁଅନ୍ତି, ମାୟାଧର ନାମରୁ ମାୟା ରହିତ ହୋଇ ଛୁଟି ଆସନ୍ତି । ସେହି ଅମୋଘ ଅସ୍ତ୍ର ରୂପୀ ଧାରା ହେଉଛି ଭକ୍ତର ପ୍ରେମଭାବ, ଅଚଳ ଭକ୍ତି, ଅନନ୍ୟ ନିଷ୍ଠା, ମାନସିକ ଦୃଢ଼ତା, ଅଖଣ୍ଡ ବିଶ୍ୱାସ । ଭକ୍ତଶ୍ରେଷ୍ଠା ମୀରାବାଇ ତେଣୁ କହିଥିଲେ-

"ନିତ୍ ନହାନ୍‌ରେ ଯବ୍ ହରି ମିଲେ ତୋ ଜଳଜନ୍ତୁହୁଇ ।
ଫଳ ଭଖନ୍‌ସେ ଯବ୍ ହରି ମିଲେ ତୋ ବାଦୁନ୍ ବାନ୍ଦରାଇ ॥
ତୁଲସୀ ପୂଜନ୍‌ରେ ଯବ୍ ହରି ମିଲେ ତୋ ମେଁ ପୂଜୁ ତୁଲସୀ ଝାଡ଼୍ ।
ପଥର ପୂଜନ୍‌ରେ ଯବ୍ ହରି ମିଲେ ତୋ ମେଁ ପୂଜୁ ପାହାଡ଼୍ ॥
ତୃଣ ଭଖନ୍‌ସେ ଯବ୍ ହରି ମିଲେ ତୋ ବହୁତ୍ ମୃଗୀ ଅଜା ।
ସ୍ତ୍ରୀ ଛୋଡ଼ନ ସେ ଯବ୍ ହରି ମିଲେ ତୋ ବହୁତ୍ ରହେହେଁ ଖୋଜା ॥
ଦୁଧ୍ ଭଖନ୍‌ରେ ଯବ୍ ହରି ମିଳେ ତୋ ବହୁତ୍ ବସବାଲା ।
ମୀରା କହେ ବିନା ପ୍ରେମ ସେ ନ ମିଲେ ସେ ନନ୍ଦଲାଲା ॥"

ତେଣୁ ପ୍ରେମ ବିନା ପ୍ରେମିକକୁ ବନ୍ଧନ କରିହୁଏ ନାହିଁ । ଯିଏ ସେ କୌଶଳ ଶିକ୍ଷା କରି, ଅଭ୍ୟାସ କରି ଭାବରାଜ୍ୟରେ ଅନାବିଳ ହୃଦୟରେ ବିଚରଣ କରି ପାରିଲା, ଦୃଢ଼ତା, ନିଷ୍ଠା, ବିଶ୍ୱାସ ଅତୁଟ ରଖିପାରିଲା, ସେ ତାଙ୍କର ଲୁଚକାଳି ଖେଳରେ ବିଜେତା ହୋଇ ତାଙ୍କୁ ସବୁଦିନ ପାଇଁ ହୃଦ ସିଂହାସନରେ ବନ୍ଦୀ ସଜାଇ ରଖିପାରିଲା । କିନ୍ତୁ ପାଇବା ପରେ ମଧ୍ୟ ଯଦି ସେହି ପାଇବା ଅହଂକାରକୁ ନେଇ ଗର୍ବିତ ହେଲା ତେବେ ପୁଣି ସେ ଖସିଯିବେ । କାରଣ ସେ କେବଳ ପ୍ରେମ, ଅନାବିଳ ପ୍ରେମ ଭାବରେ ହିଁ ରହିବେ । ସେଥିରୁ ସାମାନ୍ୟ ବ୍ୟତିକ୍ରମ ହେଲେ ସରିଗଲା । ଆଜିର ଆଲୋଚ୍ୟ ବିଷୟବସ୍ତୁ "ଶୁଦ୍ଧସୂୟା ଯଜ୍ଞ, ତପଃ ପୂଜା" ସେହିପରି ଏକ ଅମରଗାଥାର ସ୍ମାରକ । ଜଣେ ସତୀନାରୀ ତାଙ୍କର ସ୍ୱାମୀଙ୍କୁ ହିଁ ପରମେଶ୍ୱର ଭାବ ଦେଇ କିପରି ତାଙ୍କୁ ପରାସ୍ତ କରିଥିଲେ ଏବଂ ଚିରଦିନ ପାଇଁ ମାତୃତ୍ୱର ସ୍ନେହରେ ବନ୍ଧନ କରି ଦେଇଥିଲେ ତାହାହିଁ ଏ ଉତ୍ସବର ସାରମର୍ମ ।

ସତ୍ୟଯୁଗର ମଧ୍ୟପର୍ବ । ତିନି ମହାଶକ୍ତି ଲକ୍ଷ୍ମୀ, ପାର୍ବତୀ ଓ ସାବିତ୍ରୀ ଅହଂକାରରେ ଆବଦ୍ଧ ହୋଇଗଲେ । ସେମାନଙ୍କର ସ୍ୱାମୀ ବିଷ୍ଣୁ, ଶିବ ଓ ବ୍ରହ୍ମା ସୃଷ୍ଟିର ପାଳନ, ସଂହାର ଓ ସୃଷ୍ଟିକର୍ତ୍ତା ହୋଇଥିବାରୁ ଏବଂ ସେମାନଙ୍କୁ ପତ୍ନୀ ରୂପରେ ଗ୍ରହଣ କରିଥିବାରୁ ତାଙ୍କଠାରୁ ଅଧିକ ପତିବ୍ରତା, ସାଧ୍ୱୀ, ଶକ୍ତିମୟୀ ନାରୀ ଆଉ କେହି ନାହାନ୍ତି । ଏହି ଭାବରେ ସେମାନେ ବିଚରଣ କରିବାକୁ ଲାଗିଲେ । ପ୍ରଭୁ, ପରମେଶ ସବୁ ସହ୍ୟ କରନ୍ତି, କିନ୍ତୁ କାହାରି ଗର୍ବ ସହ୍ୟ କରିପାରନ୍ତି ନାହିଁ । ଏହା ବାରମ୍ବାର ପ୍ରମାଣିତ ହୋଇଅଛି । ମାଆମାନଙ୍କର ଏପରି ଅଘଟଣ ଭାବକୁ ବିନାଶ କରିବା ପାଇଁ ଲୀଳାମୟ ଏକ ଅଭିନବ ଉପାୟ ସ୍ଥିର କଲେ ।

ଶ୍ରୀବିଷ୍ଣୁ ପଞ୍ଜରରେ "ଶୁଦ୍ଧସୂୟ" ନାମକ ଏକ ମଣ୍ଡଳ ଅଛି । ଏହି ମଣ୍ଡଳରେ ଶୁଦ୍ଧ ଭାବ, ସୂୟ ଚିନ୍ତନ, ଏକାଗ୍ରତା, ନିଷ୍ଠା, ବିଶ୍ୱାସ, ନିରହଂକାର, ନିଃସ୍ୱାର୍ଥପରତା ଆଦି ସମସ୍ତ ସୁଗୁଣ ସୃଷ୍ଟି ହୋଇ ଧରାପୃଷ୍ଠକୁ ପ୍ରେରିତ ହୋଇଥାଏ । "ଶୁଦ୍ଧ" ଅର୍ଥାତ୍ କଳଙ୍କ ରହିତ, ନିର୍ଦ୍ଦୋଷ, ନିର୍ମଳ, ଶୁଚି, ପବିତ୍ର, ନିର୍ଭୁଲ ଓ ସ୍ୱଚ୍ଛ । "ସୂୟ" ଅର୍ଥ ଅସୂୟତା ଶୂନ୍ୟ । ଅସୂୟ ହେଉଛି- ଅହଂକାର, ବିକାର, ଲୋଭ ସ୍ୱାର୍ଥପରତା, କାମାନ୍ଧତା, ଲୁବ୍ଧତା । ଏହି

ଷଡ଼ଭାବର ଶୂନ୍ୟତାହିଁ "ସୂୟ" ନାମରେ ପରିଚିତ । ବ୍ରହ୍ମଙ୍କର ୭୨ (ବାସ୍ତରୀ) କକ୍ଷରେ ଶୁଦ୍ଧସୂୟର ୩୪ (ଚଉତ୍ରିଶ) ସୂତ୍ରୀ ମଣ୍ଡଳରୁ ଭଗବାନ୍ ଏହି ସମସ୍ତ ସୁଗୁଣକୁ ଏକତ୍ର କରାଇ ଅନୁସୂୟା ନାମକ ଏକ ନାରୀରତ୍ନକୁ ସୃଷ୍ଟି କରି ଧରାପୃଷ୍ଠକୁ ଅବତରିତ କରାଇ ଦେଲେ । ସେ ମହୀୟସୀ ଜନ୍ମମାତ୍ରେ ସିଦ୍ଧ ହୋଇ ତାଙ୍କର ଜୀବନଧାରାକୁ ସେହି କ୍ରମରେ ପ୍ରବାହିତ କରାଇ ମହାନ୍ ସାଧ୍ୱୀ ଭାବରେ ପ୍ରତିଷ୍ଠିତ ହେଲେ । ଜୀବନର ପ୍ରତିଟି ମୁହୂର୍ତ୍ତ ପରମାତ୍ମାଙ୍କ ଚିନ୍ତନ, ପୂଜନରେ ଅତିବାହିତ କରିଗଲେ । ଯୌବନ ଉପଗତ ହୁଅନ୍ତେ ଅତ୍ରି ନାମକ ମହର୍ଷିଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହେଲେ । "ପତି ହିଁ ପରମେଶ୍ୱର" । ଏହି ଭାବ ଗ୍ରହଣ କରି ପତିଙ୍କୁ ଦେବତା ଭାବରେ ଗ୍ରହଣ କଲେ । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ପୃଥକ୍ ବିବେଚନା ନ କରି ତାଙ୍କର ସ୍ୱାମୀ ହିଁ ସକଳ ଶକ୍ତିର ଆଧାର ମନେକରି ତାଙ୍କୁ ସମସ୍ତ ପୂଜା, ପ୍ରେମ, ଭାବ, ଭକ୍ତି, ଏକାଗ୍ରତା ସମର୍ପଣ କଲେ । ତାଙ୍କର ସତୀତ୍ୱରେ ଧରିତ୍ରୀ ଶିହରି ଉଠିଲା । ଦେବତାମାନେ ମଧ୍ୟ ଭୟଭୀତ ହୋଇଗଲେ । ଏହାପରେ ତ୍ରିମାତା (ସାବିତ୍ରୀ, ପାର୍ବତୀ, ଲକ୍ଷ୍ମୀ)ଙ୍କର ଗର୍ବଗଞ୍ଜନର ସମୟ ହୋଇଗଲା ।

ଶ୍ରୀବିଷ୍ଣୁଙ୍କ ଦରବାରରେ ଦେବସଭା ଚାଲିଥାଏ । ଏହି ସମୟରେ ଏକ ଜ୍ୟୋତିର୍ମୟ ଗୋଲାକାର ଅଗ୍ନି ପିଣ୍ଡ ସେଠାରେ ହଠାତ୍ ଉପୁଜି ହେଲା । ସେଥିରେ ଦେବନାଗରୀରେ ଲେଖାଥିଲା "ସ" "ର" "ଗୁ" । ଅର୍ଥାତ୍ "ସ" = ସତୀ, "ରୂ"=ରୂପବତୀ, "ଗୁ" = ଗୁଣବତୀ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଦେବତାମାନଙ୍କର ଜିଜ୍ଞାସାର ଉତ୍ତର ଦେଇ ନାରଦ କହିଲେ- "ଏହା ହେଉଛି ସତୀ ଶିରୋମଣି ଅନୁସୂୟାଙ୍କର ସତୀତ୍ୱ ତେଜ । ଅଗ୍ନିପିଣ୍ଡ ନୁହେଁ ।" ଉକ୍ତ ସତୀତ୍ୱ ସ୍ୱୀକୃତି ଲାଭ କରିବା ପୂର୍ବରୁ ପରୀକ୍ଷାର ଆବଶ୍ୟକତାକୁ ସଭାରେ ଉପସ୍ଥିତ ପ୍ରତ୍ୟେକ ଅନୁଭବ କଲେ । କିନ୍ତୁ ମାଆମାନେ ଈର୍ଷା, ହିଂସାରେ ମ୍ରିୟମାଣ ହୋଇଗଲେ । ସେମାନଙ୍କର ମନରେ ଅହଂକାର ଆସିଲା ଯେ, ଆମ ବ୍ୟତୀତ ଜଣେ ମର୍ତ୍ତ୍ୟବାସିନୀ ଏତେ ପତିବ୍ରତା କିପରି ହେଲା ? ଏହାପରେ କ୍ରମାନ୍ୱୟରେ ପ୍ରତ୍ୟେକ ଦେବତା, ଗନ୍ଧର୍ବ ସତୀଙ୍କର ପରୀକ୍ଷା ନେଲେ । ସମସ୍ତ ଅବସ୍ଥାରେ ପତିଙ୍କ ପ୍ରତି ଦୃଢ଼ଭାବ ଅଟଳ ଭକ୍ତି ଓ ଅନାସକ୍ତ ନିଷ୍ଠାବଳରେ ସେ ବିଜୟିନୀ ହେଲେ । ବାରମ୍ବାର ଭୀଷଣ ପରୀକ୍ଷାର ସମ୍ମୁଖୀନ ହୋଇ ମଧ୍ୟ ସେ ପତିଙ୍କ ପୂଜାରେ ଅଟଳ ରହିଲେ । ଆଶ୍ରମରେ ଅହରହ ସ୍ୱାମୀ ସେବାରେ ବ୍ୟସ୍ତ ରହିଲେ । ସ୍ୱାମୀ ଦୁଃଖରେ ଦୁଃଖୀ, ସ୍ୱାମୀ ସୁଖରେ ସୁଖୀ ହୋଇ କାଳାତିପାତ କଲେ । ସର୍ବଦା ମିଷ୍ଟଭାଷିଣୀ ହୋଇ ସ୍ୱାମୀଙ୍କ ମୁଖରୁ ସ୍ତୋତ୍ର ଶ୍ରବଣ କରିବା ସଙ୍ଗେ ସଙ୍ଗେ ଆଶ୍ରମ ଅନ୍ତେବାସୀମାନଙ୍କୁ ସନ୍ତାନ ଭାବରେ ଗ୍ରହଣ କରି ମମତାମୟୀର ଭୂମିକା ନିର୍ବାହ କଲେ । ଅନ୍ନପୂର୍ଣ୍ଣା ଭାବରେ ସୁମିଷ୍ଟ ଅନ୍ନଦାନ କରି ସ୍ୱାମୀ ଓ ସନ୍ତାନମାନଙ୍କୁ ସ୍ନେହରେ ବନ୍ଧନ କଲେ । ଉକ୍ତ ଅନାବିଳ ପ୍ରେମ ସାଧନର ବ୍ୟାପକତାରେ ସଂସାରର ସମସ୍ତଙ୍କୁ ସନ୍ତାନ ଦୃଷ୍ଟିରେ ଦେଖି ସେମାନଙ୍କ ପାଇଁ ସ୍ନେହମୟୀ ଜନନୀ ହୋଇ ପ୍ରତିଷ୍ଠିତ ହେଲେ ।

ଅପରନ୍ତୁ, ତ୍ରିଦେବୀ ସତୀଙ୍କ ସ୍ୱାମୀ ନିଷ୍ଠା, ସତୀତ୍ୱର ପରୀକ୍ଷା କରିବାକୁ ଆସିଲେ । ଲକ୍ଷ୍ମୀ ତାଙ୍କର ଧନ, ଐଶ୍ୱର୍ଯ୍ୟ ନଷ୍ଟ କରିଦେଲେ । ସାବିତ୍ରୀ "ଭର୍ଗୋଦେବ୍ତ" ପରୀକ୍ଷା କରି ସ୍ୱାମୀଙ୍କ ପ୍ରତି ଭାବ, ବିଶ୍ୱାସ ନଷ୍ଟ କରାଇବାକୁ ଚେଷ୍ଟା କଲେ ଓ ଦୁର୍ଗା "ଲୁପ୍ତାସ୍ୱୀ ଅଗ୍ନି" ପ୍ରେରଣ କରି ଅସତୀ ହେବା ପାଇଁ ବାଧ୍ୟ କରାଇଲେ । କିନ୍ତୁ ପତିଙ୍କ ପ୍ରତି ଅଟଳ ବିଶ୍ୱାସ ପ୍ରକଟ କରି ସତୀ ପ୍ରତ୍ୟେକ ପରୀକ୍ଷାରେ ବିଜୟିନୀ ହେଲେ । ତ୍ରିଦେବୀଙ୍କ ବାଧରେ ତ୍ରିଦେବ ମଧ୍ୟ ପରୀକ୍ଷା ନେବାକୁ ଆସିଲେ । ବ୍ରହ୍ମା ବ୍ରହ୍ମଅଗ୍ନି ଓ ଶିବ କାଳସର୍ପ ପ୍ରେରଣ କରି ସ୍ୱାମୀଙ୍କୁ ଅନ୍ତର କରିବା ପାଇଁ ଚେଷ୍ଟା କଲେ । ବିଷ୍ଣୁ କାମଦେବଙ୍କୁ ପ୍ରେରଣ କରି ତପସ୍ୱିନୀ ଅବସ୍ଥାରୁ ବିଚ୍ୟୁତ କରାଇବାକୁ ଚେଷ୍ଟା କଲେ । ମାତ୍ର ତପସ୍ୱିନୀ ଅନୁସୂୟା ସ୍ୱାମୀଙ୍କ ପ୍ରତି ଏକାଗ୍ରତା ଅନାବିଳ ପ୍ରେମ ବଳରେ ଶୁଦ୍ଧ ଦାନ, ଶୁଦ୍ଧ କର୍ମ ଦ୍ୱାରା ପ୍ରାଣ ସଂଯମୀ ହୋଇ ସାରିଥିଲେ । ତେଣୁ ଦେବତାମାନଙ୍କର ସମସ୍ତ ପରୀକ୍ଷା ହାର ମାନିଲା । ଶେଷରେ ତ୍ରିଦେବ ସତୀଙ୍କ କୋଳରେ ତିନିଗୋଟି କଅଁଳ ଶିଶୁସନ୍ତାନ ହୋଇ ରହିଗଲେ । ପିଣ୍ଡତତ୍ତ୍ୱରେ ସାଧକ ଯେତେବେଳେ ଶୀର୍ଷ ସୋପାନରେ ଉପନୀତ ହୁଏ ସେତେବେଳେ ତାର ସାଧନ ସ୍ତର ଅନୁସାରେ ତିନି ପ୍ରକାର ଦର୍ଶନ ପ୍ରାପ୍ତ ହୁଏ । ଯଥା- ଜ୍ୟୋତି ଦର୍ଶନ, ରୂପ ଦର୍ଶନ ଓ ଆତ୍ମ ଦର୍ଶନ । ସେହି କ୍ରମରେ ଜ୍ଞାନ ପ୍ରାପ୍ତି ମଧ୍ୟ ହୋଇଥାଏ ।

କିନ୍ତୁ ସତୀ ଅନୁସୂୟା ତାଙ୍କର ପତିବ୍ରତା ବଳରେ ତିନିଗୋଟି ଦର୍ଶନ ଏକ ସମୟରେ ଲାଭ କରିଥିଲେ । ସମସ୍ତ ପରୀକ୍ଷା ଶେଷରେ ତିନିଦେବଙ୍କର ତିନିଜ୍ୟୋତି ଧବଳ, ତାମ୍ର ଓ ନୀଳ ଏକତ୍ର ହୋଇ ତିନି ଶିଶୁର ଆକାର ନେଇ ତାଙ୍କ ସମ୍ମୁଖରେ ଆବିର୍ଭାବ ହୋଇଥିଲେ। ମାତୃତ୍ୱର ମମତାରେ ଏପରି ବନ୍ଧନ ହୋଇଗଲେ ଯେ, ଆଉ ସ୍ୱମଣ୍ଡଳକୁ ପ୍ରତ୍ୟାବର୍ତ୍ତନ କରିବାର ଉପାୟ ରହିଲା ନାହିଁ । ତ୍ରିଦେବୀ ବ୍ୟାକୁଳ ହୋଇ ସ୍ୱାମୀମାନଙ୍କୁ ଫେରାଇ ନେବାକୁ ଆସି ଶିଶୁ ଅବସ୍ଥାରେ ସ୍ୱ ସ୍ୱ ପତିଙ୍କୁ ଚିହ୍ନି ପାରିଲେ ନାହିଁ । ଶେଷରେ ସେମାନଙ୍କର ଗର୍ବ ଗଞ୍ଜନ ହେଲା । ସ୍ୱାମୀମାନେ ବାହୁଡ଼ିଗଲେ କିନ୍ତୁ ତିନିଦେବଙ୍କ ଅଂଶକୁ ଏକତ୍ର କରି ଏକ ପୁତ୍ର ଅନୁସୂୟାଙ୍କୁ ପ୍ରାପ୍ତ ହେଲା । ଏହି ପୁତ୍ରଙ୍କ ନାମ ଦତ୍ତାତ୍ରେୟ । ଦତ୍ତାତ୍ରେୟଙ୍କ ମାଧ୍ୟମରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ସବୁଦିନ ପାଇଁ ମହାସତୀ ଅନୁସୂୟାଙ୍କର ସନ୍ତାନ ହୋଇ ରହିଗଲେ । ମାତା ଦୁର୍ଗା, ସତୀଙ୍କର ନିଷ୍ଠା ଓ ସ୍ୱାମୀଭକ୍ତିରେ ସନ୍ତୁଷ୍ଟ ହୋଇ ଏକ ଅମ୍ଳାନ ବସ୍ତ୍ର ଦାନ କଲେ । ଏହି ଦାନ ସମୟରେ ମାଆ ଲକ୍ଷ୍ମୀ ଲୋଭାସକ୍ତ ହୋଇ ବାରମ୍ବାର ବସ୍ତ୍ରଟିକୁ ଦେଖିବାରୁ ସତୀ କହିଲେ, "ମାଆ ! ଏ ବସ୍ତ୍ର ମୁଁ ବ୍ୟବହାର କରିବି ନାହିଁ । ତ୍ରେତୟା ଯୁଗର ରାମାବତାର ସମୟରେ ମୁଁ ତୁମକୁ ବସ୍ତ୍ରଟି ଦାନ କରିବି । ସେ ପର୍ଯ୍ୟନ୍ତ ଅପେକ୍ଷା କର ।" ଗୋଲୋକ ବିହାରୀ ଲକ୍ଷ୍ମୀପତି ପ୍ରସ୍ଥାନ ସମୟରେ ସତୀଙ୍କୁ ବରଭିକ୍ଷା କରିବାକୁ ବାଧ୍ୟ କଲେ । ନିଜର ଅଖଣ୍ଡ ବିଶ୍ୱାସ ଓ ଦୃଢ଼ତା ବଳରେ ସମସ୍ତ ଶୁଦ୍ଧତା ଓ ସୂୟତାରେ ସିଦ୍ଧିପ୍ରାପ୍ତ ହୋଇଥିବା ମହାସତୀ ସେତେବେଳକୁ ଜଗତର କଲ୍ୟାଣମୟୀ ଜନନୀ ଭାବେ ନିଜର ହୃଦୟ ବିସ୍ତାରିତ କରି ସାରିଥିଲେ । ଫଳରେ ତାଙ୍କ ମନରେ ନିଜ ପାଇଁ କୌଣସି କାମନା ନ ଥିଲା । ଜଗତକୁ ନିଜର ପରିବାର ମନେ କରୁଥିବା ଜନନୀ ତାଙ୍କର ସନ୍ତାନ, ସନ୍ତତି ମାନଙ୍କ ପାଇଁ ବରଭିକ୍ଷା କରିଥିଲେ, "ହେ ଜଗତ୍‌ପାଳକ ! ତୁମର ସ୍ୱଲୀଳା ସଂପାଦନ ପାଇଁ ସର୍ବଦା ତୁମେ ସୃଷ୍ଟିରେ ସଂକଳ୍ପ-ବିକଳ୍ପ, ଶୁଦ୍ଧତା-ଅଶୁଦ୍ଧତା, ପାପ-ପୂଣ୍ୟ, ନ୍ୟାୟ-ଅନ୍ୟାୟ ଓ ଭାବ-ଅଭାବ ଉଭୟଙ୍କୁ ଜୀବ ମଧ୍ୟରେ ସ୍ଥାପନ କରିଛ । ତେଣୁ ହେ କଲ୍ୟାଣମୟ ! ମୋତେ ଏତିକି କରୁଣାକର ଏ ସୃଷ୍ଟିରେ ମୋର ସନ୍ତାନମାନଙ୍କ ମଧ୍ୟରୁ ଯିଏ ଏହି "ଶୁଦ୍ଧସୂୟ" ମଣ୍ଡଳର ସମସ୍ତ ବା ଆଂଶିକ ସୁଭାବ ପାଇଁ ଆପଣଙ୍କୁ ଉକ୍ତ ମଣ୍ଡଳ ସ୍ମରଣ କରି ଭିକ୍ଷା ମାଗିବ, ତାକୁ ବିନା ପରୀକ୍ଷାରେ ଆପଣ ତାହା ଦାନ କରିବେ । ଆଜିଠାରୁ ଏହି ମଣ୍ଡଳ ଅନ୍ତର୍ଗତ ସମସ୍ତ ଭାବ ଧରାପୃଷ୍ଠରେ ସର୍ବଦା ବିଚରଣ କରିବ ।" ଉତ୍ତରରେ ଭାବଗ୍ରାହୀ କହିଥିଲେ, "ହେ ଦେବୀ ! ସୃଷ୍ଟିରେ ଯୁଗବାଦ ଆରମ୍ଭ ହୋଇ ଯାଇଛି । ପ୍ରତିଯୁଗର ଲୀଳା ପର୍ଯ୍ୟାୟ ସ୍ଥିରୀକୃତ ହୋଇ ସାରିଛି । ପ୍ରଥମ ସୋପାନରେ ସତ୍ୟଯୁଗ ଚାଲିଛି । ଏହାପରେ ଅନ୍ୟ ତିନିଯୁଗ ଯଥା ତ୍ରେତୟା, ଦ୍ୱାପର ଓ କଳି ଭୋଗ ହେବାକୁ ଅଛି । ତେଣୁ ବର୍ତ୍ତମାନଠାରୁ ସମସ୍ତ ଅସୂୟାଭାବକୁ ନାଶ କରିଦେଲେ ସୃଷ୍ଟି ଅସନ୍ତୁଳନ ଅବସ୍ଥାକୁ ଆସିଯିବ । ହେ ଦେବୀ ! ତୁମର ଅଳି ଗ୍ରହଣ କଲି । କିନ୍ତୁ ଏହି କଳ୍ପ ଶେଷ ପର୍ଯ୍ୟନ୍ତ ଅପେକ୍ଷା କର । କଳ୍ପ ଶେଷରେ ଅର୍ଥାତ୍ କଳି ଯୁଗରେ ମୁଁ ତୁମର ପ୍ରାର୍ଥନା ନିଶ୍ଚୟ ପୂର୍ଣ୍ଣ କରିବି । ତୁମେ ନିଜେ ତ୍ରେତୟାରେ ଲକ୍ଷ୍ମୀଙ୍କୁ ଅମ୍ଳାନ ବସ୍ତ୍ର ଦେବାକୁ ବଚନ ଦେଇ ସାରିଲଣି । ସେତେବେଳେ ସେହି ଅସୂୟାଭାବର ବିନାଶପାଇଁ ରାମାବତାର ବନବାସ ପର୍ବରେ ତୁମର ବଚନ ପୂର୍ଣ୍ଣ ହେବ । ଲକ୍ଷ୍ମୀ ତୁମଠାରୁ ଅମ୍ଳାନ ବସ୍ତ୍ର ଗ୍ରହଣ ପରେ ତୁମେ ତୁମର "ଶୁଦ୍ଧସୂୟ" ମଣ୍ଡଳକୁ ପ୍ରତ୍ୟାବର୍ତ୍ତନ କରିବ । କଳି ଅବତାର ସମୟରେ ଯଜ୍ଞ ମାଧ୍ୟମରେ ତୁମର ପ୍ରାର୍ଥନା ପୂର୍ଣ୍ଣ ହେବ ଏବଂ ସେହି ଯଜ୍ଞ ତୁମରି ସୁପୁତ୍ର ଦତ୍ତାତ୍ରେୟଙ୍କ ମାଧ୍ୟମରେ ସଂପୂର୍ଣ୍ଣ ହେବ ।"

ସତ୍ୟପରେ ତ୍ରେତୟାରେ ପ୍ରଭୁ ଶ୍ରୀରାମ ଚଉଦବର୍ଷ ବନବାସ କରିବା ସମୟରେ ଅତ୍ରି ମୁନିଙ୍କ ଆଶ୍ରମରେ ରହି ମାତା ଅନୁସୂୟାଙ୍କର ମମତାପୂର୍ଣ୍ଣ ଭକ୍ତିଅର୍ଘ୍ୟ ଗ୍ରହଣ କରିଥିଲେ ଓ ମାଆ ସୀତା ପୂର୍ବ ବଚନ ଅନୁସାରେ ଅମ୍ଳାନ ବସ୍ତ୍ର ପ୍ରାପ୍ତ ହୋଇଥିଲେ । ଏହା ପୁରାଣରେ ବର୍ଣ୍ଣିତ ହୋଇଅଛି । ତେଣୁ ସେ ସମ୍ବନ୍ଧରେ ଅଧିକ ବର୍ଣ୍ଣନା ନିଷ୍ପ୍ରୟୋଜନ । ଏହି ପର୍ବ ସମାପ୍ତି ସମୟରେ ସତ୍ୟର ବର ପ୍ରାର୍ଥନା ଅନୁସୂୟା ପୁନରାୟ ସ୍ମରଣ କରାଇ ଦେଇ ଆଉ ଏକ ଅଳି କରିଦେଲେ, "ହେ ରଘୁପତେ ! ଏହାପରେ ମୁଁ ମୋର "ଶୁଦ୍ଧସୂୟ" ମଣ୍ଡଳକୁ ଫେରିଯିବି । ସ୍ୱାମୀ ମୋର ସପ୍ତର୍ଷି ମଣ୍ଡଳକୁ ଚାଲିଯିବେ । କିନ୍ତୁ କଳିରେ ଆପଣ ମୋର ମନସ୍କାମନା ପୂର୍ଣ୍ଣ କରିବାକୁ ଯେଉଁ ବଚନ ଦେଇଥିଲେ, ତାହା କାର୍ଯ୍ୟକାରୀ କରିବା ସମୟରେ ମୋର ଆଉ ଗୋଟିଏ ଇଚ୍ଛା ପୂର୍ଣ୍ଣ କରିବେ । ଯଥା-ସତ୍ୟରେ ମୋର ଶିଶୁପୁତ୍ର ହୋଇ ଋଷିକୁମାରର ପରିଚୟ ବହନ କରିଥିଲେ । ତ୍ରେତୟାରେ ଆଜି ରାଜାଧିରାଜ ହୋଇ ମଧ୍ୟ

ସନ୍ନ୍ୟାସୀ ବେଶ ଧାରଣ କରି ପୁନରାୟ ମୋର ଏକ ତପସ୍ୱୀପୁତ୍ର ଭାବରେ ମୋର ମମତାର ଅର୍ଘ୍ୟ ଗ୍ରହଣ କଲେ । ତେଣୁ ମୁଁ ଆପଣଙ୍କର ଜନନୀ ଓ ମୋର ସ୍ୱାମୀ ଆପଣଙ୍କର ଜନକ ସଦୃଶ । କଳିରେ ଯେତେବେଳେ ଆପଣଙ୍କ ପ୍ରଦତ୍ତ ବର ପୂର୍ଣ୍ଣ କରିବେ ସେତେବେଳେ ଏହି ପିତାମାତାଙ୍କୁ ସ୍ମରଣ କରିବେ । ସେ ସମୟରେ ମୁନିଶ୍ରେଷ୍ଠ ସପ୍ତର୍ଷି ମଣ୍ଡଳରେ ଥିବେ । ସପ୍ତର୍ଷିମଣ୍ଡଳର ମଧ୍ୟଭାଗରେ ଅବସ୍ଥିତ "ଶିଶୁମାର" ମଣ୍ଡଳରେ ଆପଣ ସୂକ୍ଷ୍ମ ସତ୍ତା ନେଇ ସଦା ବିଦ୍ୟମାନ ହୋଇଅଛନ୍ତି ଏବଂ ଋଷିମାନଙ୍କ ଗହଣରେ ଅତି ଆନନ୍ଦରେ ଭକ୍ତିଭାବରସ ପାନ କରୁଛନ୍ତି । ତେଣୁ ମର୍ତ୍ତ୍ୟଧାମରେ ସେହି ସପ୍ତର୍ଷିମାନଙ୍କୁ ଆବାହନ କରାଇ ସେମାନଙ୍କ ସହିତ ଆପଣ ଋଷି କୁମାର ହୋଇ ଆଶ୍ରମ ଅନ୍ତର୍ଗତ ବିଧାନ ଦ୍ୱାରା ଅଭିଷିକ୍ତ ହେବେ ଓ ମାତା ପିତାଙ୍କର ତପସ୍ୱୀ ଜୀବନକୁ ସାର୍ଥକ କରିବେ । ଯଜ୍ଞାହୁତି ବିନା ଆଶ୍ରମରେ କୌଣସି କାର୍ଯ୍ୟ ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ । ତେଣୁ ଉକ୍ତ ବିଧାନ ପାଳନ ସମୟରେ ମୋର ମଣ୍ଡଳ "ଶୁଦ୍ଧସୂୟ" ଅନ୍ତର୍ଗତ ସମସ୍ତ ସୁଭାବଧାରର ସ୍ମାରକରେ "ଶୁଦ୍ଧସୂୟ ଯଜ୍ଞ" ଅନୁଷ୍ଠିତ କରାଇବେ । ତତ୍କାଳୀନ ସମସ୍ତ ଅସୂୟତା, ଅଶୁଦ୍ଧତା ଧ୍ୱଂସ କରାଇ ମୋର ସନ୍ତାନମାନଙ୍କ ମନ, ପ୍ରାଣରେ ସୂୟତା ଓ ଶୁଦ୍ଧତା ପ୍ରତିଷ୍ଠା ପାଇଁ ଆହୂତି ପ୍ରଦାନ କରି ସ୍ଥୁଳ, ସୂକ୍ଷ୍ମ ଉଭୟ ସ୍ତରରେ ସନାତନ ଧର୍ମର ମହିମା ପ୍ରଚାର, ପ୍ରସାର କରାଇବେ । ସନାତନ ଧ୍ୱଜା ଉତ୍ତୋଳନ କରାଇ ସତ୍‌ସଂଗ ମାଧ୍ୟମରେ ଆପଣଙ୍କ ଆଶୀର୍ବାଦର ରେଣୁ ସର୍ବଦା ବିଛାଡ଼ି ଦେବେ ।" ସେହି ସମୟରେ ଉପସ୍ଥିତ ଥିବା ଅତ୍ରିମୁନି ଅଳି କରିଥିଲେ, "ସତ୍ୟଯୁଗରେ ଯେଉଁ ଦିବସରେ ଆପଣ ଅନୁସୂୟାଙ୍କ କୋଳରେ କଅଁଳ ଶିଶୁ ହୋଇ ଅବତୀର୍ଣ୍ଣ ହୋଇଥିଲେ, ସେହି ଦିବସ, ତିଥି ଓ ନକ୍ଷତ୍ରରେ ଉକ୍ତ ଦୁର୍ଲଭ ଉତ୍ସବ ପାଳନ କରାଇବେ ଏବଂ ସେ ଯୁଗରେ ଯେଉଁ ସ୍ଥାନରେ ମୋର ଆଶ୍ରମ ଥିଲା, ଠିକ୍ ସେହି ସ୍ଥାନରେ ହିଁ ଅନୁଷ୍ଠାନ କରାଇବେ ।" ଏହାପରେ ମୁନି ଓ ମୁନିପତ୍ନୀ ସମୟାନୁକ୍ରମେ ସ୍ୱମଣ୍ଡଳକୁ ପୁନର୍ଗମନ କରିଗଲେ । ମାତ୍ର ତାଙ୍କର ଅଳି ପୂର୍ଣ୍ଣ କରିବାକୁ ରଘୁପତି ବାଧ୍ୟ ହୋଇଗଲେ ।

ଆଜି ଯେଉଁ ସ୍ଥାନରେ ଉକ୍ତ ଦୁର୍ଲ୍ଲଭ ଉତ୍ସବ ପାଳିତ ହେଉଅଛି ସେହି ସ୍ଥାନଟି ହିଁ ସତ୍ୟଯୁଗରେ ଅତ୍ରିମୁନିଙ୍କ ଆଶ୍ରମ ଥିଲା । ଏହି ପବିତ୍ର ଧୂଳିରେ ସତୀ ଅନୁସୂୟାଙ୍କ କୋଳରେ ତିନିଦେବ ତିନୋଟି କଅଁଳ ଶିଶୁ ହୋଇ ଏକୋଇଶି ଦିନ ରହିଥିଲେ । ସେତେବେଳେ ଆଶ୍ରମର ନାମ "ସତୀପଦ୍ମ" ଥିଲା ଓ ପଦ୍ମର ଅନ୍ୟ ନାମାନୁସାରେ ସ୍ଥାନଟିର ନାମ ଥିଲା "କମଳପୁର" । ପରବର୍ତ୍ତୀ ପର୍ଯ୍ୟାୟରେ ଶବ୍ଦାର୍ଥ ଭିତ୍ତିରେ ସ୍ଥାନଟିର ନାମ "ପଦ୍ମପୁର" ହୋଇଅଛି ।

ତ୍ରେତୟା ପରେ ଦ୍ୱାପର ଯୁଗ ଆସିଲା । ଅନୁସୂୟା ପୁତ୍ର ତ୍ରିଦେବ ଅଂଶ ସମ୍ଭୂତ ଦତ୍ତାତ୍ରେୟ ଯଦୁପତି ଶ୍ରୀକୃଷ୍ଣଙ୍କୁ ଦର୍ଶନ କଲେ । ନିଜକୁ ଅବଧୂତ ନାମରେ ପରିଚିତ କରାଇ "ଗୁରୁ" ଶବ୍ଦର ମହାନତାକୁ ଅତି ସରଳ ଭାବରେ ଉପସ୍ଥାପନ କରିଗଲେ । ଯେଉଁ ଅମରଗାଥା ଭାଗବତରେ ବର୍ଣ୍ଣିତ ହୋଇଅଛି । ଋଷିଶ୍ରେଷ୍ଠ ଦତ୍ତାତ୍ରେୟ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଦର୍ଶନ ସମୟରେ ମାତା, ପିତାଙ୍କ ସ୍ମୃତିଚାରଣ କରାଇଥିଲେ ଏବଂ କଳି ଅବତାର ସମୟରେ ସେହି ଋଷିଯୁଗ ସ୍ମରଣ କରି ସନ୍ନ୍ୟାସୀ ରୂପ ଗ୍ରହଣପୂର୍ବକ ଗୁରୁବାଦ ପ୍ରତିଷ୍ଠା ପାଇଁ ବରଭିକ୍ଷା କରିଥିଲେ ।

କଳିର ଆଗମନରେ ଏହି ଋଷିପ୍ରବର ଦତ୍ତାତ୍ରେୟ ପ୍ରଭୁଙ୍କ ମର୍ତ୍ତ୍ୟାବତରଣ ପୂର୍ବରୁ ସର୍ବଧର୍ମ ସମନ୍ୱୟରେ ସନାତନ ଧର୍ମର ପୃଷ୍ଠ ପୋଷକତା ପାଇଁ ବୁଦ୍ଧଦେବଙ୍କ ଠାରୁ ଆରମ୍ଭ କରି ଋଷଭନାଥ (ଜୈନ ଧର୍ମ ପ୍ରବର୍ତ୍ତକ), ଅଜିତନାଥ ଓ ଅରିଷ୍ଟନେମିନାଥ ପର୍ଯ୍ୟନ୍ତ ଋଷିମାନଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସହିତ ଯୋଗସୂତ୍ର ରକ୍ଷା କରି ମାତା ଅନୁସୂୟା ଓ ପିତା ଅତ୍ରିଙ୍କର ବରପ୍ରାପ୍ତି ସମ୍ପର୍କରେ ସୂଚନା ଦେଇଥିଲେ । କିନ୍ତୁ ଅଚ୍ୟୁତ ସଂପୂର୍ଣ୍ଣ ବାସ୍ତବବାଦୀ ଥିଲେ । ତେଣୁ ସେ ନିଜେ ନିର୍ବିକଳ୍ପ ସମାଧିସ୍ଥ ହୋଇ ଦତ୍ତାତ୍ରେୟ ମୁନିଙ୍କ ସୂଚନାର ସତ୍ୟତା ପରୀକ୍ଷା କରିଥିଲେ । ଧ୍ୟାନସ୍ଥ ଅବସ୍ଥାରେ ନିରାକାରଙ୍କ ଠାରୁ ଏ ସମ୍ପର୍କରେ ଯାହା ପ୍ରାପ୍ତ ହୋଇଥିଲେ ତାହାକୁ ଲିପିବଦ୍ଧ କରାଇଥିଲେ । ତାହାର କିଛି ଅଂଶ ନିମ୍ନରେ ଆଲୋଚନା କରାଯାଉଅଛି ।

× ×× × × ×× × ×

କହୁଛି ମନ ଫେଇ ଯାଗ ଦିବସ । ପଦମ ପୁରରେ ପୂଜା ପୁରୁଷ ॥
ଯାଗ, ଜପ, ତପ ଦେଖିବୁ ଯାଇ । ମୁରୁଖ ଜନଙ୍କ ଦୂରରେ ରହି ॥

କୋଶଳ ରାଇଜ କମଳପୁର । ଦେବୀଙ୍କ ଗାରିମା ହୋଇଲା ଚୁର ॥
ସତୀ ଜିତିଗଲା ପତିଙ୍କୁ ପାଇ । ଦେବ ଶିଶୁ ହେଲେ କୋଳରେ ରହି ॥
ଧନ୍ୟ ଅନୁସୂୟା ଅତ୍ରି ଘରଣି । ଯାଗ ତପ ଜପ ମାଗିଲା ଜାଣି ॥
ଆସିବ ପୁରୁଷ ଋଷି ଗହଣେ । ହେବ ଅଭିଷେକ ପଦମ ବଣେ ॥
ତପରେ ଦ୍ୱାଦଶ ମରତେ ସାତ । ଚେତନ ଲଭିବେ ହୋଇ ଉସତ ॥
ଭାବ ଚହଟିବ ଅଭାବ ଦୂର । ଧରିବୁ ଯେବେ ତୁ ହୃଦରେ ଗାର ॥
ମୁରୁଖ ଜନକୁ କହିବୁ ନାହିଁ । ଦେଖିବୁ ଭଜିବୁ ଯିବୁ ତୁ ଧାଇଁ ॥

× × × × ×

ଏଠାରେ ମହାପୁରୁଷ ପଦ୍ମପୁରରେ ହେଉଥିବା ଯଜ୍ଞ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇଛନ୍ତି । ସେ ସମସ୍ତ ବିଷୟ ଉପରୋକ୍ତ ଆଲୋଚନାରେ ଚିତ୍ରଣ କରାଯାଇଛି । ମାତ୍ର ତପଃ ଲୋକରେ ବାରଜଣ ଓ ମର୍ତ୍ତ୍ୟଲୋକରେ ସାତଜଣ ଋଷି ଚୈତନ୍ୟ ଲାଭ କରିବା ସମ୍ବନ୍ଧରେ ବର୍ଣ୍ଣନା ହୋଇ ନାହିଁ । ଯେଉଁ ବାରଜଣ ତପଃ ଲୋକରେ ଥାଇ ଚୈତନ୍ୟ ପ୍ରାପ୍ତ ହେବେ, ସେମାନେ ହେଲେ- ୧- ସୁର୍ଧନା, ୨-ବାରରୁଚି, ୩-ନିତମୁଜ, ୪-ଅଳାଦୃତ, ୫-ମାନସୂର୍ଯ୍ୟ, ୬-କଳିଦୃଷ୍ଟା, ୭-ବୟନ୍ନାନ୍ତ, ୮-ବୃତନ୍ନାୟ, ୯-ରୌଦ୍ରୀଭ, ୧୦-ବୃଭାନ୍ତକ, ୧୧-ଧନୁସୌରୀ, ୧୨-ମୁଷଳାନ୍ତ । ମର୍ତ୍ତ ଚୈତନ୍ୟରେ ନିର୍ବିକଳ୍ପରେ ପହଞ୍ଚିବାକୁ ଯାଉଥିବା ସାଧୁମାନେ ହେଲେ, ୧-ଅବନି, ୨-ସାର୍ଥକବନ୍ତ, ୩-କୃପାରଣୀ, ୪-ଅନନ୍ତଦାସ, ୫-କଳିସୁର, ୬-ମୌନିବନ୍ତ, ୭-ଶୁଭ୍ରାବନ୍ତ ।

ଆଜି ହେଉଛି ସେହି ପବିତ୍ର ଦିବସ । ପଞ୍ଚଦିନ ବ୍ୟାପି ଏହି ମହୋତ୍ସବ ସତ୍ୟଯୁଗରୁ ଅପେକ୍ଷା କରି ରହିଥିବା ଭକ୍ତ ପୂଣ୍ୟଭୂମିର ଇଚ୍ଛା ପୂର୍ଣ୍ଣ କରିବା ସଂଗେ ସଂଗେ ଜଗତ୍‌ବାସୀଙ୍କୁ ସ୍ମରଣ କରାଇ ଦେଉଛି ଯେ, ଭାବର ଦୃଢ଼, ଭକ୍ତିରେ ଅଟଳ, ବିଶ୍ୱାସରେ ଜୟୀ, ପତିସେବାରେ ପତ୍ନୀର ବ୍ରତ, ସୁଚିନ୍ତନ, ଅନାବିଳ ପ୍ରେମ ଆଦି ସୁଗୁଣର ଅଧିକାରୀ ହେଲେ କିପରି ଅସାଧ ସାଧନ ହୁଏ ଏବଂ ସେ ବ୍ୟକ୍ତି ନିକଟରେ ଜଗତ୍‌ପତି କିପରି ଏକ ବାଧ କର୍ଅଁଳ ଶିଶୁ ପରି ବ୍ୟକ୍ତ ହୋଇ ସବୁଦିନ ପାଇଁ ବନ୍ଦୀ ହୋଇ ରହିଯାଆନ୍ତି ।

ବର୍ତ୍ତମାନ ଘୋର କଳିର ଅଖଣ୍ଡ ରାଜତ୍ୱରେ ଧରିତ୍ରୀ ତ୍ରାହି ତ୍ରାହି ଡ଼ାକ ଦେଉଛି । ଅମୃତର ସନ୍ତାନ ହୋଇ ମଧ୍ୟ ମାୟା, ମୋହ ରୂପକ ବିଷପାନ କରି ଜୀବ ତାର ସମସ୍ତ ସୁଗୁଣ ପରିହାର କରି କାଳଚକ୍ରର ପ୍ରଭାବରେ ସ୍ୱାର୍ଥପରତା, କାମାନ୍ଧତା, ଲୋଭ, ହିଂସା, କ୍ରୋଧ, ପରଶ୍ରୀକାତରତା ଆଦି କୁଗୁଣକୁ ଅତି ନିଜର କରି ନେଇଛି ।

କଲ୍ୟାଣମୟୀ ଜନନୀ ଅନୁସୂୟାଙ୍କ ପୂଣ୍ୟ ଓ ବର ବଳରେ ଆଜି ସମସ୍ତ ଅସୂୟତା, ଅଶୁଦ୍ଧତା ପରିବର୍ତ୍ତେ ଧରାପୃଷ୍ଠରେ ଶୁଦ୍ଧସୂୟ ଭାବର ପ୍ରତିଷ୍ଠା ପାଇଁ ଯେଉଁ "ଶୁଦ୍ଧସୂୟାଯଜ୍ଞ" ଅନୁଷ୍ଠିତ ହେଉଅଛି, ସେହି ଯଜ୍ଞାହୂତିର ଧୂମ୍ରକୁଣ୍ଡଳୀରେ ସମସ୍ତ କୁଭାବର ଅବସାନ ଘଟୁ ଓ ସୁଭାବର ପୁନଃ ପ୍ରତିଷ୍ଠା ହୋଇ ସନାତନ କେତନର ମର୍ଯ୍ୟାଦା ଅତୁଟ ରହୁ । ଶ୍ରୀସ୍ୱାମୀଙ୍କ ଶ୍ରୀପୟରରେ ଏତିକି ଅଳି ନିବେଦନ କରି ବିଦାୟ ନେଉଛୁ ।

ଇଚ୍ଛାମୟଙ୍କର ମଙ୍ଗଳଇଚ୍ଛା ହିଁ ପୂର୍ଣ୍ଣ ହେଉ ।

**ଓଁ ଶାନ୍ତି ! ଓଁ ଶାନ୍ତି !! ଓଁ ଶାନ୍ତି !!!**

**ସ୍ୱର୍ଣ୍ଣକ୍ଷେତ୍ର**

**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ**

**ଅଚ୍ୟୁତଗୁପ୍ତ ବ୍ରହ୍ମସଂଘ, ମାହାଙ୍ଗା,**

**କଟକ**

❖❖❖

ଆମର ଲକ୍ଷ୍ୟ : ଚରମପ୍ରାପ୍ତି